ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-93 ♦FRIDAY ♦26 SEPTEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୯୩ ♦ଶୁକ୍ରବାର ♦୨୬ ସେପ୍ଟେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




ନବରାତ୍ର ପୂଜାର ଚତୁର୍ଥ ଦିନରେ ମା' କଟକଚଣ୍ଡୀଙ୍କ ବନଦୁର୍ଗା ବେଶ





| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗ୍ସ 22 ସେପ୍ଟେମ୍ବର 2025 ଠାରୁ ପ୍ରଯୁଜ୍ୟ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି 100% GST ବେନିଫିଟ୍ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ତଦ୍‌ଜନିତ ଯଥାପ୍ରଯୁଜ୍ୟ RTO କରରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍ସ୍ୟୋରାନ୍ସ (OD) । ଅଞ୍ଚଳ ଅନୁସାରେ ଶୂନ୍ୟ PF ଆଉ OD ରେ ସଞ୍ଚୟ, ଫାଇନାନ୍ସର୍/ଇନ୍ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ବଦଳିପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

# ସାଧାରଣ ୱାର୍ଡକୁ ସ୍ଥାନାନ୍ତର ହେଲେ ମଜୁମଦାର୍



ଭୁବନେଶ୍ୱର, ୨୫।୯ (ସମିସ): ଓଲିଉଡ୍‌ର ଚର୍ଚ୍ଚିତ ଗୀତିକାର ଅଭିଜିତ ମଜୁମଦାର୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ଆଜି ଏମ୍ସର ସ୍ୱତନ୍ତ୍ର ଡାକ୍ତର ଟିମ୍ ତାଙ୍କୁ ଆଇସିୟୁରୁ ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତର କରିଛନ୍ତି। ଅଭିଜିତଙ୍କ ଯକୃତ (ଲିଭର) ଏବଂ ଶରୀରର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପରିଚାଳନାରେ ମଧ୍ୟ ପୂର୍ବାପେକ୍ଷା ସୁଧାର ଆସିଛି ବୋଲି ଏମ୍ସ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ତାଙ୍କ ଚିକିତ୍ସା ସହ ଫିଜିଓଥେରାପି କରାଯାଉଛି। ସୂଚନା ଅନୁସାରେ, ଶ୍ରୀ ମଜୁମଦାର ଲିଭର୍‌ଜନିତ ରୋଗରେ ପୀଡ଼ିତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନହେବାରୁ ଗତ ୪ତାରିଖରେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ଟ୍ରମାକେୟାର୍‌ରେ ରଖାଯାଇ ଚିକିତ୍ସା କରାଯିବା ପରେ କ୍ରିଟିକାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଶରୀରରେ ସୋଡିୟମ୍‌ର ମାତ୍ରା କମିବା ସହ ନିଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ହେଉଥିଲା।

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସମୟ ପୂର୍ବରୁ ପ୍ରତ୍ୟାହାର ହୋଇପାରିବ ଫିକ୍ସଡ୍ ଡିପୋଜିଟ୍

କଟକ, ୨୫।୯ (ସମିସ): ବିବାହରେ ଆବଶ୍ୟକତା ପାଇଁ ପୋଷ୍ଟାଲ ବ୍ୟାଙ୍କ ଫିକ୍ସଡ୍ ଡିପୋଜିଟ୍‌କୁ ଅସମୟରେ ବା ସମୟ ପୂର୍ବରୁ ପ୍ରତ୍ୟାହାରକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ହିନ୍ଦୁ ଆଇନ ଅନୁସାରେ ବିବାହ ଏକ ପାରମ୍ପରିକ ଆବଶ୍ୟକତା। ଏଣୁ ନିୟମଗତ ପ୍ରତିବନ୍ଧକ ଦର୍ଶାଇ ଏଥିପାଇଁ ଜଣଙ୍କୁ ନିଜ ସମ୍ପତ୍ତିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ପରିବାରରେ ବିବାହର ଖର୍ଚ୍ଚ ବହନ କରିବା ପାଇଁ ଜଣେ ମହିଳା ଫିକ୍ସଡ୍ ଡିପୋଜିଟ୍ ପାଇଁ ବିନିଯୋଗ କରିଥିବା ଟଙ୍କାକୁ ମାଚୁରିଟି ସମୟ ପୂର୍ବରୁ ପ୍ରତ୍ୟାହାର କରିବାକୁ ଅନୁମତି ଦେବାକୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରିୟଦର୍ଶିନୀ ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କୃଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟ କହିଛନ୍ତି, ହିନ୍ଦୁ ଆଇନରେ ବିବାହ ଏକ ପାରମ୍ପରିକ ଆବଶ୍ୟକତା ଭାବେ ସ୍ୱୀକୃତିପ୍ରାପ୍ତ। ତେଣୁ ଏହା ଯୁକ୍ତି କରାଯାଇପାରିବ ନାହିଁ ଯେ ଆବେଦନକାରୀଙ୍କ ଏଥିପାଇଁ ପାଣ୍ଠିର ଆବଶ୍ୟକତା ନାହିଁ। ଶେଷରେ, ଜମା ହୋଇଥିବା ଅର୍ଥ ସେହି ସଂସ୍ଥାର ନୁହେଁ, ଯାହାକୁ ଜମାକାରୀ ଜମା ରଖିଥାଏ। ଏଥିସହ ଦୁଇ ସପ୍ତାହ ମଧ୍ୟରେ ଉକ୍ତ ଫିକ୍ସଡ ଡିପୋଜିଟ୍ ପ୍ରତ୍ୟାହାର କରିବାକୁ ଆବେଦନକାରୀଙ୍କୁ ଅନୁମତି ଦେବା ପାଇଁ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରୁ ବିଳମ୍ବ ଘଟିଲେ, ସମ୍ପୃକ୍ତ ଡାକ କର୍ତ୍ତୃପକ୍ଷ ୧ ପ୍ରତିଶତ ହାରରେ ସୁଧ ଦେବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

# ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀଙ୍କୁ ୨ବର୍ଷ ଜେଲ୍

କଟକ, ୨୫।୯ (ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗର ପ୍ରାକ୍ତନ (ଅବସରପ୍ରାପ୍ତ) ଚକବନ୍ଦି ଅଧିକାରୀ ବିଷ୍ଣୁପଦ ଗ୍ରହାଚାର୍ଯ୍ୟ (ଓଏଏସ)ଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା ୧୩(୨)/୧୩(୧)(ଇ) ଅନୁସାରେ ୨ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଶ୍ରୀ ଗ୍ରହାଚାର୍ଯ୍ୟ କୁଜଙ୍ଗରେ ଚକବନ୍ଦି ଅଧିକାରୀ ଥିବା ବେଳେ ତାଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଥିଲା। ପରେ ଶ୍ରୀ ମିଶ୍ର ଚାକିରିରୁ ଅବସର ନେଇଥିଲେ ମଧ୍ୟ ଭିଜିଲାନ୍ସ ମାମଲା ବିଚାରାଧୀନ ଥିଲା। ବାଲେଶ୍ୱର ଭିଜିଲାନ୍ସ ଡିଭିଜନର ପ୍ରାକ୍ତନ ଇନ୍ସପେକ୍ଟର୍ ଏ.ଏନ୍ ମହାନ୍ତି ଏହି ମାମଲାର ତଦନ୍ତ କରିଥିଲେ। ପ୍ରସିକ୍ୟୁସନ୍ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ରାକେଶ ସାହୁ ଓ ଜ୍ୟୋତିପ୍ରକାଶ ମହାପାତ୍ର ମାମଲା ପରିଚାଳନା କରୁଥିଲେ। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଚକବନ୍ଦି ଅଧିକାରୀଙ୍କ ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ

# ଭିଜିଲାନ୍ସ ଜାଲରେ ଟିପିସିଓଡିଏଲ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର, ୨୫।୯(ସମିସ): ଲାଞ୍ଚ ନେଇ ଭୁବନେଶ୍ୱର ଟିପିସିଓଡିଏଲ୍-୧ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ରାୟ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସପକ୍ଷରେ ରିପୋର୍ଟ ଦେବାକୁ ଜଣେ ଠିକାଦାରଙ୍କଠାରୁ ସେ ୨୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ତାଙ୍କ ଘର ପାଖ ଏକ ପାର୍କରୁ କାବୁ କରିଛନ୍ତି। ପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କ ଘର ସମେତ ୪ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ଉ କରିଛି। ତାଙ୍କ ଘରୁ ନଗଦ ୯ଲକ୍ଷ ୫୩ ହଜାର ଟଙ୍କା ଜବତ ହୋଇଥିବା ଜଣାଯାଇଛି।

ଅଭିଯୋଗକାରୀ ଠିକାଦାର ତାଙ୍କ ସପକ୍ଷରେ ଚୂଡ଼ାନ୍ତ ରିପୋର୍ଟ ଦେବାକୁ ଗତ ଦୁଇ ମାସ ଧରି ଯନ୍ତ୍ରୀ ଶ୍ରୀ ରାୟଙ୍କୁ ବାରମ୍ବାର ଅନୁରୋଧ କରୁଥିଲେ। କିନ୍ତୁ ୨୦ ହଜାର ଟଙ୍କା ନଦେଲେ ରିପୋର୍ଟ ଦେବେ ନାହିଁ ବୋଲି ଯନ୍ତ୍ରୀ ମନା କରିଦେଇଥିଲେ। ଗତକାଲି ସନ୍ଧ୍ୟାରେ ଅଭିଯୋଗକାରୀ ଠିକାଦାର ଯନ୍ତ୍ରୀଙ୍କ ବାସଭବନ ନିକଟରେ ପହଞ୍ଚିଥିଲେ। ପରେ ଯନ୍ତ୍ରୀ ତାଙ୍କ ଘର ନିକଟରେ ଥିବା ଏକ ପାର୍କକୁ ଡାକିଥିଲେ। ସେଠାରେ ତାଙ୍କଠାରୁ ୨୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ।

୨୦ ହଜାର ଲାଞ୍ଚ ନେବାବେଳେ ଧରାପଡ଼ିଲେ



## ଗଜପତିର ୧୭ ପ୍ରକଳ୍ପରୁ ପାଣି ଶୋଷୁଛି ଆନ୍ଧ୍ର

# ୩୩ ବର୍ଷରେ ଟଙ୍କାଟିଏ ବି କର ପୈଠ କରିନି

ପାରଳାଖେମୁଣ୍ଡି,୨୫।୮(ସମିସ): ବର୍ଷବର୍ଷ ଧରି ଓଡ଼ିଶାର ପାଣି ଶୋଷୁଛି। ଗୋଟିଏ କି ଦୁଇଟି ନୁହେଁ, ୧୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ବର୍ଷତମାମ ପାଣି ନେଇ ଧାନ, ମୀନ, ପରିବା ଚାଷ କରି ନିଜ ଆର୍ଥିକ ମେରୁଦଣ୍ଡକୁ ମଜଭୁତ କରୁଛି। କିନ୍ତୁ ଜଳକର ବାବଦକୁ ଟଙ୍କାଟିଏ ବି ଦେଉନାହିଁ। ସେପଟେ ବକେୟା ଗଡ଼ିଗଡ଼ି

■ ଜଳକର ଚୁକ୍ତି ଖିଲାପ କରୁଛି ଆନ୍ଧ୍ର
■ ୪ କୋଟି ୩୨ଲକ୍ଷ ୮୧ହଜାର ୨୧୧ଟଙ୍କା ବକେୟା ଗଡ଼ୁଛି

୪ କୋଟି ପାର୍ ହୋଇଗଲାଣି। ଓଡ଼ିଶାର ଜଳ, ଜମି, ଜଙ୍ଗଲ ଉପରେ ଲୋଲୁପଦୃଷ୍ଟି ପକାଇ ଆସୁଥିବା ପଡ଼ୋଶୀ ଆନ୍ଧ୍ରର ଆଉ ଏକ ଦାଦାଗିରି ଏବେ ସାମ୍ନାକୁ ଆସିଛି। ଉଦ୍‌ବେଗର କଥା ହେଲା, ନିଜ ଆଡ଼ୁ କରିଥିବା ଚୁକ୍ତିକୁ ଆନ୍ଧ୍ର ଭାଙ୍ଗିଚାଲିଥିଲେ ହେଁ ଓଡ଼ିଶା ସରକାର ଏହାକୁ ନେଇ କୌଣସି ଠୋସ୍ ପଦକ୍ଷେପ ନେଉନାହାନ୍ତି।

ଆନ୍ଧ୍ରକୁ ଲାଗି ରହିଛି ଗଜପତି ଜିଲ୍ଲା ଦେଇ ପ୍ରବାହିତ ବଂଶଧାରା ଓ ମହେନ୍ଦ୍ରତନୟା ନଦୀ। ଏହି ଦୁଇ ନଦୀର ଜଳ ବ୍ୟବହାରକୁ ନେଇ ଅତୀତରେ ବିବାଦ ଉପୁଜିବାରୁ କଥା ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଛି। ତେବେ, ଆର୍ଥିକ ବର୍ଷ ୧୯୮୮-୮୯ରେ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଚୁକ୍ତି ମୁତାବକ, ଓଡ଼ିଶାର ଜଳସେଚନ ପ୍ରକଳ୍ପଗୁଡ଼ିକରୁ ଯେଉଁ ପାଣି ଆନ୍ଧ୍ରକୁ ଯିବ, ସେ ବାବଦକୁ କର ଓଡ଼ିଶାକୁ ପୈଠ କରିବ ଆନ୍ଧ୍ର। କିନ୍ତୁ ଚୁକ୍ତି ମୁତାବକ ଆନ୍ଧ୍ର ଜଳକର ପୈଠ କରୁନାହିଁ। ପ୍ରକଳ୍ପ ଆରମ୍ଭଠାରୁ ଆନ୍ଧ୍ର କର ଦେଉନାହିଁ। ଫଳରେ, ଆର୍ଥିକ ବର୍ଷ ୨୦୨୧-୨୨ ସୁଦ୍ଧା ମୋଟ ୪ କୋଟି ୩୨ଲକ୍ଷ ୮୧ ହଜାର ୨ଶହ ୧୧ଟଙ୍କାର ଜଳକର ଆନ୍ଧ୍ର ଉପରେ ଗଡ଼ୁଛି। ଏହାର ପରବର୍ତ୍ତୀ ବର୍ଷଗୁଡ଼ିକର ତଥ୍ୟ ନବୀକରଣ ହୋଇନାହିଁ। ବର୍ତ୍ତମାନ ୨୦୨୫ ବର୍ଷ ଚାଲିଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏହାର ପୁନଃ ଆକଳନ କରାଯାଇନାହିଁ। ଆହୁରି ଉଦ୍‌ବେଗଜନକ କଥା ହେଲା, ୧୭ ପ୍ରକଳ୍ପ ମଧ୍ୟରେ ବୁରୁଗାମଟେଙ୍କ୍, ବୁରୁଗାମନାଳ, ଲକ୍ଷ୍ମୀସାଗର ଓ ରାଧାସାଗର, ଲକ୍ଷ୍ମୀସାଗର ଓ ବୁରୁଗାମଗଡ଼ା ସ୍ଥାନିତ ହୋଇଥିଲେ ମଧ୍ୟ କେତେ ଏକର ପାଇଁ ଏହି ପ୍ରକଳ୍ପ ଉଦ୍ଦିଷ୍ଟ ଏବଂ ଏଥିରୁ ଆନ୍ଧ୍ରକୁ କେତେ ଓ ଓଡ଼ିଶାକୁ କେତେ ଜଳସେଚିତ ହେଉଛି, ତାହାର ତଥ୍ୟ ମଧ୍ୟ ଜଳସେଚନ ବିଭାଗ ନିକଟରେ ନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ, ଆନ୍ଧ୍ର ଉପରେ ବକେୟା ଥିବା ଜଳକର ବାବଦ ତଥ୍ୟ ପାଇଁ ଗଜପତି ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଗ ବାରମ୍ବାର ଓଡ଼ିଶା କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟକୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କୌଣସି ତଥ୍ୟ ଦେଉନଥିବା ଜଣାପଡ଼ିଛି।



| ପ୍ରକଳ୍ପ | ଜଳସେଚନ କ୍ଷମତା | ଓଡ଼ିଶା | ଆନ୍ଧ୍ରପ୍ରଦେଶ |
|---|---|---|---|
| ଆଲତୀନାଳ | ୩୩୭.୫୭ ଏକର | ୧୩୭.୫୧ଏକର | ୨୦୦ ଏକର |
| ବାଇଝାଲନାଳ | ୧୬୪୬.୯୩ଏକର | ୭୫୭.୨୫ ଏକର | ୮୭୯.୯୫ ଏକର |
| ଗୁମ୍ମାଗଡା ନାଳ | ୭୨୧.୨୭ ଏକର | ୯୮.୩୪ ଏକର | ୫୨୨.୯୩ ଏକର |
| କାଲୁଆନାଳ | ୧୬୫୪.୨୫ଏକର | ୧୧୯୭.୫୯ଏକର | ୪୫୬.୬୬ ଏକର |
| କୃଷ୍ଣସାଗ | ୪୯୭୯.୫୬ଏକର | ୪୫୧୫.୩୧ ଏକର | ୪୬୪.୨୫ଏକର |
| ମହେନ୍ଦ୍ରତନୟା | ୪୮୭୨.୭୬ଏକର | ୩୨୩୦ ଏକର | ୧୧୪୭.୭୬ଏକର |
| ନୀଳନାଳ ଓ ଶିରିଧାନାଳ | ୧୧୪୮.୧୨ଏକର | ୬୧୭.୫୭ ଏକର | ୫୩୦.୫୫ଏକର |
| ରାଧାସାଗର | ୭୦୩.୬୦ ଏକର | ୧୭୯.୨୯ଏକର | ୫୨୪.୩୧ଏକର |
| ରାମସାଗର | ୬୩୭.୦୩ ଏକର | ୬୩୬.୫୯ ଏକର | ୦.୪୪ଏକର |
| ସୀତାସାଗର | ୬୬୩.୯୭ଏକର | ୪୮୯.୧୨ଏକର | ୧୭୪.୮୫ଏକର |

## ଟିକା ଦେବାରେ ଭୁଲ୍: ଚାଲିଗଲା ଶିଶୁପୁତ୍ରର ଜୀବନ

# ହସ୍ପିଟାଲରେ ପୁଲିସ-ସମ୍ପର୍କୀୟ ମୁହାଁମୁହିଁ

ନୟାଗଡ଼, ୨୫।୯(ସମିସ): ଅଢ଼େଇ ମାସର ଏକ ଶିଶୁର ମୃତ୍ୟୁକୁ ନେଇ ଆଜି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିସ୍ଫୋରକ ସ୍ଥିତି ଦେଖିବାକୁ ମିଳିଛି। ଶିଶୁର ପରିବାର ଓ ପୁଲିସ୍ ମଧ୍ୟରେ ଧସ୍ତାଧସ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ସୂଚନାନୁସାରେ, ନୟାଗଡ଼ ସଦର ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ରାଉତରାପୁର ଗ୍ରାମର ଜିତେନ୍ଦ୍ର ଦଳେଇଙ୍କ ଅଢ଼େଇ ମାସର ଶିଶୁପୁତ୍ରକୁ ବୁଧବାର ନିକଟସ୍ଥ ଏଏନ୍‌ଏମ୍ ସେଣ୍ଟରକୁ ନିଆଯାଇଥିଲା। ସେଠାରେ ଟିକା ଦେବା ବେଳେ ଶିଶୁଟିର ଉକ୍ତ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା। ଦୀର୍ଘ ସମୟ ଧରି ରକ୍ତ ବନ୍ଦ ନ ହେବାରୁ ପରିବାରଲୋକେ ବୁଧବାର ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତା'ର ବ୍ୟାଣ୍ଡେଜ୍ କରି ଘରକୁ ପଠାଇ ଦିଆଯାଇଥିଲା। କିନ୍ତୁ ଶିଶୁପୁତ୍ରର ଅବସ୍ଥା ଧୀରେଧୀରେ ବିଗିଡ଼ିଥିଲା। ତେଣୁ ଆଜି ପୁଣି ପରିବାରଲୋକ ଶିଶୁଟିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ସେଠାରେ ଉପଯୁକ୍ତ ଚିକିତ୍ସା ମିଳି ନଥିଲା ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି। ଶିଶୁକୁ ଭୁବନେଶ୍ୱର ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ଏହାର କିଛି ସମୟ ମଧ୍ୟରେ ଶିଶୁଟିର ଜୀବନ ଚାଲିଯାଇଥିଲା। ଏହାକୁ ନେଇ ଶିଶୁର ପରିବାର ଓ ସମ୍ପର୍କୀୟମାନେ



ଡାକ୍ତରଖାନା ପରିସରରେ ହୋ-ହଲ୍ଲା କରିଥିଲେ। ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ପ୍ରମୁଖ ସଦଳବଳେ ସେଠାରେ ପହଞ୍ଚିଥିଲେ। ସେଠାରେ ପୁଲିସ ଓ ସମ୍ପର୍କୀୟଙ୍କ ମଧ୍ୟରେ ମୁହାମୁହିଁ ଓ ଠେଲାପେଲା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ସ୍ଥିତି ନିୟନ୍ତ୍ରଣ କରିଥିଲେ ହେଁ ଶିଶୁର ପରିବାରଲୋକ ଡାକ୍ତରଖାନା ପରିସରରେ ଧାରଣା ଦେଇଥିଲେ। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ, ବରିଷ୍ଠ ଭେଷଜ ବିଶେଷଜ୍ଞ ଶତ୍ରୁଘ୍ନ ନାୟକ ଘଟଣାସ୍ଥଳରେ ପହଞ୍ଚି ପରିବାରଲୋକଙ୍କୁ ବୁଝାସୁଝା କରିଥିଲେ। ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯିବ ଏବଂ କମିଟିର ତଦନ୍ତ ଆଧାରରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅପରପକ୍ଷେ, ପରିବାରଲୋକଙ୍କ ଅଭିଯୋଗ ଆଧାରରେ ବୋଦାପଡ଼ା ଏଏନ୍‌ଏମ୍ ସାଗରିକା ମିଶ୍ରଙ୍କ ନାମରେ ନୟାଗଡ଼ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି।

ପ୍ରକାଶଯୋଗ୍ୟ, କିଛି ଦିନ ତଳେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାତୃ ଓ ଶିଶୁ ଚିକିତ୍ସାଳୟ କୋଠାରେ ବାଲୁଗାଁ ଅଞ୍ଚଳର ଜଣେ ମହିଳା ଓ ଗର୍ଭସ୍ଥ ଶିଶୁଙ୍କ ଚିକିତ୍ସା ଅବହେଳାରୁ ଜୀବନ ଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଡାକ୍ତର ରବୀନ୍ଦ୍ର ସାହୁଙ୍କୁ ନିଲମ୍ବନ କରାଯାଇଥିଲା। ତଥାପି ନୟାଗଡ଼ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ କୌଣସି ସୁଧାର ଆସୁନଥିବା ଅଭିଯୋଗ ହେଉଛି। ନିର୍ବାଚିତ ଜନପ୍ରତିନିଧିମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ସୁସ୍ଥ ସ୍ୱାସ୍ଥ୍ୟସେବାର ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ ଦେଖିବାକୁ ମିଳୁଛି।

## ବିଧାନସଭା ନିର୍ବାଚନ

# ଧର୍ମେନ୍ଦ୍ରଙ୍କୁ ବିହାର, ବୈଜୟନ୍ତଙ୍କୁ ତାମିଲନାଡୁ ଦାୟିତ୍ୱ





ଭୁବନେଶ୍ୱର, ୨୫।୯(ସମିସ): ଆଗାମୀ ବିହାର ଓ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ବିଜେପି ଓଡ଼ିଶାର ଦୁଇ ନେତାଙ୍କୁ ବଡ଼ ଦାୟିତ୍ୱ ଦେଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିହାରର ପ୍ରଭାରୀ ଦାୟିତ୍ୱ ମିଳିଛି। ଧର୍ମେନ୍ଦ୍ରଙ୍କ ସହ ଉତ୍ତରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ କେନ୍ଦ୍ରମନ୍ତ୍ରୀ ସିଆର୍ ପାଟିଲଙ୍କୁ ମଧ୍ୟ ଦଳ ସହ ପ୍ରଭାରୀ ଭାବେ ଦାୟିତ୍ୱ ଦେଇଛି। ସେହିପରି କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଦଳ ତାମିଲନାଡୁ ନିର୍ବାଚନର ପ୍ରଭାରୀ ଦାୟିତ୍ୱ ଦେଇଛି। ଆସନ୍ତା ୨୦୨୬ମସିହାରେ ତାମିଲନାଡୁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

# ୨ରୁ ବିଜେଡିର ଜନସଂପର୍କ ପଦଯାତ୍ରା

ଭୁବନେଶ୍ୱର, ୨୫।୯(ସମିସ): ଜନସଂପର୍କ ପଦଯାତ୍ରା ପାଇଁ ଗୁରୁବାର ଶଙ୍ଖ ଭବନରେ ବିଜୁ ଜନତା ଦଳ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ଏଥର ମାସେବ୍ୟାପୀ ପଦଯାତ୍ରା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅକ୍ଟୋବର ୨ ତାରିଖ ଅର୍ଥାତ୍ ଗାନ୍ଧୀ ଜୟନ୍ତୀରୁ ନଭେମ୍ବର ୨ ତାରିଖ ଯାଏଁ ସମସ୍ତ ନିର୍ବାଚନମଣ୍ଡଳୀରେ ପଦଯାତ୍ରା ଅନୁଷ୍ଠିତ ହେବ ଏବଂ ସରକାରଙ୍କ ବିଫଳତା ନେଇ ରାଜ୍ୟବାସୀଙ୍କୁ ସଚେତନ କରାଯିବ। ପୂର୍ବରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଅକ୍ଟୋବର ୧୧ ଜୟପ୍ରକାଶ ନାରାୟଣ ଜୟନ୍ତୀ ଯାଏଁ ବିଜେଡି ପଦଯାତ୍ରା କରୁଥିଲା। ଆବଶ୍ୟକସ୍ଥଳେ ଏହାକୁ ଦ୍ୱିତୀୟ ପର୍ଯ୍ୟାୟରେ ସମ୍ପ୍ରସାରିତ କରାଯାଉଥିଲା। ଚଳିତଥର ପ୍ରଥମରୁ ହିଁ ଏହାକୁ ମାସେବ୍ୟାପୀ କରିବାକୁ ନିଷ୍ପତ୍ତି ନିଆଯାଇଛି।

ମାସେବ୍ୟାପୀ ପଦଯାତ୍ରାରେ ସରକାରଙ୍କ ବିଫଳତାକୁ ଉଜାଗର କରିବ ଦଳ

ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାକୁ ଲକ୍ଷ୍ୟ କରି ସରକାରଙ୍କ ବିଫଳତା ନେଇ ଅଧିକରୁ ଅଧିକ ଲୋକଙ୍କୁ ଜନସଂପର୍କ ପଦଯାତ୍ରା ମାଧ୍ୟମରେ ସଚେତନ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ବିଜେଡି ପକ୍ଷରୁ କୁହାଯାଇଛି, ଗତ ୧୫ ମାସରେ ରାଜ୍ୟର ସାମ୍ପ୍ରତିକ ସ୍ଥିତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ଜନବିରୋଧୀ କାର୍ଯ୍ୟ, ସରକାରଙ୍କ ଅସଲ ଚରିତ୍ରକୁ ପଦାରେ ପକାଇଛି। ବିଶେଷକରି ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିପରି, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ବାବୁରାଜ, ଚାଷୀଙ୍କୁ ସାର କଷଣ ଆଦି ନାନା ସମସ୍ୟାରେ ରାଜ୍ୟବାସୀ ସନ୍ତୁଳି ହେଉଛନ୍ତି।

ଅପରପକ୍ଷେ, ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବାରମ୍ବାର କେନ୍ଦ୍ରକୁ ଓଡ଼ିଶାର ନ୍ୟାଯ୍ୟ ଅଧିକାର ପାଇଁ ଦାବି କରିଆସୁଥିଲେ। ହେଲେ ରାଜ୍ୟରେ ଏବେ ବିଜେପି ସରକାର ଥିବା ସତ୍ତ୍ୱେ ଓଡ଼ିଶାକୁ କେନ୍ଦ୍ର ଅବହେଳା ବଢ଼ିବାରେ ଲାଗିଛି। ଏହା ବିରୋଧରେ ବିଜେଡି ଲଢ଼େଇ ଜାରି ରଖିବାକୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ୧୮ ଲକ୍ଷ ଟଙ୍କା ଆତ୍ମସାତ୍

# ପୂର୍ବତନ ସିଡିଭିଓ ଓ ପରିସଂଖ୍ୟାନ ଗଣନାକାରୀ ଗିରଫ





ନୂଆପଡ଼ା,୨୫।୯(ସମିସ): ଜଳବାୟୁ ପରିବର୍ତ୍ତନ ପାଣ୍ଠିରୁ ୧୮ ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗରେ ନୂଆପଡ଼ା ଜିଲ୍ଲା ପ୍ରାଣୀଚିକିତ୍ସା ବିଭାଗର ପୂର୍ବତନ ସିଡିଭିଓ ତ୍ରିଲୋଚନ ଧଳ ଏବଂ ପରିସଂଖ୍ୟାନ ଗଣନାକାରୀ ଅଶୋକ କୁମାର ଦାଉଙ୍କୁ କୋରାପୁଟ ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସ ତଦନ୍ତରୁ ଜଣାଯାଇଛି ଯେ ତ୍ରିଲୋଚନ ଏବଂ ଅଶୋକ ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ଜଳବାୟୁ ପରିବର୍ତ୍ତନ ପାଇଁ ଜାତୀୟ ଅନୁକୂଳନ ପାଣ୍ଠି ଅଧୀନରେ ଆବଣ୍ଟିତ ୧୮ଲକ୍ଷ ଟଙ୍କାର ଅପବ୍ୟବହାର କରିଛନ୍ତି। ଅଭିଯୁକ୍ତଦ୍ୱୟ ସରକାରୀ ପାଣ୍ଠିକୁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ ଆକାଉଣ୍ଟକୁ ସ୍ଥାନାନ୍ତର କରି ହଡ଼ପ କରିଥିଲେ। ଉକ୍ତ ଅନୁଦାନ ଦୁଗ୍ଧ ଏବଂ ଛେଳି ଚାଷ ମାଧ୍ୟମରେ ହିତାଧିକାରୀଙ୍କ ଜୀବିକା ବୃଦ୍ଧି କରିବା ଏବଂ ପରିବେଶ ସୁରକ୍ଷା ପାଇଁ ମଞ୍ଜୁର ହୋଇଥିଲା। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଦୁହିଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଉଲ୍ଲେଖଯୋଗ୍ୟ, ନୂଆପଡ଼ାରେ କାର୍ଯ୍ୟକାଳ ସମୟରେ ତ୍ରିଲୋଚନ ଲକ୍ଷାଧିକ ଟଙ୍କା ନେଇ ଘରକୁ ଯାଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ି ଜେଲ ଯାଇଥିଲେ। ତାଙ୍କ ଉପରେ ଥିବା ଅନ୍ୟାନ୍ୟ ମାମଲାଗୁଡ଼ିକର ତଦନ୍ତ ବେଳେ ଏହି ୧୮ ଲକ୍ଷ ଆତ୍ମସାତ ପଦାକୁ ଆସିଥିଲା।

## ୨୭-୨୮ ରେ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ

# ଯୋଗଦେବେ ପ୍ରଧାନବିଚାରପତିଙ୍କ ସମେତ ୧୭ ମୁଖ୍ୟ ବିଚାରପତି

ଭୁବନେଶ୍ୱର, ୨୫।୯(ସମିସ): ମଧ୍ୟସ୍ଥତା ମାଧ୍ୟମରେ କୌଣସି ସମସ୍ୟାର ସମାଧାନ ମହାଭାରତ ଯୁଗରୁ ରହିଛି। ଏହାକୁ ଆଧାର କରି ୨୦୨୩ରେ ଦେଶରେ ମେଡିଏସନ୍ ଆଇନ ଆସିଛି। ଏହି ଆଇନ ସଫଳ ଭାବେ କାର୍ଯ୍ୟକାରୀ ହେଲେ ଦେଶର ଅନେକ ଲୋକଙ୍କର କମ୍ ଖର୍ଚ୍ଚ ଓ ଖୁବ୍‌ଶୀଘ୍ର ମାମଲାଗୁଡ଼ିକ ସମାଧାନ ହୋଇପାରିବ। ଏହା ଦ୍ୱାରା ନ୍ୟାୟାଳୟ ଉପରେ ରହୁଥିବା ଚାପ ମଧ୍ୟ କମିବ ବୋଲି ଓଡ଼ିଶା ହାଇକୋର୍ଟର ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ଆସନ୍ତା ୨୭ ଓ ୨୮ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଜାତୀୟ ମେଡିଏସନ ସମ୍ମିଳନୀ ସମ୍ପର୍କରେ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବର୍ତ୍ତମାନ ନିମ୍ନ ଅଦାଲତରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଅନେକ ମାମଲା ବିଚାରାଧୀନ ରହିଛି। ଏହି ମାମଲାଗୁଡ଼ିକ ହ୍ରାସ କରିବା ପାଇଁ ୨୦୨୩ରୁ ମେଡିଏସନ୍ ଆଇନ ଆସିଛି। ଏଥିରେ ଅନେକ ମାମଲାକୁ ମଧ୍ୟସ୍ଥତା ମାଧ୍ୟମରେ ସମାଧନ ହେବାର ବ୍ୟବସ୍ଥା କରାଯାଇଛି।

ଏହି ଆଇନର ସୁଦୂରପ୍ରସାରୀ ପାଇଁ ୨୭ ଓ ୨୮ ତାରିଖରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଦ୍ୱିତୀୟ ଜାତୀୟ ମେଡିଏସନ୍ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି.ଆର୍ ଗଭାଇଙ୍କ ସମେତ ୧୭ଟି ରାଜ୍ୟର ହାଇକୋର୍ଟର ମୁଖ୍ୟ ବିଚାରପତି ଯୋଗଦେବେ। ଏହାସହ ହାଇକୋର୍ଟ ଓ ସୁପ୍ରିମକୋର୍ଟର ୪୦ରୁ ଊର୍ଦ୍ଧ୍ୱ ଜଜ୍-୧ ମଧ୍ୟ ଯୋଗଦେବେ। ସୁପ୍ରିମକୋର୍ଟର ୧୦ଜଣ ବିଚାରପତିଙ୍କ ସମେତ ୨୦୦ରୁ ଅଧିକ ମାନ୍ୟଗଣ୍ୟ ଅତିଥି ସାମିଲ ହେବେ। ୨୭ ତାରିଖ ସଂଧ୍ୟା ସାଢ଼େ ୬ଟାରେ ପ୍ରଧାନ ବିଚାରପତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏଥିରେ ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜାତୀୟ ଆଇନ ସେବା ପ୍ରାଧିକରଣର ଅଧକ୍ଷ ଆଟର୍ଣ୍ଣି ଜେନେରାଲ୍, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ରାଜ୍ୟ ଆଇନସେବା ପ୍ରାଧିକରଣର ଅଧକ୍ଷ ପ୍ରମୁଖ ଉପସ୍ଥିତ ରହିବେ। ଦ୍ୱିତୀୟ ଦିନରେ ଏହି ଆଇନର ବିଭିନ୍ନ ଦିଗକୁ ନେଇ ୫ଟି ଅଧିବେଶନ ଅନୁଷ୍ଠିତ ହେବ। ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ଆଇନମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖ ଯୋଗଦେବେ ବୋଲି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

■ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଅତିଥି
■ ଉଦ୍‌ଯାପନୀରେ କେନ୍ଦ୍ର ଆଇନ ଓ ଶିକ୍ଷା ମନ୍ତ୍ରୀ ଯୋଗଦେବେ



ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ରାଜ୍ୟରେ ଅନେକ ଜାତୀୟସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଉଛି। ଏହା ମଧ୍ୟସ୍ଥତା ଦିଗରେ ଦେଶକୁ ଏକ ଦିଗ୍‌ଦର୍ଶନ ଦେବ। ରାଜ୍ୟରେ ମଧ୍ୟ ଆଗକୁ ଗାଁମାନଙ୍କରେ ଛୋଟଛୋଟ ମାମଲାକୁ ମଧ୍ୟସ୍ଥତା ମାଧ୍ୟମରେ କିପରି ସମାଧାନ କରାଯାଇପାରିବ, ତାହା ଉପରେ ଦୃଷ୍ଟି ଦିଆଯାଉଛି। ରାଜ୍ୟ ସରକାର ଏ ବିଷୟରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ। ଏହି ସମ୍ମିଳନୀ ସମସ୍ତଙ୍କୁ ଆଗକୁ ବାଟ ଦେଖାଇବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

# ଆଜିଠୁ କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ

**ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ**

ଭୁବନେଶ୍ୱର,୨୫।୯(ସମିସ): କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଆସନ୍ତାକାଲି (ଶୁକ୍ରବାର) ଠାରୁ ଆରମ୍ଭ ହେବ। ପ୍ରଥମଥର ବିଶ୍ୱବିଦ୍ୟାଳୟ ପକ୍ଷରୁ ୩ ଦିନିଆ ସମାବର୍ତ୍ତନ ହେଉଛି। ଉତ୍ସବରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ଶାନ୍ତି ପୁରସ୍କାର ବିଜେତା ଉଇଦେଦ୍ ବୋଚାମାଉଇ, ଇଣ୍ଟରନ୍ୟାସନାଲ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ନ୍ୟାୟମୂର୍ତ୍ତି ଏ. ଅହମ୍ମଦ ୟୁସୁଫ୍ ଓ ନ୍ୟାୟମୂର୍ତ୍ତି ଦଲବୀର ଭଣ୍ଡାରିଙ୍କ ସମେତ ବିଶ୍ୱର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେବେ। ଏହି ଅବସରରେ ଗୁଆଟେମାଲା ଗଣରାଜ୍ୟ କଂଗ୍ରେସ ସଦସ୍ୟ ଡ. ଫିଡେଲ ରେୟସ୍ ଲି, ୱକହର୍ଡ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ଆଡଭୋକେଟ୍ ଡ. ହୁଜେଫା ଖୋରାକିୱାଲା, ଜର୍ମାନୀ ୟୁଥ୍ ଫର୍ ଅଣ୍ଡରଷ୍ଟାଣ୍ଡିଂ ଫାଉଣ୍ଡେସନର ପ୍ରତିଷ୍ଠାତା ନର୍ବର୍ଟ ସାଉର, ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ ସଞ୍ଜୟ ହାନ୍‌ସ, କମ୍ପିଟିସନ ସକସେସ୍ ରିଭ୍ୟୁର ଅଧକ୍ଷ ତଥା ସମ୍ପାଦକ ଏସ୍. କେ. ସଚଦେବା, ପ୍ରସିଦ୍ଧ ଚଳଚ୍ଚିତ୍ର ଓ ନାଟ୍ୟନିର୍ଦ୍ଦେଶକ ଅନନ୍ତ ମହାପାତ୍ର ପ୍ରମୁଖଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବ। ଏହାସହ ଚଳିତ ବର୍ଷ ୭୨୩୫ ସ୍ନାତକ ଛାତ୍ରଛାତ୍ରୀ, ୨୦୩୪ ସ୍ନାତକୋତ୍ତର ଏବଂ ୧୯୫ ପିଏଚଡି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଉତ୍ସବର ପ୍ରଥମ ଦିନରେ ମେଡିକାଲ୍ ସାଇନସେସ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବାକୁ ଥିବା ବେଳେ ଦ୍ୱିତୀୟ ଦିନ ଆଇନ ଓ ମ୍ୟାନେଜମେଣ୍ଟ ଏବଂ ତୃତୀୟ ଦିନରେ ଟେକ୍ନୋଲୋଜି ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ତିନିଦିନ ଧରି ପ୍ରମୁଖ ଅତିଥି ଭାବରେ ବିଶ୍ୱର ପ୍ରସିଦ୍ଧ ବ୍ୟକ୍ତିବିଶେଷ, ଆଇନ ବିଶାରଦ, ଶିକ୍ଷାବିତ୍, ନୋବେଲ ପୁରସ୍କାର ବିଜେତା ଏବଂ ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-93 • FRIDAY • 26 SEPTEMBER 2025 • PAGE-12 • ₹ 6.00 | SAMBALPUR | ବର୍ଷ-୪୩ • ସଂଖ୍ୟା-୯୩ • ଶୁକ୍ରବାର • ୨୬ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦




ଲିସା କେଟ୍‌ଲି 'ମୁମ୍ବାଇ' କୋଚ୍

▶ପୃଷ୍ଠା ୧୨ ଦେଖନ୍ତୁ...






### ସୃଷ୍ଟି ହେଲା ଆଉ ଏକ ଲଘୁଚାପ

# ଦକ୍ଷିଣକୁ ବର୍ଷା, ଉପକୂଳକୁ ବନ୍ୟା ଭୟ

- ୨୭ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଅବପାତ ବର୍ଷା
- ହୀରାକୁଦରୁ ୨୦ ଗେଟ୍‌ରେ ଜଳ ନିଷ୍କାସନ
- ଆଜି ମୁଣ୍ଡଳୀରେ ଯିବ ୬ ଲକ୍ଷ କ୍ୟୁସେକ୍



■ **ଭୁବନେଶ୍ୱର, ୨୫।୯ (ସମିସ):** ପଛକୁ ପଛ ଆସୁଥିବା ଲଘୁଚାପ ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ ଏବେ ଫୁଲିବାରେ ଲାଗିଛି। ଯଦିଓ ଗୁରୁବାର ଗୋଟିଏ ଲଘୁଚାପ ଦୁର୍ବଳ ହୋଇଛି, ହେଲେ ଗୁରୁବାର ସନ୍ଧ୍ୟା ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ସବୁଠୁ ଅଧିକ ବର୍ଷା ସମ୍ଭାବନା ରହିଛି। ମାତ୍ର ଗଲା ୨-୩ଦିନ ମଧ୍ୟରେ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦକୁ ପ୍ରବଳ ପାଣି ପ୍ରବେଶ କରୁଛି। ଫଳରେ ବର୍ତ୍ତମାନ ମହାନଦୀ ତଳମୁଣ୍ଡରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମଶଃ ଦୁର୍ବଳ ହୋଇ ଘୂର୍ଣ୍ଣିବଳୟରେ ପରିଣତ ହୋଇଛି। ଏହା ବର୍ତ୍ତମାନ ଉତ୍ତରପଶ୍ଚିମ ତତ୍‌ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଦକ୍ଷିଣ ଓଡିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପରେ ସକ୍ରିୟ ରହିଛି। ଏଥିସହ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ରହିଥିଲା। ଏହାର ପ୍ରଭାବରେ ଗୁରୁବାର ସନ୍ଧ୍ୟାରେ ଉତ୍ତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ନୂତନ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ଧୀରେଧୀରେ ପଶ୍ଚିମ ଦିଗକୁ ଗତି କରିବା ସହ ସେପ୍ଟେମ୍ବର ୨୬ରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ। ସେପ୍ଟେମ୍ବର ୨୭ରେ ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ରପ୍ରଦେଶ ନିକଟରେ ଏହା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷକରି, ▶ପୃଷ୍ଠା-୭

## ୧୮ ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ଏସ୍‌ଆର୍‌ସି

■ **ଭୁବନେଶ୍ୱର, ୨୫।୯ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶାରେ ବର୍ଷା ଓ ତତ୍‌ଜନିତ ସ୍ଥିତି ମୁକାବିଲା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି କ୍ରମରେ ଗୁରୁବାର ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର ଡି.କେ ସିଂ ଦକ୍ଷିଣଓଡ଼ିଶା ସମେତ ବର୍ଷା ଆଶଙ୍କା ଥିବା ୧୮ ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି। ଏଥିରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ନୂଆପଡା ଜିଲ୍ଲାର ଜିଲ୍ଲାପାଳମାନେ ଉପସ୍ଥିତ ରହି ନିଜ ନିଜ ଜିଲ୍ଲାର ସ୍ଥିତି ସମ୍ପର୍କରେ ଏସ୍‌ଆରସିଙ୍କୁ ଅବଗତ କରାଇଛନ୍ତି। ବୈଠକରେ ଜଳସଂପଦ ବିଭାଗର ସର୍ବୋଚ୍ଚ ▶ପୃଷ୍ଠା-୭

### ଭାରତରେ ପ୍ରଥମ

# ଟ୍ରେନ୍‌ରୁ 'ଅଗ୍ନି' ପରୀକ୍ଷା



■ **ନୂଆଦିଲ୍ଲୀ/ବାଲେଶ୍ୱର, ୨୫।୯ (ସମିସ):** ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ମିଳିଛି ଆଉ ଏକ ଐତିହାସିକ ସଫଳତା। ଗତକାଲି ବିଳମ୍ବିତ ରାତିରେ ଟ୍ରେନରୁ ସଫଳତା ସହ ଲଞ୍ଚ୍ ହୋଇଛି ଅଗ୍ନି-ପ୍ରାଇମ୍ କ୍ଷେପଣାସ୍ତ୍ର। ଡିଆର୍‌ଡିଓ ପକ୍ଷରୁ ପ୍ରଥମ ଥର ଲାଗି ପରୀକ୍ଷା କରାଯାଇଥିବା ଏହି ମଧ୍ୟମ ଦୂରଗାମୀ ଅଗ୍ନି କ୍ଷେପଣାସ୍ତ୍ର ଦୁଇ ହଜାର କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଏଭଳି ସଫଳତା ପାଇବାରେ ରୁଷ, ଚୀନ ଓ ଉତ୍ତର କୋରିଆ ପରେ ଭାରତ ହେଉଛି ବିଶ୍ୱର ଚତୁର୍ଥ ଦେଶ। ଏବଂ ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଯେ ଓଡ଼ିଶା ମାଟିରେ ଏହାର ପରୀକ୍ଷା କରାଯାଇଛି। ଏହି ସଫଳତା ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ରୁଷ, ଚୀନ୍, ଉତ୍ତରକୋରିଆ ପରେ ଭାରତ ଚତୁର୍ଥ ଦେଶ**

ଏଭଳି ଐତିହାସିକ ପରୀକ୍ଷା ସଂପର୍କରେ ସୂଚନା ଦେଇଛନ୍ତି ରାଜନାଥ ସିଂହ। ଗତକାଲି (ବୁଧବାର) ବିଳମ୍ବିତ ରାତିରେ ଟ୍ରେନ୍ ଉପରେ ତିଆରି ହୋଇଥିବା ମୋବାଇଲ ଲଞ୍ଚର ସିଷ୍ଟମ ଜରିଆରେ ଅଗ୍ନି- ପ୍ରାଇମ୍ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା କରାଯାଇଥିଲା। ରେଳ ଭିତ୍ତିକ ଲଞ୍ଚରରୁ ପ୍ରଥମ ଥର ଲାଗି କ୍ଷେପଣାସ୍ତ୍ର ପରୀକ୍ଷା ହୋଇଛି। ଟ୍ରେନ ସହ ସଂଯୁକ୍ତ ଏହି ଲଞ୍ଚରରୁ ଦେଶର ଯେକୌଣସି ଭାଗରୁ ଉତ୍‌କ୍ଷେପଣ କରାଯାଇପାରିବ। ରେଳ ଲାଇନରେ ସହଜରେ ଏହାର ପରିବହନ ହୋଇପାରିବ। ▶ପୃଷ୍ଠା-୭

## ପୁରୀ ଜିଲ୍ଲା ଜେଲ୍‌ରେ କଏଦୀଙ୍କ ଆତ୍ମହତ୍ୟା

■ **କୋଣାର୍କ, ୨୫।୯ (ସମିସ):** ଗୋପ ବ୍ଲକ୍ ଅଧୀନ ସୁତନ ପଞ୍ଚାୟତର ବାଙ୍ଗରସ୍ଥିତ ପୁରୀ ଜିଲ୍ଲା କାରାଗାରରେ ଗୁରୁବାର ସକାଳେ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ପିପିଲି ଥାନା ଅଞ୍ଚଳର ବୁଲୁ ବେହେରା(୨୫) ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୧ ତାରିଖରେ ବୁଲୁ ବେହେରା ପୋକ୍ସୋ ଆକ୍ଟରେ ହୋଇଥିବା ଏକ ମାମଲାରେ ଗିରଫ ହୋଇ ବାଙ୍ଗରସ୍ଥିତ ଜିଲ୍ଲା କାରାଗାରରେ ଥିଲେ। କୌଣସି କାରଣରୁ ଗୁରୁବାର ସକାଳ ସମୟରେ ସେ ରହୁଥିବା ଘରର କାନ୍ଥରେ ଲାଗିଥିବା ପାଣି ପାଇପ୍‌ରେ ନିଜ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜେଲ୍ କର୍ତ୍ତୃପକ୍ଷ ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ରାମଚଣ୍ଡୀ ଥାନା ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡ଼ା ପ୍ରକାଶ କରିଛନ୍ତି।

# ଅଶୁଭ ଗୁରୁବାର: ଦୁର୍ଘଟଣାରେ ଗଲା ୧୦ ଜୀବନ

## ବସ୍-ଟ୍ରକ୍ ମୁହାଁମୁହିଁ: ୬ ମୃତ, ୨୦ ଗୁରୁତର



■ **ରାଉରକେଲା, ୨୫।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ନମ୍ବର ଜାତୀୟ ରାଜପଥର କେ.ବଲାଙ୍ଗ ନିକଟସ୍ଥ ସମିଜ ବ୍ରିଜ୍ ନିକଟରେ ଗୁରୁବାର ଏକ ଘରୋଇ ବସ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଏଥିରେ ୬ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ଜଣ ମହିଳା ଅଛନ୍ତି। ମୃତକମାନେ ହେଲେ, ରକ୍ସି ଗ୍ରାମର ପୁଷ୍ପା ଗୋପ (୫୬), ମେରି ନାଗ(୫୦), ସତ୍ୟଭାମା ଠାକୁର (୫୫), ମଞ୍ଜାବେଡ଼ାର କରମପାଲ ସିଂ (୪୫)

**୪ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ଏବଂ ବସ୍‌ର କଣ୍ଡକ୍ଟର ଶବର ବଳ (୫୨)। ଅନ୍ୟଜଣଙ୍କର ପରିଚୟ ମିଳି ପାରିନାହିଁ। ସେହିପରି, ଏହି ଅଘଟଣରେ ୨୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ଜଣଙ୍କ ଅବସ୍ଥା ଗୁରୁତର ଜଣାପଡ଼ିଛି। ସେମାନଙ୍କୁ କେ.ବଲାଙ୍ଗ ଡାକ୍ତରଖାନାରେ ▶ପୃଷ୍ଠା-୭

## ଗଛରେ ପିଟିହେଲା ଟିପ୍ପର; ୨ ମୃତ



■ **ଗୁଣପୁର, ୨୫।୯ (ସମିସ):** ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଭାଲେରୀ କୁଡ଼ିଆ ମୁଖ୍ୟ ରାସ୍ତାରେ ଆଜି ଭୋରରେ ଏକ ଟିପ୍ପର ଗଛରେ ପିଟି ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଗାଡ଼ି ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାମାନାଗୁଡ଼ା ବ୍ଲକ ଅର୍ଜୁନଗୁଡା ଗାଁର ଅଲିକ୍ଷ ପାତିକା ଓ ଅଜୟ ପାଲକା। ଗୁରୁତର ଟିପର ଚାଳକଙ୍କୁ ପ୍ରାଥମିକ ଚିକିତ୍ସା ପା।ରେ ଅଧିକ ଚିକିତ୍ସା ପାଇଁ ବାହାରକୁ ପଠାଯାଇଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ

■ **ନାରାୟଣପାଟଣା, ୨୫।୯ (ସମିସ):** ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଫଳରେ ଘଟଣା ସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। କୋରାପୁଟ ଜିଲ୍ଲା ନାରାୟଣପାଟଣା ସ୍ଥିତ ଷ୍ଟେଟ ବ୍ୟାଙ୍କ୍ ସାମ୍ନାରେ ଏହି ଦୁର୍ଘଟଣା ଘଟିଛି। ଗତ ରାତି ପ୍ରାୟ ୧ଟା ସମୟରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ଓଡି ୧୦ ଏକ୍ସ ୬୯୩୬ ଓ ଓଡି ୧୦ ବି ୯୩୦୪ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଗୋଟିଏ ବାଇକ୍‌ରେ ୪ ଜଣ ଓ ଅନ୍ୟଟିରେ ୨ ଜଣ ବସିଥିଲେ। ଦୁଇଜଣଙ୍କ ମୁଣ୍ଡରେ ଆଘାତ ଯୋଗୁଁ ଘଟଣା ସ୍ଥଳରେ ହିଁ ସେମାନେ ପ୍ରାଣ ହରାଇଥିଲେ। ଅନ୍ୟ ୪ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ସ୍ଥାନୀୟ ଯୁବକ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୃତ ଦୁଇ ଆଦିବାସୀ ଯୁବକ ହେଉଛନ୍ତି ଗାଦାବା ଗୁଡା ଗ୍ରାମର ଅଭି ମାଣ୍ଡିଙ୍ଗି(୨୨) ଓ ଅନ୍ୟଜଣେ ଶରତ ତାଡିଙ୍ଗି (୨୨)। ଆହତମାନେ ହେଲେ ଶତିଖାଲର ଗଣେଶ ଶରଡିଆ, ପିଣ୍ଟୁ ଶରଡିଆ, ଗାଦବାଗୁଡାର ନରୀ ମାଣ୍ଡିଙ୍ଗି (୧୫,) ଶୀବାନା ଶିରିକା (୧୮)। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକା କୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି। ବିଧାୟକ ପବିତ୍ର ସାଉଁନ୍ତା ପରିବାର ବର୍ଗକୁ ସମାବେଦନ ଜଣାଇଛନ୍ତି।

# ଡାହାଣୀ ସନ୍ଦେହରେ ନିର୍ଯାତନା ମାମଲା: ୬ ଦୋଷୀ ସାବ୍ୟସ୍ତ

■ **ବାରିପଦା, ୨୫।୯ (ସମିସ):** ବାରିପଦାର ସହକାରୀ ସେସନ୍ସ ଜଜ୍ କୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲ୍ଲା ସାନସାରସପୋଷି ଗାଁର ଡାହାଣୀ ଅଭିଯୋଗରେ ଅବୈଧ ଭାବେ ବନ୍ଦୀ ରଖି ନିର୍ଯାତନା ଦେଇଥିବା ମାମଲାରେ ବିଚାରପତି ଦେବାଶିଷ ମହାନ୍ତି ୬ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ ସଂଶୋଧନକୁ ଗୁରୁତ୍ୱ ଦେଇ କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ପ୍ରୋବେସନରେ ମୁକ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନେ ହେଲେ ଚାନ୍ଦୁଆ ଥାନା ଅଧୀନରେ ସାନସରସପୋସି ଗାଁର ଅମର କୁମାର ସିଂ (୬୯), କମଲ ସିଂ (୪୦), ସନାତନ ସିଂ (୫୦), ରାଜକିଶୋର ସିଂ(୪୫), ରାଜେନ୍ଦ୍ର ସିଂ (୪୦) ଏବଂ ରଙ୍ଗଲାଲ ସିଂ (୩୫)। ସୂଚନା ମୁତାବକ, ଅଭିଯୋଗକାରୀ ଶ୍ୟାମସୁନ୍ଦର ସିଂହଙ୍କ ପକ୍ଷରୁ ୨୦୨୧ ଫେବୃଆରୀ ୨୦ରେ ଏନେଇ ଏକ ମାମଲା ରୁଜୁ କରାଯାଇଥିଲା। ସେ ଅଭିଯୋଗ କରିଥିଲେ ଯେ ୨୦୨୦ ନଭେମ୍ବରରୁ ପ୍ରାୟ ତିନି ମାସ ପର୍ଯ୍ୟନ୍ତ ଅଭିଯୁକ୍ତମାନେ ତାଙ୍କୁ ଗାଁରେ ଜ୍ୱର ଏବଂ ଗୋରୁମାନଙ୍କ ମୃତ୍ୟୁ ପାଇଁ ଡାହାଣୀ ଅଭିଯୋଗ କରି ଏକ ତାଲାବନ୍ଦ କୋଠରୀରେ ବନ୍ଦୀ ରଖିଥିଲେ। ଏହି ସମୟରେ ତାଙ୍କୁ ନିୟମିତ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ଗରମ ଲୁହା ରଡ୍ ଦ୍ୱାରା ଚେଙ୍କ ମଧ୍ୟ ଦିଆଯାଇଥିଲା। ପ୍ରୋବେସନ୍ ଅଫିସରଙ୍କ ରିପୋର୍ଟରେ ଅଭିଯୁକ୍ତଙ୍କୁ ପ୍ରଥମ ଥର ଅପରାଧୀ ଏବଂ ସେମାନଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବୋଲି ଉଲ୍ଲେଖ କରାଯାଇଥିବାରୁ ବିଚାରପତି ସେମାନଙ୍କୁ ପ୍ରୋବେସନ୍ ଅଫ୍ ଅଫେଣ୍ଡର୍ସ ଆକ୍ଟର ସୁବିଧା ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ଏବଂ ସମାନ ପରିମାଣର ଜଣେ ଜାମିନଦାର ସହ ମୁକ୍ତ କରାଯାଇଛି। ସେମାନେ ମୟୂରଭଞ୍ଜ ଜିଲ୍ଲା ପ୍ରୋବେସନ୍ ଅଫିସରଙ୍କ ତତ୍ତ୍ୱାବଧାନରେ ୨ ବର୍ଷ ରହିବେ। ପ୍ରୋବେସନ୍ ସର୍ତ୍ତ ଉଲ୍ଲଘଂନ ହେଲେ ତୁରନ୍ତ ଦଣ୍ଡ ଘୋଷଣା ହୋଇପାରେ। କୋର୍ଟ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ଭୁକ୍ତଭୋଗୀ ଶ୍ୟାମସୁନ୍ଦର ସିଂହଙ୍କୁ ୨ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ବ୍ରଜେନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

### ରାଜ୍ୟବ୍ୟାପୀ ପାର୍ବଣ ଉତ୍ସାହ

# ମନମାରି ବସିଛନ୍ତି ନିଗମ, ବୋର୍ଡ ଆଶାୟୀ

■ **ଭୁବନେଶ୍ୱର, ୨୫।୯ (ସମିସ):** ଗତ ୧୫ ମାସ ମଧ୍ୟରେ ବିଜେପି ରାଜ୍ୟ ନେତୃତ୍ୱଙ୍କ ଏକାଧିକ ପ୍ରୟାସ , ଘନ ଘନ ଦିଲ୍ଲୀ ଗସ୍ତ ସତ୍ତ୍ୱେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରୁ ନାହିଁ। କାହିଁକି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରୁ ନାହିଁ ଓ ନିଗମ ନିଯୁକ୍ତି କାହିଁକି ଅଟକିଛି? ଏହାର ଉତ୍ତର କେହି ଦେବାକୁ ସକ୍ଷମ ନୁହନ୍ତି। ଦୀର୍ଘଦିନ ଧରି ଅପେକ୍ଷାରେ ଥିବା କ୍ଷମତା ଆଶାୟୀଙ୍କର ଧୈର୍ଯ୍ୟଚ୍ୟୁତି ଘଟିଲାଣି। ପାର୍ବଣକୁ ନେଇ ରାଜ୍ୟରେ ଏକ ପ୍ରକାର ଉତ୍ସବର ମାହୋଲ ଥିବାବେଳେ ମନ୍ତ୍ରୀ, ନିଗମ, ବୋର୍ଡ ଆଶାୟୀମାନେ ମନମାରି ବସିଛନ୍ତି। ପୂଜାକୁ ନେଇ ସେମାନଙ୍କ ମଧ୍ୟରେ ସରାଗ ନାହିଁ।

ନିଗମ ଏବଂ ବୋର୍ଡରେ ନିଯୁକ୍ତି ପାଇଁ ଗଲା ବର୍ଷଟିଏ ଧରି ଦଳର ନେତାମାନେ ଉଦ୍ୟମ କରି ଆସୁଛନ୍ତି। ନିଜ ନିଜ ନେତାଙ୍କ ପାଖରେ ଶରଣ ପସିବା ସହ ଏଥିପାଇଁ ପୁଳାଏ ଅର୍ଥ ମଧ୍ୟ ସାରିଲେଣି। ହେଲେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ପରି, ନିଯୁକ୍ତି ପ୍ରକ୍ରିୟା

**ଆଶାୟୀଙ୍କ କ୍ଷୋଭ: ଶାସନକୁ ଆସି ଲାଭ କଣ**

ଅହେତୁକ ବିଳମ୍ବ ହେବାରେ ଲାଗିଛି। ନିଯୁକ୍ତି ପ୍ରକ୍ରିୟା କେଉଁଠି ଏବଂ କାହା ପାଇଁ ଓ କେଉଁ କାରଣ ପାଇଁ ଅଟକିଛି, ସେନେଇ ଦଳର ଶୀର୍ଷ ନେତୃତ୍ୱ ଆଶାୟୀଙ୍କୁ କିଛି ଜଣାଉନାହାନ୍ତି। କେବଳ ସମୟ ଆସିଲେ ନିଯୁକ୍ତି ପ୍ରକ୍ରିୟାକୁ କାର୍ଯ୍ୟାନ୍ୱୟନ କରାଯିବ ବୋଲି ଅଭୟବାଣୀ ଶୁଣାଉଛନ୍ତି। ଯାହାକୁ ନେଇ ଆଶାୟୀ ସମ୍ପୂର୍ଣ୍ଣ ନିରାଶ ହୋଇ ପଡ଼ିଲେଣି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଆଶାୟୀ କହିଛନ୍ତି ଯେ ବାରମ୍ବାର ଆମକୁ ଦଳୀୟ ନେତୃତ୍ୱଙ୍କ ନିକଟରୁ କେବଳ ପ୍ରତିଶ୍ରୁତି ମିଳୁଛି। ସଂଗଠନ ବୃଦ୍ଧି ପାଇଁ କାମ କରିବାକୁ କୁହାଯାଉଛି। କେତେଦିନ ଏମିତି ହାତରୁ ଟଙ୍କା ଖର୍ଚ୍ଚ କରି, ନିଜର ସମୟ ସାରି ସଂଗଠନ ପାଇଁ ଦୌଡୁଥିବୁ। ଦୁର୍ଗାପୂଜା ପୂର୍ବରୁ କିଛି ନିଗମ ଓ ବୋର୍ଡରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ମାତ୍ର ବର୍ତ୍ତମାନର ସ୍ଥିତିକୁ ଦେଖିଲେ ସେମିତି କିଛି ଜଣାପଡୁନାହିଁ। ରାଜ୍ୟରେ ଆମ ସରକାର ଆସି ଲାଭ କଣ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏପଟେ ଦଳୀୟ ନେତାଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦୁର୍ଗାପୂଜା ପରେ ପରେ ନିଗମ, ବୋର୍ଡକୁ ନେଇ କିଛି ନିଷ୍ପତ୍ତି ନିଆଯାଇପାରେ। ଏଥିପାଇଁ ଆଶାୟୀମାନେ ଧୈର୍ଯ୍ୟ ଧରି ରହିବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଅପରପକ୍ଷେ ଚଳିତ ମାସ ଶେଷ ଆଡ଼କୁ ରାଜ୍ୟ ବିଜେପି ରାଜନୀତି ଏବଂ ସରକାର ସ୍ତରରେ ଅନେକ ଗୁଡ଼ିଏ ଘଟଣା ଘଟିପାରେ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର ପୂର୍ବରୁ ସଙ୍କେତ ଦେଇଥିଲେ। ସେହି ଅନେକ ଘଟଣା କଣ, ତାହାକୁ ଜାଣିବା ପାଇଁ ଦଳର କର୍ମୀ ମହଲରେ ଉତ୍ସୁକତା ବଢ଼ିବାରେ ଲାଗିଛି।

# ଡକାୟତି ଯୋଜନା ପଣ୍ଡ; ୪ ଗିରଫ



**ରାଉରକେଲା, ୨୫।୯ (ସମିସ)**

ଡକାୟତି ଯୋଜନା କରୁଥିବାବେଳେ ଉଦିତନଗର ଥାନା ପୁଲିସ ୪ ଜଣ ପେସାଦାର ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲଗୋଦାମ ବସ୍ତି ମସଜିଦ ନିକଟର ବଣ୍ଟି ଓରଫ ଏମଡି ପରବେଜ୍ (୨୨), ଏମ୍‌ଡି ଅରବାଜ୍ (୨୩), ସୁଇପର ବସ୍ତିର ମୁନା ମଣ୍ଡଳ (୨୨) ଓ ନେପାଳୀ ଓରଫ ସୁରେନ୍ଦ୍ର ଚୌଧୁରୀ (୨୩)। ସେମାନଙ୍କ ଠାରୁ ଛୁରି, ରଡ୍, ଭୁଜାଲି, ମାସ୍କ ଆଦି ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଗୁରୁବାର ଭୋର ସମୟରେ ମାଲଗୋଦାମ ବସ୍ତି ନିକଟରେ ଥିବା ରେଲୱେ ସାଇଡିଂ ଠାରେ କିଛି ଯୁବକ ଏକତ୍ରିତ ହୋଇଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଏହାପରେ ପୁଲିସ ସେଠାରେ ଚଢ଼ଉ କରି ୪ ଜଣ ଡକାୟତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ଧରାପଡ଼ିଥିବା ୪ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଦୋକାନ, ଘର, ପେଟ୍ରୋଲ ପମ୍ପ ଆଦିରେ ଡକାୟତି ସମେତ ରାସ୍ତାରେ ଯାତାୟତ କରୁଥିବା ଲୋକଙ୍କ ଠାରୁ ଲୁଟ୍ କରିବାକୁ ଯୋଜନା କରୁଥିବା ଜଣାପଡ଼ିଥିଲା। ଗିରଫ ବଣ୍ଟି ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୧୧ଟି, ଅରବାଜ୍ ନାଁରେ ୨ଟି, ମୁନା ନାଁରେ ୨ଟି ଓ ନେପାଳୀ ନାଁରେ ୬ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

# ଏନ୍‌ଆଇଟି ଦ୍ୱାରା ସ୍ୱଳ୍ପ ମୂଲ୍ୟର ସ୍ୱଦେଶୀ ଫୋର୍ସ ପ୍ଲେଟ୍ ବିକାଶିତ

**ରାଉରକେଲା, ୨୫।୯ (ସମିସ) :** ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ରାଉରକେଲାର (ଏନ୍‌ଆଇଟି) ବାୟୋଟେକ୍ନୋଲୋଜି ଆଣ୍ଡ ମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ଏକ ଗବେଷକ ଦଳ ଏକ ସ୍ୱଳ୍ପ ମୂଲ୍ୟର ସ୍ୱଦେଶୀ ଫୋର୍ସ ପ୍ଲେଟ୍ ବିକାଶ କରିଛନ୍ତି। ଫୋର୍ସ ପ୍ଲେଟ୍ ଦ୍ୱାରା ମାପ କରାଯାଉଥିବା ଜିଆରଏଫ୍‌ଗୁଡ଼ିକ ଅସ୍ୱାଭାବିକ ଚାଲିବା ଶୈଳୀ ନିର୍ଣ୍ଣୟ କରିବାରେ ସହାୟକ ହେବ। ଏହି ଉପକରଣ, ବିଦ୍ୟମାନ ବିଦେଶୀ ଯୋଗାଣକାରୀଙ୍କ ତୁଳନାରେ ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ହେବା କାରଣରୁ ଭାରତରେ କ୍ରୀଡ଼ା ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଓ ପୁନର୍ବାସ କେନ୍ଦ୍ରଗୁଡ଼ିକରେ ମଧ୍ୟ ଉପଯୋଗୀ ହୋଇପାରିବ।

ବାୟୋଟେକ୍ନୋଲୋଜି ଆଣ୍ଡ ମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଏ. ତିରୁଗ୍ନାନମ୍‌ଙ୍କ ମାର୍ଗଦର୍ଶନରେ ରିସର୍ଚ୍ଚ ସ୍କଲାର କୁମାରୀ ଧରଣୀ କୁମାରନ୍ ଓ କୁମାରୀ ମୋନିଶା ଗୋରୀ ଶ୍ରୀନିବାସନ ଏହି ଉତ୍ପାଦଟିର ବିକଶ କରିଛନ୍ତି। ଏକ ପେଟେଣ୍ଟ ଦାଖଲ କରାଯାଇଛି ଏବଂ ଜର୍ଣ୍ଣାଲ ଅଫ୍ ମେକାନିକ୍ସ ଇନ୍ ମେଡିସିନ୍ ଆଣ୍ଡ ବାୟୋଲୋଜିରେ ଏକ ଗବେଷଣା ପ୍ରବନ୍ଧ ପ୍ରକାଶିତ ହୋଇଛି। ଗବେଷକ ଦଳ ପ୍ରତିଷ୍ଠାନରେ ବିକଶିତ ଏକ ସ୍ୱଦେଶୀ ଫୋର୍ସ ପ୍ଲେଟ୍ ଓ ମୋସନ୍ କ୍ୟାପଚର ସିଷ୍ଟମ ବ୍ୟବହାର କରି ଏକ ଅଣ-ଶଲ୍ୟଚିକିତ୍ସା କୌଶଳ ବ୍ୟବହାର କରି ହିଲ୍ ପ୍ୟାଡ୍ କଠିନତା ମୂଲ୍ୟାଙ୍କନ କରିଛନ୍ତି। ଏନ୍‌ଆଇଟି ରାଉରକେଲାର ଗବେଷକ ଦଳ ଏକ ସ୍ୱଦେଶୀ ଭାବରେ ବିକଶିତ ଫୋର୍ସ ପ୍ଲେଟ୍ ବ୍ୟବହାର କରିଥିଲେ। ଯାହା ଗେଟ୍ ପ୍ରୋଫାଇଲିଂ ଏବଂ ଗ୍ରାଉଣ୍ଡ ରିଆକ୍ସନ ଫୋର୍ସ ମାପ କରିବା ପାଇଁ ଏକ ସ୍ୱଳ୍ପ-ମୂଲ୍ୟବିଶିଷ୍ଟ ଉପକରଣ। ଏହି ନୂତନ ପ୍ରଯୁକ୍ତିବିଦ୍ୟା ସହିତ ଗବେଷକମାନେ ୩ଡି ମୋସନ୍ କ୍ୟାପଚର ଓ ଫୋର୍ସ ପ୍ଲେଟ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପ୍ଲାଣ୍ଟାର୍ ଫ୍ଲେକ୍ସନ୍ ସମୟରେ ଅର୍ଥାତ ଗୋଇଠି ଭୂମିରୁ ଉଠିବା ସମୟରେ ଚାଲିବାର ପର୍ଯ୍ୟାୟରେ ହିଲ୍ ପ୍ୟାଡ୍ କିପରି ବଙ୍କା ହୁଏ ଏବଂ ପରିବର୍ତ୍ତନ ହୁଏ ତାହା ଅଧ୍ୟୟନ କରିଥିଲେ।




ଗବେଷଣାର ନିଷ୍କର୍ଷ ବିଷୟରେ ପ୍ରଫେସର ଏ. ତିରୁଗ୍ନାନମ୍ କହିଛନ୍ତି, ଅଧିକାଂଶ ନ୍ୟୁରୋମସ୍କୁଲାର ରୋଗ ଜଣେ ବ୍ୟକ୍ତିଙ୍କ ଚାଲିବା ଢାଞ୍ଚାକୁ ପ୍ରଭାବିତ କରେ। ଯେହେତୁ ଚାଲିବା ପାଇଁ ମାଂସପେଶୀ ଶକ୍ତି ଓ ସନ୍ତୁଳନର ସଠିକ ସମନ୍ୱୟ ଆବଶ୍ୟକ, ଏଥିମଧ୍ୟରୁ ଯେକୌଣସି ବ୍ୟାଘାତ ଚାଲିବା ଢାଞ୍ଚା ଏବଂ ସମ୍ପୃକ୍ତ ଗ୍ରାଉଣ୍ଡ ରିଆକ୍ସନ ଫୋର୍ସ (ଜିଆର୍‌ଏଫ୍) କୁ ପରିବର୍ତ୍ତନ କରିପାରେ। ଆମଦାନୀ କରାଯାଉଥିବା ଫୋର୍ସ ପ୍ଲେଟର ମୂଲ୍ୟ ସାଧାରଣତଃ ୩୦-୫୦ ଲକ୍ଷ। ଯାହା ଅନେକ ପ୍ରତିଷ୍ଠାନ ପାଇଁ ଅତ୍ୟନ୍ତ ମହଙ୍ଗା ନିଶ୍ଚୟ। ପ୍ରତିବଦଳରେ, ଆମର ସ୍ୱଦେଶୀ ଭାବରେ ବିକଶିତ ଫୋର୍ସ ପ୍ଲେଟ କେବଳ ୧୮-୧୦ ଲକ୍ଷରେ ଉପଲବ୍ଧ ହୋଇପାରିବ। ଯାହା ପ୍ରାୟ ୭୦-୮୫ ପ୍ରତିଶତ ଖର୍ଚ୍ଚ ହ୍ରାସ କରିବ।

## ୫ ବାଇକ୍ ଜବତ, ଚୋର ଗିରଫ



**ରାଉରକେଲା, ୨୫।୯ (ସମିସ):** ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି ହୋଇଥିବା ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୋଗ ଗୁଡ଼ିକୁ ଗୁରୁତ୍ୱ ଦେଇ ଲାଠିକଟା ନୂଆଗାଁ ବଡ଼ ମସଜିଦ ନିକଟର ମହମ୍ମଦ ଅକରମ ଅନସାରୀ ଓରଫ ସେରୁ (୪୯)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଠାରୁ ୫ଟି ବାଇକ୍ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଥାନା ଅଞ୍ଚଳରୁ କିଛି ଦିନ ପୂର୍ବରୁ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ବିଭିନ୍ନ ସ୍ଥାନର ସିସିଟିଭି ସମେତ ଅନ୍ୟ ଦିଗକୁ ନେଇ ତଦନ୍ତ କରିଥିଲା। ଗିରଫ ସେରୁ ନାଁରେ ଲାଠିକଟା ଥାନାରେ ଗୋଟିଏ ଓ ପ୍ଲାଣ୍ଟସାଇଟ୍ ଥାନାରେ ୪ଟି ମାମଲା ପୂର୍ବରୁ ରହିଥିବା ତଦନ୍ତରୁ ଜଣାପଡ଼ିଛି।

## ବନ୍ଧୁକ ମୁନରେ ଲୁଟିନେଲେ ଟଙ୍କା, ସୁନା ଅଳଙ୍କାର



**କୋଇଡ଼ା, ୨୫।୯ (ସମିସ):** ଗତକାଲି ୭ ଜଣ ସଶସ୍ତ୍ର ମୁଖାପିନ୍ଧା ଡକାୟତ ୩ଟି ବାଇକ୍ ଯୋଗେ ଆସି ବାଙ୍କୋସ୍ଥିତ କନ୍‌ହିଆ ରାୟଙ୍କ ରାସନ ଦୋକାନକୁ ଆସି ବନ୍ଧୁକ ଦେଖାଇ ତାଙ୍କର ମୋବାଇଲ୍ ସହ ଦୋକାନ୍‌ରେ ଥିବା ଟଙ୍କା ଓ କିଛି ସାମଗ୍ରୀ ନେଇ ପଳାଇଛନ୍ତି। ଦୋକାନରେ କାର୍ଯ୍ୟରତ କର୍ମଚାରୀ ସବିର ସିଂଙ୍କ ହାତ ବାନ୍ଧି ଚାଲ୍ ମାଲିକ ଘରକୁ ନେଇକି ଚାଲ୍ ବୋଲି କହିଥିଲେ। ଘରେ ପହଞ୍ଚି ୭ ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ଟଙ୍କା ଦିଅ ନହେଲେ ମାରିଦେବୁ କହି ଆଲମିରା ଚାବି ମାଗିଥିଲେ। ଭୟରେ ସମସ୍ତେ ନିଜ ନିଜ ଘରର ଚାବି ଦେଲା ପରେ ଦୁର୍ବୃତ୍ତମାନେ ତାଙ୍କ ମୋବାଇଲ୍, ମଙ୍ଗଳସୂତ୍ର, ମୁଦି ଆଦି ନେଇ ଚମ୍ପଟ୍ ମାରିଥିଲେ। କୌଶଳକ୍ରମେ ଘର କବାଟ ଭାଙ୍ଗି ପରିବାର ଲୋକେ ଘରୁ ବାହାରି ସାହି ଲୋକଙ୍କୁ ସୂଚାଇ କେ.ବଲାଙ୍ଗ ପୁଲିସକୁ ଖବର ଦେଇଥିଲେ। ମାତ୍ର ପୁଲିସ୍ ରାତିରେ ଘଟଣାସ୍ଥଳରେ ପହଞ୍ଚି ନ ଥିଲା। ସକାଳୁ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

## ବଣାଇଁରେ ବୁଲା କୁକୁର ଆତଙ୍କ; ୮ ଆହତ



**ବଣାଇଁ, ୨୫।୯ (ସମିସ):** ବଣାଇଁ ଅଞ୍ଚଳରେ ବୁଲା କୁକୁର ଆତଙ୍କ ଦେଖିବାକୁ ମିଳିଛି। କୁକୁର କାମୁଡ଼ାରେ ୮ ଜଣ ଆହତ ହେବା

**କୁକୁରକୁ ପିଟି ପିଟି ମାରିଦେଲେ**

ପରେ ଉତ୍ୟକ୍ତ ଲୋକେ ପିଟି ପିଟି କୁକୁରକୁ ମାରି ଦେଇଥିବା ଜଣାପଡ଼ିଛି। ଏପରି ଏକ ଅଭାବନୀୟ ଘଟଣା ବଣାଇ ର ଶୁଣ୍ଠିକୋଣ ଅଞ୍ଚଳ ରେ ଘଟିଛି। ଏହି ବୁଲା କୁକୁର ଟି ବୁଲି ବୁଲି ଏ ଅଞ୍ଚଳ ରେ ପ୍ରାୟ ୮ ଜଣଙ୍କୁ କାମୁଡ଼ିବାରୁ ସମସ୍ତେ ଆହତ ହେବା ସହ ଖଣ୍ଡିଆ ଖାବରା ହୋଇ ବଣାଇଁ ମେଡିକାଲକୁ ଯାଇ ଚିକିତ୍ସିତ ହୋଇଛନ୍ତି। ସେଠାରେ ସମସ୍ତଙ୍କୁ କୁକୁର କାମୁଡ଼ା ଇଞ୍ଜେକସନ ଦିଆ ଯାଇଥିବା ଜଣାପଡ଼ିଛି। ଅନ୍ୟ ପଟେ କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ମଧୁପୁର ଅଞ୍ଚଳରେ ମଧ୍ୟ ତିନି/ଚାରି ଜଣଙ୍କୁ ବୁଲା କୁକୁର କାମୁଡ଼ିଥିବା ଜଣାପଡ଼ିଛି। ତେବେ କୁକୁରଟି ବୁଲି ବୁଲି କାମୁଡି ଥିବାରୁ କୁକୁରଟି ପାଗଳ ହୋଇ ଯାଇଥିବା କୁହାଯାଉଛି।

## ଡାଲମିଆ ମହାବିଦ୍ୟାଳୟରରେ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**କୁତ୍ରା, ୨୫।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡ଼ାଠାରେ ଥିବା ଡାଲମିଆ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଦର୍ଶନ ବିଭାଗର +୩ ପ୍ରଥମବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ନିରାଡମ୍ବର ଭାବରେ ପାଳିତ ହୋଇଯାଇଛି। ବିଭାଗର ବରିଷ୍ଠ ଛାତ୍ରଛାତ୍ରୀ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବର ଆୟୋଜନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ ସଭାର ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ଓ ଜୀବନରେ ଦର୍ଶନର ଭୂମିକା ବିଷୟରେ ବାର୍ତ୍ତା ଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଉପସ୍ଥିତ ବିଭାଗର ମୁଖ୍ୟ ଅଧ୍ୟାପକ ଏକଲବ୍ୟ ନାୟକ ଓ ଅଧ୍ୟାପିକା ଅନିତା କିସାନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷାର ମହତ୍ତ୍ୱ ବିଷୟରେ ନିଜସ୍ୱ ଚିନ୍ତାଧାରା ବ୍ୟକ୍ତ କରିଥିଲେ।

# ୨୨ ଯୁବକ ଯୁବତୀଙ୍କୁ ଆର୍‌ଏସ୍‌ପିର ସହାୟତା



**ରାଉରକେଲା, ୨୫।୯ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା ଏହାର ସିଏସ୍‌ଆର୍ ପ୍ରୟାସର ଅଂଶ ସ୍ୱରୂପ, ଭାରତ ସରକାରଙ୍କ ରାସାୟନିକ ଏବଂ ସାର ମନ୍ତ୍ରଣାଳୟ ଅଧୀନସ୍ଥ ରାସାୟନିକ ଏବଂ ପେଟ୍ରୋକେମିକାଲ୍ ବିଭାଗ ପରିଚାଳିତ ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ୍)ରେ ନିଯୁକ୍ତି ସୁଯୋଗ ପାଇଁ ଦକ୍ଷତା ବିକାଶ ତାଲିମ ନେବା ପାଇଁ ପାର୍ଶ୍ୱାଞ୍ଚଳ ଗ୍ରାମରୁ ଆର୍ଥିକ ଅନଗ୍ରସର ଓ ଅବହେଳିତ ବର୍ଗର ୨୨ ଜଣ ଯୁବକଯୁବତୀଙ୍କୁ ପ୍ରାୟୋଜିତ କରିଛି। ସେକ୍ଟର-୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ପ୍ରାକ ସୂଚନା ପ୍ରଦାନ ଓ ପରାମର୍ଶ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟି ଜି କାନେକର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ ଚାର୍ଜ ମୁନମୁନ ମିତ୍ର, ଜିଏମ ବିଭାବସୁ ମଲ୍ଲିକ, ବିଜିଏମ ଟି.ବି. ଟପ୍ପୋ, ସିପେଟର ପ୍ରତିନିଧି ବିଶ୍ୱଜିତ ବେଉରିଆ, ବନ୍ଧମୁଣ୍ଡା ସରପଞ୍ଚ ଅନିତା ତିର୍କୀ, ସିଏସଆର ବିଭାଗର ଅନ୍ୟ ଅଧିକାରୀ ଓ ଷ୍ଟାଫ ଉପସ୍ଥିତ ଥିଲେ।" "ପ୍ରାରମ୍ଭରେ ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଟି ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ।

ଉଲ୍ଲେଖନୀୟ ଯେ ୨୦୨୧-୨୨ ରେ ଆରଏସପିର ସିଏସଆର ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରୟାସ, ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଯୁବକଯୁବତୀଙ୍କ ନିଯୁକ୍ତି ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦେଉଅଛି। ମେସିନ୍ ଅପରେଟର - ପ୍ଲାଷ୍ଟିକ୍ ପ୍ରକ୍ରିୟାକରଣ ତାଲିମ କାର୍ଯ୍ୟକ୍ରମ ଘରୋଇ, ଶିଳ୍ପ ଏବଂ ଅଟୋମୋବାଇଲ୍ କ୍ଷେତ୍ର ଭଳି ପ୍ରମୁଖ ଶିଳ୍ପଗୁଡ଼ିକୁ କଭର କରିବା ପାଇଁ ଡିଜାଇନ୍ କରାଯାଇଛି। ଏଥିରେ କେନ୍ଦ୍ରର ଅତ୍ୟାଧୁନିକ ପରୀକ୍ଷାଗାର ସୁବିଧା ବ୍ୟବହାର କରି ଡିଜାଇନ୍, ମୋଲ୍ଡିଂ ଏବଂ ଚୂଡ଼ାନ୍ତ ଉତ୍ପାଦ ଉତ୍ପାଦନରେ ତାଲିମ ଅନ୍ତର୍ଭୁକ୍ତ ରହିଛି। ଦଶମ ଶ୍ରେଣୀ ପାସ୍ କରିବାର ସର୍ବନିମ୍ନ ଯୋଗ୍ୟତା ଥିବା ଯେକୌଣସି ପ୍ରାର୍ଥୀ ତାଲିମ ପାଇଁ ଯୋଗ୍ୟ ଅଟନ୍ତି। ଏହି ପ୍ରୟାସ ଶତ ପ୍ରତିଶତ ନିଯୁକ୍ତିର ଗ୍ୟାରେଣ୍ଟି ଦିଏ, ଯାହା ପ୍ରଶିକ୍ଷାର୍ଥୀମାନଙ୍କୁ ପାଠ୍ୟକ୍ରମ ସଫଳ ଭାବରେ ସମାପ୍ତ କରିବା ପରେ ଏକ ସୁରକ୍ଷିତ କ୍ୟାରିଅର ପଥ ପ୍ରଦାନ କରେ। କାର୍ଯ୍ୟକ୍ରମର ସମସ୍ତ ଖର୍ଚ୍ଚ ଆରଏସପି ବହନ କରିବ, ଯେଉଁଥିରେ ବୋର୍ଡିଂ, ଲଜିଂ, ୟୁନିଫର୍ମ ଏବଂ ଟ୍ୟୁସନ୍ ଫି' ଅନ୍ତର୍ଭୁକ୍ତ ରହିଛି।

**ରାଞ୍ଚିରୋଡ୍-ମଙ୍ଗଳପଡ଼ା ରାସ୍ତା ଶୋଚନୀୟ**

# ଯାତାୟାତ ବାଧାପ୍ରାପ୍ତ; ମରାମତି ଦାବି

**କୁତ୍ରା, ୨୫।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କୁତ୍ରା ଗ୍ରାମପଞ୍ଚାୟତର ରାଞ୍ଚିରୋଡ୍ ଛକରୁ ମଙ୍ଗଳପଡ଼ାକୁ ଯାଇଥିବା ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିବାବେଳେ ଯାତାୟାତ ବାଧାପ୍ରାପ୍ତ ହେଉଛି। ତେଣୁ ଏହି ରାସ୍ତାକୁ ପିଚୁରାସ୍ତାରେ ପରିଣତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ରାଜ୍ୟରାଜପଥ-୧୦ରେ ଥିବା ରାଞ୍ଚିରୋଡ୍ ଛକଠାରୁ ମଙ୍ଗଳପଡ଼ାକୁ ଯାଇଥିବା ପାଖାପାଖି ୨କିଲୋମିଟର ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ରାସ୍ତାଟି ଗୋମାରଡିହି, ତୁନମୁରା, ଗୀର୍ଜାପଡ଼ା, ମାଲୁପଡ଼ା, କୁତ୍ରା, ସିଆଲଯୋର, ବାଇଲମା ଗ୍ରାମକୁ ଯିବା ରାସ୍ତାକୁ ସଂଯୋଗ କରିଛି। ଏହି ରାସ୍ତାରେ ମଙ୍ଗଳପଡ଼ା ଓ ଆଖପାଖର ଗ୍ରାମବାସୀ ସଦରମହକୁମା କୁତ୍ରା ଓ ରାଞ୍ଚିରୋଡକୁ ଯିବା ଆସିବା କରୁଥିବାବେଳେ ଛୋଟ ଛୋଟ ପିଲାମାନେ ସ୍କୁଲକୁ ଯାତାୟାତ କରିଥାନ୍ତି। ବର୍ଷା ଦିନରେ ରାସ୍ତାଟି କାଦୁଅପୂର୍ଣ୍ଣ ହୋଇପଡୁଥିବାରୁ ଜନସାଧାରଣଙ୍କୁ ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡ଼ିଥାଏ। ରାଞ୍ଚିରୋଡ୍ ଓ ମଙ୍ଗଳପଡ଼ା ମଧ୍ୟ ଭାଗରେ ଏକ ନାଳ ରହିଥିବା ବେଳେ ଉକ୍ତ ନାଳ ଉପରେ ପୋଲଟିଏ ନଥିବାରୁ ସାମାନ୍ୟ ବର୍ଷାରେ ଲୋକଙ୍କ ଯାତାୟାତ ବନ୍ଦ ହୋଇଯାଇଥାଏ। ବର୍ଷା ଦିନେ ସ୍କୁଲ, କଲେଜ, ଡାକ୍ତରଖାନା ଯିବା ପାଇଁ ଛାତ୍ରଛାତ୍ରୀଙ୍କୁ ଓ ଗ୍ରାମବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଣୁ ଉକ୍ତ ରାସ୍ତା ଉପରେ ଏକ ପୋଲ ନିର୍ମାଣ ସହିତ ରାସ୍ତାଟିକୁ ପିଚୁରାସ୍ତାରେ ପରିଣତ କରିବା ପାଇଁ ମଙ୍ଗଳପଡ଼ାର ଗ୍ରାମବାସୀ ଦାବି କରିଛନ୍ତି।



# ଡାକ୍ତରଙ୍କୁ ମାଡ଼ ଅଭିଯୋଗ; ଡାକ୍ତରଖାନାରେ ଅସ୍ୱାଭାବିକ ସ୍ଥିତି

**ରାଉରକେଲା, ୨୫।୯ (ସମିସ):** ସୁନ୍ଦରଗଡ଼ର ସରକାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ୍‌ରେ ଜଣେ ଡାକ୍ତରଙ୍କୁ ମାଡ଼ ଅଭିଯୋଗ ପରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ତେବେ ଡାକ୍ତରଙ୍କୁ ମାଡ଼ ପ୍ରତିବାଦରେ ଗତ ରାତିରେ ଅନ୍ୟ ଡାକ୍ତରମାନେ କାର୍ଯ୍ୟ ବନ୍ଦ କରି ଦେଇଥିବା ଜଣାପଡ଼ିଛି। ଫଳରେ ଓପିଡି ଏବଂ ଜରୁରିକାଳୀନ ସେବା ପ୍ରଭାବିତ ହୋଇଥିଲା। ଉତ୍ତେଜନା ଥିବାରୁ ଘଟଣାସ୍ଥଳରେ ପୁଲିସ ପହଞ୍ଚି ବୁଝାଶୁଝା କରିଥିଲା। ସୂଚନା ମୁତାବକ ସୁନ୍ଦରଗଡ଼ ଜିଲ୍ଲା କିଞ୍ଜିରକେଲା ଟାଙ୍ଗରପୋର ଅଞ୍ଚଳର ଯୁବକ ଭୂପତି ନାୟକ ଏବଂ ସଦର ଥାନା ସମରଡିହ ଗାଁର ରିତେଶ କୁମାର ନାୟକ ଜଣେ ରୋଗୀଙ୍କୁ ମେଡିକାଲ ନେଇ ଆସିଥିଲେ। ସେଠାରେ ଅସ୍ଥିଶଲ୍ୟ ଚିକିତ୍ସକ ନଥିବାରୁ କାଜୁଆଲିଟି ଡ୍ୟୁଟିରେ ଥିବା ଡାକ୍ତର ଚନ୍ଦ୍ରଶେଖର ସୁବୁଦ୍ଧି ଏବଂ ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ରୋଗୀଙ୍କ ସମ୍ପର୍କୀୟ ଭୂପତି ନାୟକ ଓ ରିତେଶ କୁମାର ନାୟକ ଡାକ୍ତର ସୁବୁଦ୍ଧିଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ସାର୍ଟ କଲାର ଟାଣି ନିସ୍ଠୁକ ମାଡ଼ ମାରିଥିଲେ। ଫଳରେ ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ ଏବଂ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଆହତ ଡାକ୍ତର ସୁବୁଦ୍ଧିଙ୍କ ଲିଖିତ ଅଭିଯୋଗ କ୍ରମେ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସେପଟେ କର୍ତ୍ତବ୍ୟରତ ଡାକ୍ତରଙ୍କୁ ମାଡ଼ ଘଟଣାର ପ୍ରତିବାଦ କରି ମେଡିକାଲ କଲେଜ ଓ ହସ୍ପିଟାଲର ସମସ୍ତ ଡାକ୍ତର ଗତ ରାତିରେ ସାମୂହିକ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଡାକ୍ତର ଏବଂ ଡାକ୍ତରୀ ଛାତ୍ର ଓପିଡ଼ି, ଏମରଜେନ୍ସି ସେବାକୁ ବି ବନ୍ଦ କରିଦେଇଥିଲେ। ଯାହାକୁ ନେଇ ମେଡିକାଲରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ ଅତିରିକ୍ତ ଏସ୍‌ପି ସାମଦ ଏବଂ ପୁଲିସ ପହଞ୍ଚି ଡାକ୍ତରଙ୍କ ସୁରକ୍ଷା ଦାୟିତ୍ୱ ଓ ୨୪ ଘଣ୍ଟିଆ ପୁଲିସ ପାଟ୍ରୋଲିଂ ପ୍ରତିଶ୍ରୁତି ଦେବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏହି ଘଟଣାରେ ଡାକ୍ତର ସୁବୁଦ୍ଧିଙ୍କୁ ମାଡ଼ ମାରିଥିବା ଯୁବକଦ୍ୱୟ ଭୂପତି ନାୟକ ଓ ରିତେଶ କୁମାର ନାୟକଙ୍କୁ ଟାଉନ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

**ପ୍ରକଳ୍ପ 'ଶିଲଡ୍'ର ପ୍ରଥମ ପଦକ୍ଷେପ**

## ୧୦୫ ପେସାଦାର ଅପରାଧୀଙ୍କ ସାମୂହିକ ପରେଡ୍

**ରାଉରକେଲା, ୨୫।୯ (ସମିସ):** ଅପରାଧ ଘଟିବା ପୂର୍ବରୁ ଅପରାଧୀଙ୍କୁ ଠାବ କରିବା ତଥା ଗତିବିଧି, କାର୍ଯ୍ୟକଳାପ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପାଇଁ ରାଉରକେଲା ଏନ୍‌ଆଇଟିର ବୈଷୟିକ ସହାୟତାରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ଶୁଭାରମ୍ଭ ହୋଇଥିବା ଶିଲଡ୍ (ସ୍ମାର୍ଟ ହାବିଚୁଆଲ ଅଫେଣ୍ଡର ଇଣ୍ଟେଲିଜେନ୍ସ ଏଣ୍ଡ ଏର୍ଲି ଲ' ଏନଫୋର୍ସମେଣ୍ଟ ଡିଟେନସନ) ନାମକ ଏକ ଅଭିନବ ଆପ୍‌ର ଆଜି ପ୍ରଥମ ପଦକ୍ଷେପ ସ୍ୱରୂପ ୧୦୫ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ରାଉରକେଲା ପୁଲିସ ଜିଲ୍ଲା ରିଜର୍ଭ ପଡ଼ିଆ ଠାରେ ଆୟୋଜିତ ଏକ ପରେଡ୍‌ରେ ସାମିଲ କରାଯାଇଥିଲା। ସୂଚନାଯୋଗ୍ୟ ଯେ ସେମାନଙ୍କ କ୍ରାଇମ ରେକର୍ଡର ସମସ୍ତ ଅପରାଧିକ ତଥ୍ୟ ପୂର୍ବରୁ ଏହି ଶିଲଡ୍ ଆପ୍‌ରେ ଅପ୍‌ଲୋଡ କରାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ କିଛି ଅପରାଧୀ ଅପରାଧ ରାସ୍ତା ଭୁଲି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଥିବା ନେଇ ଏସପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି।



# ପ୍ରଶାସନର ଅସହଯୋଗ; ସିପିସିରେ ଅସନ୍ତୋଷ

**ରାଉରକେଲା, ୨୫।୯ (ସମିସ)**

ପାର୍ବଣ ଋତୁ ଆସି ଯାଇଥିବା ବେଳେ ଆଉ ମାତ୍ର ୩ ଦିନ ପରେ ଧରାବତରଣ କରିବେ ଦୁର୍ଗେ ଦୁର୍ଗତିନାଶିନୀ ମାଆ ମହାମାୟା। ଏଥିପାଇଁ ସ୍ମାର୍ଟ ସିଟି ରାଉରକେଲା ଚଳଚଞ୍ଚଳ ହୋଇପଡ଼ିଛି। ସହରର ୧୦୬ଟି ପୂଜା ମଣ୍ଡପରେ ପୂଜାକୁ ଧୂମଧାମରେ ପାଳନ କରିବା ପାଇଁ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଏବଂ କାରିଗରମାନେ ଦିନରାତି ଏକ କରି ଦେଇଛନ୍ତି। ହେଲେ ଜିଲ୍ଲା ପ୍ରଶାସନର ଅସହଯୋଗ ଯୋଗୁଁ ଚଳିତ ବର୍ଷ ପୂଜା ସୁରୁଖୁରୁରେ ଆୟୋଜନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ କେନ୍ଦ୍ରୀୟ ପୂଜା କମିଟି (ସିପିସି) ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ରାଉରକେଲା ସହରରେ ମୋଟ ୧୦୬ଟି ମଣ୍ଡପରେ ପୂଜା ପାଇଁ ଆକର୍ଷଣୀୟ ତୋରଣ ନିର୍ମାଣ ଚାଲିଛି। ଉକ୍ତ ୧୦୬ଟି ପୂଜା ମଧ୍ୟରୁ ରାଉରକେଲା ଇସ୍ପାତ କାରଖାନା ଅନ୍ତର୍ଗତ ସେକ୍ଟର ଅଞ୍ଚଳରେ ୪୯ଟି ମଣ୍ଡପରେ ଦୁର୍ଗା ପୂଜା ହେଉଥିବା ବେଳେ ସିଭିଲ ଟାଉନସିପ, ଉଦିତନଗର, ବାସନ୍ତି କଲୋନୀ, ଛେଣ୍ଡ କଲୋନୀ ସମେତ ରାଉରକେଲା ମହାନଗର ଅଞ୍ଚଳରେ ୩୬ଟି, ସାରନଗରୀ ଅଞ୍ଚଳରେ ୧୪ଟି ଏବଂ ରେଳବାଇ ଅଞ୍ଚଳରେ ୭ଟି ମଣ୍ଡପରେ ଦୁର୍ଗାପୂଜା ହେଉଥିବା ସୂଚନା ମିଳିଛି। ତେବେ ଆରଏସପି ଏରିଆରେ ହେଉଥିବା ପୂଜା ପାଇଁ ଜମି ଅନୁମତି ଆରଏସପି କର୍ତ୍ତୃପକ୍ଷଙ୍କ ଠାରୁ ଆଣିବାକୁ ରହିଥିବା ବେଳେ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ହେଉଥିବା ପୂଜା ପାଇଁ ଆରଏମସି ଏବଂ ବନ୍ଧମୁଣ୍ଡା, ରେଲୱେ କଲୋନୀ ଆଦି ରେଳବାଇ ଅଞ୍ଚଳରେ ହେଉଥିବା ପୂଜା ପାଇଁ ରେଳବାଇ କର୍ତ୍ତୃପକ୍ଷଙ୍କ ଠାରୁ ଆଣିବାର ନିୟମ ରହିଛି। ଯେହେତୁ ସମସ୍ତ ୧୦୬ଟି ପୂଜା ମଣ୍ଡପରେ ଦୁର୍ଗାପୂଜା ଆବାହନ କାଳରୁ ରାଉରକେଲା କେନ୍ଦ୍ରୀୟ ପୂଜା କମିଟି (ସିପିସି)ର ତତ୍ତ୍ୱାବଧାନରେ ଆୟୋଜିତ ହୋଇ ଆସୁଛି ଏବଂ ପ୍ରତି ପୂଜା ମଣ୍ଡପ ପାଇଁ ପୂଜା ଜମି ଅନୁମତି ଏବଂ ସାଉଣ୍ଡ ଅନୁମତି ସିପିସିର ସଭାପତି ତଥା ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ପକ୍ଷରୁ ସମ୍ପୃକ୍ତ ଜମି କର୍ତ୍ତୃପକ୍ଷଙ୍କୁ ୧୦୬ଟି ମଣ୍ଡପ ପାଇଁ ଗୋଟିଏ କମନ୍ ଚିଠିରେ ଯଥେଷ୍ଟ ପୂର୍ବରୁ ଆବେଦନ କରାଯାଇଥାଏ। ସେହିପରି ସାଉଣ୍ଡ ପରିମିସନ ବି ଏକ କମନ୍ ଚିଠିରେ ସିପିସି ସଭାପତି ପକ୍ଷରୁ ଚିଠି ପ୍ରେରଣ କରାଯାଇଥାଏଙ୍ଗ ହେଲେ ଦୁର୍ଗା ପୂଜା ପାଇଁ ଆଉ ମାତ୍ର ୩ ଦିନ ରହିଥିବା ବେଳେ ଏପର୍ଯ୍ୟନ୍ତ ଲ୍ୟାଣ୍ଡ ଅନୁମତି ଏବଂ ସାଉଣ୍ଡ ଅନୁମତି ପାଇଁ ସିପିସି ପକ୍ଷରୁ ସମ୍ପୃକ୍ତ ଜମି ସତ୍ତ୍ୱାଧିକାରୀଙ୍କୁ ଚିଠି କରାଯାଇନି। ଯାହା ଫଳରେ ପୂଜା କମିଟି କର୍ମକର୍ତ୍ତାମାନେ ଦ୍ୱନ୍ଦ୍ୱ ରହିଛନ୍ତି। ଏ ନେଇ ସିପିସି ସାଧାରଣ ସମ୍ପାଦକ ମୁକ୍ତକାନ୍ତ ବେହେରାଙ୍କ କହିବା କଥା ହେଲା ଯେ ଚଳିତବର୍ଷ ପ୍ରଶାସନ ପକ୍ଷରୁ ପୂଜା ପରିଚାଳନାରେ ସିପିସିକୁ ଯେପରି ଅସହଯୋଗ କରାଯାଉଛି, କେବେ ଏପରି ହୋଇ ନଥିଲା। ସିପିସି ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳଙ୍କୁ ବାଦ ଦେଲେ ଯେଉଁ କର୍ମଚାରୀମାନେ ଦାୟିତ୍ୱରେ ରହିଛନ୍ତି ସେମାନେ ନୂଆ ତଥା ଅନଭିଜ୍ଞ ରହିଥିବା ସେମାନେ କିଛି ଜାଣିପାରୁ ନାହାଁନ୍ତି। ଯାହା ଫଳରେ ଅଯଥାରେ ଯୁକ୍ତିତର୍କ କରି ତାଙ୍କୁ ହଇରାଣ କରୁଛନ୍ତି। ଯଦି ଏପରି ଅସହଯୋଗ ଜାରି ରହେ ତେବେ ପୂଜା ପରିଚାଳନା ସିପିସି ପାଇଁ କଷ୍ଟସାଧ୍ୟ ହୋଇ ପଡ଼ିବ ବୋଲି ସାଧାରଣ ସମ୍ପାଦକ ଭାବେ ମୁକ୍ତକାନ୍ତ ବେହେରା କହିଛନ୍ତି।

# ସିଙ୍ଗଝରରେ ମୃଦୁ ଭୂମିକମ୍ପ, ଗାଁ ଲୋକେ ଭୟଭୀତ

**ସିନାପାଲି, ୨୫।୯ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝର ଗ୍ରାମରେ ମୃଦୁ ଭୁମିକମ୍ପ ହୋଇଥିବା ଜଣାପଡ଼ିଛି।ବୁଧବାର ଅପରାହ୍ନରେ ଗ୍ରାମରେ ମୃଦୁ ଭୁମିକମ୍ପ ହୋଇଥିଲା। ଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତରୁ



ସିମେଣ୍ଟ ଅତଡା ଖସିଥିବା ବେଳେ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିଲା। ସେହିପରି ନିଳାମ୍ବର ବୈଠାରୁଙ୍କ ଟିଭି ଷ୍ଟେନ୍ ଭାଙ୍ଗିଥିବା ବେଳେ ଲଳିତ ମାଝିଙ୍କ ଘର କାନ୍ଥରେ ଫାଟ ସୃଷ୍ଟି ହୋଇଥିଲା। ସେହିପରି ରମେଶ ଅଗ୍ରୱାଲଙ୍କ ଘର ଖପର ଓ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ମୃଦୁ ଭୁମିକମ୍ପ ଅପରାହ୍ନ ପ୍ରାୟ ସାଢେ ତିନି ଘଣ୍ଟା ବେଳେ ପ୍ରଥମେ ଠୋ ଆବାଜ ଦେଇ ଭୂମି ଥରି ଉଠିଥିଲା।ସେହିପରି ଦ୍ୱିୟରେ ରାତ୍ରି ସାଢେ ତିନି ଟାରେ ଜୋର୍ ଜୋରରେ ଶବ୍ଦ କରି ଭୁମି ଦୁଲୁକି ଥିବାବେଳେ କିଛି କିଛି ସମୟ ଛାଡି ୩ ଥର ଭୁମି କମ୍ପିଥିଲା। ସେହିପରି ଗୁରୁବାର ସକାଳ ପ୍ରାୟ ସାତ ଘଣ୍ଟା ସମୟ ବେଳେ ଆଉଥରେ ଭୂମିକମ୍ପ ହୋଇଥିଲା। ଫଳରେ ଗାଁଲୋକେ ଭୟଭୀତ ହୋଇ ପଡ଼ିଥିବା ବେଳେ ଗ୍ରାମର ମାଝିପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଙ୍କୁ ଅନ୍ୟ ସ୍ଥାନରେ ପାଠ ପଢ଼ାଇବାକୁ ଗ୍ରାମବାସୀ ଶିକ୍ଷା ବିଭାଗକୁ ଅନୁରୋଧ କରିଥିଲେ।ଗୋଷ୍ଠୀ ଶିକ୍ଷା ଅଧିକାରୀ ଜତିନ୍ଦ୍ର ସେଠ ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀ ସହ ଆଲୋଚନା କରି ଘଟଣା ବିଷୟରେ ବୁଝାସୁଝା କରିଥିଲେ। ପ୍ରାପ୍ତ ଖବର ଅନୁସାରେ ବୁଧବାର ଅପରାହ୍ନରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ୬ରୁ ଅଧିକ ଥର ମୃଦୁ ଭୁମିକମ୍ପ ହେବା ଫଳରେ ଘରଦ୍ୱାର ହଲିଯାଇ ତଳକୁ ଖସିଯିବା ଗ୍ରାମବାସୀ ଅନୁମାନ କରିଥିଲେ। ପରେ ଭୟରେ ରାତି ଘରୁ ପଦାକୁ ବାହାରି ଆସିଥିଲେ।ମୃଦୁ ଭୂମିକମ୍ପ ଗୋଡ଼ଲ, କୋଟାମାଲ, ବ୍ରାହ୍ମଣୀଗୁଡାରେ ମଧ ହୋଇଥିବା ଲୋକେ ପ୍ରକାଶ କରୁଛନ୍ତି।

## ବେଆଇନ ବାଣ ଗୋଦାମରେ ଚଢ଼ଉ

# ୩୦ ଲକ୍ଷ ଟଙ୍କାର ବାଣ ଜବତ

**ଜୟପାଟଣା, ୨୫।୯ (ସମିସ)**

କଳାହାଣ୍ଡି ଜିଲ୍ଲା ଜୟପାଟଣାର ହୋଲସେଲ ବାଣ ବ୍ୟବସାୟୀ ବଜରଙ୍ଗ ଅଗ୍ରୱାଲ୍ ଘରେ ଗୁରୁବାର ସକାଳୁ ସ୍କାର୍ଡ ଚଢ଼ାଉ କରି ବେଆଇନ ଭାବେ ଗଛିତ ଥିବା ବିପୁଳ ପରିମାଣର ବାଣ ଜବତ କରାଯାଇଛି। ଜବତ ବାଣର ମୂଲ୍ୟ ୩୦ଲକ୍ଷ ହେବ ହେବ ବୋଲି ଧର୍ମଗଡ଼ ଏସଡିପିଓ ଡୋଲାମଣି ବିଶି ସୂଚନା ଦେଇଛନ୍ତି। ବଜରଙ୍ଗ ଅଗ୍ରୱାଲଙ୍କ ଘରେ ଥିବା ଗୋଦାମରେ ଏତେ ପରିମାଣରେ ବାଣ ରହିଥିଲା ଯେ ପୁଲିସ କିପରି ସନ୍ଧାନ ପାଇପାରି ନଥିଲା।କିଛି ଦିନ ପୂର୍ବେ ବୌଦ୍ଧରେ ବାଣ ବିସ୍ଫୋରଣ ସାରା ରାଜ୍ୟରେ ଚହଳ ପକାଇଥିବା ବେଳେ ଲୋକଙ୍କ ସୁରକ୍ଷା ଦୃଷ୍ଟିରେ ରଖି ବର୍ତ୍ତମାନ କଳାହାଣ୍ଡିରେ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ବୁଧବାର ରାତିରେ ଜୟପାଟଣା ପୁଲିସ ବଜରଙ୍ଗ ଅଗ୍ରୱାଲଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରି ବଜରଙ୍ଗ ଅଗ୍ରୱାଲଙ୍କ ସ୍ତ୍ରୀ ଲକ୍ଷ୍ମୀ ଅଗ୍ରୱାଲ ନାରେ ମାମଲା ରୁଜୁ କରିଥିଲା। କିନ୍ତୁ ଗୋଦାମରେ ବହୁ ପରିମାଣରେ ବାଣ ଗଛିତ ରହିଥିବା କଳାହାଣ୍ଡି ଏସ୍‌ପି କୌଣସି ସୂତ୍ରରୁ ଖବର ପାଇ ଏକ ସ୍କାର୍ଡ ପଠାଇ ବଜରଙ୍ଗ ଅଗ୍ରୱାଲଙ୍କ ଘରେ ଚଢ଼ଉ କରାଯାଇଥିଲା। ଘରେ ଏତେ ପରିମାଣରେ ବାଣ ଗଛିତ ହୋଇଥିଲା ବି ସ୍କାର୍ଡ ସବୁ ଠାବ କରିପାରି ନଥିଲେ। ବିଭିନ୍ନ କାର୍ଟୁନରେ ଖେଳଣା ସାମଗ୍ରୀ ସହିତ ମଧ ବାଣ ରହିଥିଲା। ବଜରଙ୍ଗ ଅଗ୍ରୱାଲ ଦୀର୍ଘ ୨୦ବର୍ଷ ଧରି ନିଜ ଘରେ ବିପୁଳ ପରିମାଣର ବାଣ ରଖି ଜୟପାଟଣା, କଳମପୁର, ଥୁଆମୂଳ ରାମପୁର ଅଞ୍ଚଳକୁ ହୋଲସେଲ କରି ଆସୁଛନ୍ତି।ଏହାସହିତ, ପ୍ଲାଷ୍ଟିକ ଖେଳଣା, ଅଳଙ୍କାର, ସୂତା, ଇଲେକ୍ଟ୍ରୋନିକ ସାମଗ୍ରୀର ହୋଲସେଲ ମଧ କରିଥାନ୍ତି। ଏଥି ପୂର୍ବରୁ ମଧ ଦୀପାବଳି ସମୟରେ ମଧ ତାଙ୍କ ଘରୁ ବାଣ ଜବତ କରାଯାଇଥିବା ନଜିର ରହିଛି। ଏସବୁ ସତ୍ୱେ ସେ ଦୀର୍ଘ ଦିନ ଧରି ଏପରି ବେଆଇନ ଭାବେ ଜନବସତି ସ୍ଥାନରେ ବାଣ ରଖି କାରବାର କରି ସରକାରଙ୍କୁ ବ୍ୟାପକ ଟିକସ ଫାଙ୍କୁଥିଲେ।



# ଶିକ୍ଷକଙ୍କୁ ନେସନ ବିଲଡର ସମ୍ମାନ

**ସିନାପାଲି, ୨୫।୯ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନଙ୍ଗଲବୋର୍ଡ ସେବାଶ୍ରମର ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝି ଓ ସେବାଶ୍ରମକୁ ନେସନ ବିଲଡର ଆୱାର୍ଡ଼ରେ ସମ୍ମାନିତ କରାଯାଇଛି। ରାଜ୍ୟସ୍ତରୀୟ ସମାରୋହରେ ଆଦିବାସୀ ଓ ଅନୁସୂଚିତ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ନେସନ ବିଲଡର ଆୱାର୍ଡ଼ ଓ ଭୁବନେଶ୍ୱରସ୍ଥିତ ରୋଟାରୀ କ୍ଲବ୍ ଅଫ ଆନୁକୂଲ୍ୟରେ ଆୟୋଜିତ ସମୋରୋହରେ ରାଜ୍ୟର ବିଭିନ୍ନ ସେବାଶ୍ରମ ଓ ବିଦ୍ୟାଳୟର ଶିକ୍ଷକଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପୂର୍ବତନ ଆଇପିଏସ ଅଫିସର ତଥା ଲୋକସମ୍ପର୍କ ଓ ସୂଚନା କମିଶନର ପ୍ରାଣବନ୍ଧୁ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବରେ ଚାଟାର୍ଟଆକାଉଣ୍ଟାଣ୍ଟ ରାଜୀବଶେଖର ସାହୁ ସମେତ ଅନ୍ୟାନ୍ୟ ଅଟିଥି ଗହଣରେ ଏହି ସମ୍ମାନରେ ସମ୍ମାନିତ ହୋଇଥିଲେ। ଶ୍ରୀ ମାଝି ସମ୍ମାନିତ ହୋଇଥିବାରୁ ଅଞ୍ଚଳର ଅଭିଭାବକ, ଛତ୍ରଛାତ୍ରୀ, ବିଦ୍ୟାଳୟ ଶିକ୍ଷକ, ଓ ବିଭିନ୍ନ ଶିକ୍ଷା ବିଭାଗ ତରଫରୁ ଶୁଭେଚ୍ଛାଜ୍ଞାପନ କରଯାଇଛି।



## ବିଦ୍ୟୁତ୍ ତାର ଛିଣ୍ଡି ଆଦିବାସୀ ମହିଳାଙ୍କ ମୃତ୍ୟୁ ମାମଲା

# ଜିଲ୍ଲାପାଳଙ୍କୁ ଏନଏଚ୍‌ଆରସିଙ୍କ ନୋଟିସ୍

**ଭବାନୀପାଟଣା, ୨୫।୯ (ସମିସ):** ୨୦୨୫ ମସିହା ଏପ୍ରିଲ ୧୬ତାରିଖରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବାତିଲିମା ପଞ୍ଚାୟତ ବେଲମ୍ବାର ଫୁଲଦେଇ ମାଝୀ ଶାଗ ତୋଳୁଥିବା ବେଳେ ୧୩୨ କେଭି ତାର ଛିଣ୍ଡି ପଡ଼ିବାରୁ ଫୁଲ ଦେଇ ମାଝୀ ମୃତ୍ୟୁ ବରଣ କରିଥିଲେ।ଏହି ଘଟଣା ମାନବାଧିକାର କର୍ମୀ ଦିଲ୍ଲୀପ ଦାସ ଜାତୀୟ ମାନବ ଅଧିକାର କମିଶନ ନିକଟରେ ପୀଡିତ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଦାୟୀ ଅଧିକାରୀଙ୍କୁ ଗିରଫ କରି ଫୌଜିଦାରି ମକଦ୍ଦମା କରିବାକୁ ଦାବି କରିଥିଲେ। ଘଟଣାକୁ ଗୁରୁତ୍ୱ ଦେଇ ଆଜି ମାନବଅଧିକାର କମିଶନ ମାମଲାର ଶୁଣାଣି କରି ଏ ଦିଗରେ କି ପଦକ୍ଷେପ ନିଆଯାଇଛି ତାର ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ନୋଟିସ କରି କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି।

# ମାଲ୍‌ବାହୀ ଟ୍ରକ୍ ଓ ମେକ୍ସିକ୍ୟାବ୍ ମୁହାଁମୁହିଁ ଧକ୍କା ;୧୨ ଗୁରୁତର





**କୋକସରା, ୨୫।୯ (ସମିସ):** ୨୬ ନମ୍ବର ଜାତୀୟ ରାଜପଥର କୋକସରା ଥାନା କୁସୁମଖୁଣ୍ଟି-ମୋଟେର ରାସ୍ତା ମଝିରେ ମାଳବାହୀ ଟ୍ରକ ଓ ମେକ୍ସିକ୍ୟାବ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଆହତ ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କେସିଙ୍ଗାରୁ ବିଜୟୱାଡା ଯାଉଥିବା ଏକ ମାଳବାହୀ ଟ୍ରକ୍ ଓ ନବରଙ୍ଗପୁର ରେଙ୍ଗିଗୁଡାରୁ ବରଗଡ଼ ଯାଉଥିବା ମେକ୍ସିକ୍ୟାବ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୧୦ ରୁ ୧୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ରେଙ୍ଗୀଗୁଡା ଗ୍ରାମର ସୁନାଧର ଭତ୍ରା, ନବୀନ ଭତ୍ରା, ଚକ୍ର ଭତ୍ରା, ତୁଳସୀରାମ ଭତ୍ରା, ରୁକଧର ଭତ୍ରା, ପାଟଳା, ମଧୁ, ଜଳନ୍ଧର, ଛବିଳ, ସେକ୍ସନ, ପଲସିଙ୍ଗ ସମେତ ଅନେକ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ କୋକସରା ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଭ୍ୟାନ୍, ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡି ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି।ପୁଲିସ ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣା ଗ୍ରସ୍ତ ଟ୍ରକ୍ ଓ ମେକ୍ସିକ୍ୟାବ ଗାଡିକୁ ଜବତ କରି ମୋଟେର ଫାଣ୍ଡିକୁ ନେଇଛି। ସମସ୍ତ ଗୁରୁତ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟରେ ଚିକିତ୍ସିତ ହେଉଛନ୍ତି।

# ଜିଲ୍ଲାରେ ବିଭିନ୍ନ କଳଖାରଖାନା ଖୋଲିବାକୁ ଦାବି

**କୋମନା, ୨୫।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକକୁ ବିଜେପି ରାଜ୍ୟ ସଭାପତି ମନ ମୋହନ ସାମଲଙ୍କ ଦିନିକିଆ ଗସ୍ତ ସମୟରେ ଅଞ୍ଚଳର ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ଖମାରୀ ସାକ୍ଷାତ କରି ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ଦାବି ଜଣାଇଛନ୍ତି। ମୁଖ୍ୟଦାବି ଥିଲା ନୂଆପଡ଼ା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାରେ କାମଧନ୍ଦା ପାଇଁ ଯୁବ ପିଢ଼ି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ନୂଆପଡ଼ା ଜିଲ୍ଲାରେ ବିଭିନ୍ନ କଳ ଖାରଖାନା ଖୋଲିଲେ ନିହାତି ଭାବରେ ବେକାରୀ ଯୁବବର୍ଗ ପାଇଁ ରୋଜଗାର ରାସ୍ତା ବାହାରିବ ବୋଲି ଶ୍ରୀ ସାମଲଙ୍କ ନିବେଦନ କରିଥିଲେ। ଗସ୍ତ ସମୟରେ କୋମନାସ୍ଥିତ ନବ ଦୁର୍ଗା ମଣ୍ଡପରେ ମା'ଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଗ୍ରହଣ କରିଥିଲେ।



# ଦୟାଲ ଉପାଧାୟଙ୍କ ଜୟନ୍ତୀ

**ଗୋଲାମୁଣ୍ଡା, ୨୫।୯ (ସମିସ):** ପଣ୍ଡିତ ଦିନ ଦୟାଲ ଉପାଧାୟଙ୍କ ଜୟନ୍ତୀରେ ପୁଣ୍ୟାତ୍ମାକୁ ଶ୍ରଦ୍ଧାଞ୍ଜଳିଜ୍ଞାପନ କାର୍ଯ୍ୟକ୍ରମ ଗୋଲାମୁଣ୍ଡା ବ୍ଲକ ଗଣ୍ଡାମେର ଶକ୍ତି କେନ୍ଦ୍ର ଗଣ୍ଡାମେର ଉପର ପଡ଼ା କ୍ଲବରେ ମଣ୍ଡଳ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ହିତେଶ ମଶ୍ରାଙ୍କ ନେତୃତ୍ୱରେ ପାଳନ କରାଯାଇଥିଲା।ଉପସ୍ଥିତି ଥିଲେ ଜିଲ୍ଲା ପ୍ରତିନିଧି ଗୋଲାମୁଣ୍ଡା ମଣ୍ଡଳ ପ୍ରଦୀପ ପଣ୍ଡା, ମଣ୍ଡଳ ସଭାପତି ବୈଶାଖୁ କେତକୀ, ସାଧାରଣ ସମ୍ପାଦକ ନକୁଳ ରାଉତ, ସମ୍ପାଦକ ବେଣୁଧର ସାହୁ ଗଣ୍ଡାମେର ଶକ୍ତିକେନ୍ଦ୍ର ପ୍ରମୁଖ ପ୍ରଦୀପ ନାଏକ, ସର୍ଗିଗୁଡା ବୁଥ ସଭାପତି ବିରଶୋର ନାଏକ, ସମ୍ପାଦକ କୁରୁକ୍ଷେତ୍ର ନାଏକ ଯୁବମୋର୍ଚ୍ଚା ଆଇଟି ସେଲ ପିଣ୍ଟୁ ନାଏକ, ଗଣ୍ଡାମେର ପଞ୍ଚାୟତ ୱାର୍ଡମେମ୍ବର-୫ ଲୋକନାଥ ଟୋଲଟିଆ, ନୀଳକଣ୍ଠ ମାଝୀ, ନିରାକାର ନାଏକ, ଟଙ୍କଧର ନାଏକ ତଥା ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଉପାଧାୟଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ମହତ ଚରିତ୍ର କୁ ମନେପକାଇ ବୈଠକକୁ ସାରିଥିଲେ।

# ଜାତୀୟ ସେବା ଯୋଜନା ଦିବସ




## ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଭବାନୀପାଟଣା, ୨୫।୯ (ସମିସ):** ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଏନ୍‌ଏସଏସ ବ୍ୟୁରୋ ପକ୍ଷରୁ ସ୍ୱେଚ୍ଛାସେବୀ ଓ ଅନ୍ୟାନ୍ୟ ଅତିଥିଙ୍କ ଗହଣରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି।ଉତ୍ସବରେ କୁଳପତି ଡକ୍ଟର ନିବେଦିତା ନାଥ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ଅନିମେଶ ପ୍ରଧାନ, ପ୍ରୋବେସେନାରୀ ଆଇଏସ୍-କମ୍-ଇଓ, ମ୍ୟୁନିସପାଲିଟି, ଭବାନୀପାଟଣା ଯୋଗଦେଇଥିଲେ।ସମ୍ମାନିତ ଅତିଥି ଭାବେ ମିସ ଚସ୍ମୀତ୍ କୌର୍, ୟୁଥ୍ ଆଇକନ୍, ମେରା ଯୁବା ଭାରତ, ମେଜର ଡକ୍ଟର ଜୟଦେବ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏନଏସଏସ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଚିତ୍ତରଞ୍ଜନ ଖୁଣ୍ଟିଆ ପରିଚାଳନା କରିଥିଲେ। କୁଳପତି ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ମିସ ରୋଜ ମେରୀ ରଶ୍ମିତା ଏକ୍କା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ପ୍ରିୟ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ମହିଳା ମହାବିଦ୍ୟାଳୟ

**ଭବାନୀପାଟଣା:** ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣାର ଏନ୍‌ଏସଏସ୍ ମହିଳା ୟୁନିଟ୍ ପକ୍ଷରୁ ଏନ୍‌ଏସଏସ୍ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଏନ୍‌ଏସଏସ୍ ପ୍ରୋଗ୍ରାମ୍ ଅଫିସର ଡ. ରାଧାରାଣୀ ନାୟକ ସ୍ୱାଗତ ଉଦବୋଧନ ଦେବା ସହିତ ସେବିକାମାନଙ୍କୁ ସତ୍ୟ ନେତା ଓ ସମାଜ ପରିବର୍ତ୍ତନକାରୀ ଭାବେ ନିଜମନକୁ ଉତ୍ସର୍ଗ କରିବାକୁ ପ୍ରେରଣା ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ତ୍ରିଲୋଚନ ଜେନା କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ଛାତ୍ରଜୀବନରେ ସେବାର ଗୁରୁତ୍ୱ ଓ ଏନ୍‌ଏସଏସ୍ ଯୁବ ସମାଜକୁ ନିଜସ୍ୱାର୍ଥହୀନ ସେବା ମାଧ୍ୟମରେ ଜାତିଗଠନରେ ସାମିଲ ହେବା ପାଇଁ ଉଚିତ ମଞ୍ଚ ବୋଲି କହିଥିଲେ। ଅତିଥି ଭାବେ ଧୀରେଶ ଚନ୍ଦ୍ର ନନ୍ଦ, ହେମନ୍ତ କୁମାର ମାଝି ଓ ଡା.ପିକେ ସେନାପତି ଯୋଗ ଦେଇଥିଲେ। ସେମାନେ ନିଜ ବକ୍ତବ୍ୟରେ ସେବିକାମାନଙ୍କୁ ସମାଜ ସେବା ମାଧ୍ୟମରେ ସହାନୁଭୂତିଶୀଳ ମଣିଷ ହେବାର ପରାମର୍ଶ ଦେଇଥିଲେ। ଏହି ଅବସରରେ, ଏନ୍‌ଏସଏସ୍ ଲୋଗୋ ସହିତ ସରକାରୀ ମହିଳା ମହାବିଦ୍ୟାଳୟର ନାମ ମୁଦ୍ରିତ ଥିବା ଅଧିକୃତ ଏନ୍‌ଏସଏସ୍ ଟି-ଶର୍ଟ୍ ପ୍ରଧାନ ଆଚାର୍ଯ୍ୟଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଶେଷରେ ସୌମ୍ୟା ସୁସ୍ମିତା ଭୋଇଙ୍କର ଧନ୍ୟବାଦ ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଅର୍ଚ୍ଚନା ପାତ୍ର ଓ ଶିପ୍ରା ପଟ୍ଟନାୟକ ପରିଚାଳନା କରିଥିଲେ।

## କେସିଙ୍ଗା ମହାବିଦ୍ୟାଳୟ

**କେସିଙ୍ଗା:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳନ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧକ୍ଷ ସୁଶାନ୍ତ କୁମାର ପାଢ଼ୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।ମୁଖ୍ୟବକ୍ତା ଭାବରେ ଶିକ୍ଷା ବିଭାଗର ମୁଖ୍ୟ ଅଧାପକ ଉମେଶ ଚନ୍ଦ୍ର ବାରିକ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ସମାଜ ସେବା ପ୍ରତି ଅଭିପ୍ରେରିତ କରିବା ସହିତ ରାଷ୍ଟ୍ରଗଠନରେ ଯୁବ ଗୋଷ୍ଠୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅଧାପିକା ଗୀତାଞ୍ଜଳି ଦୋରା, ଅଧାପକ ରାଇମୋହନ ମାଝୀ, ହେମନ୍ତ କୁମାର ମାଝୀ, ବୈଲୋଚନ ନାଏକ, ନୀଳମାଧବ ଶୀଖା, ସୁନିଲ ବାଗ ଓ ଅନିତା କୁମାରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏନଏନ୍‌ଏସର କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ମଣି ରଣା ସଭା ପରିଚାଳନା କରିଥିବା ବେଳେ ଶେଷରେ ଅଧାପକ ରାଇମୋହନ ମାଝୀ ଧନ୍ୟବାଦ୍ ଅର୍ପଣ କରିଥିଲେ।




# ମାଁ ଦୁର୍ଗାଙ୍କ ମନ୍ଦିରରେ ଶାରଦୀୟ ନବରାତ୍ର ଉତ୍ସବ

**ଧର୍ମଗଡ଼, ୨୫।୯ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ରଜମୋହନ ପଞ୍ଚଦେବସ୍ଥିତ ମାଁ ଦୁର୍ଗାଙ୍କ ମନ୍ଦିରରେ ଶାରଦୀୟ ନବରାତ୍ର ଉତ୍ସବ ଗତ ୨୨ ତାରିଖ ଠାରୁ ଆରମ୍ଭ ହୋଇ ବହୁତ ଆଡ଼ମ୍ବର ଭାବେ ନବରାତ୍ର ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ ଭବ୍ୟ କଳସ ଯାତ୍ରା, କଳସ ସ୍ଥାପନ ଓ ଧ୍ୱଜା ରୋହଣ ପରେ ଦେବୀଙ୍କର ବୈଦିକ ପୂଜା ଓ ଅଭିଷେକ ହୋଇଥିଲା। ପ୍ରତ୍ୟହ ଧ୍ୱଜା ରୋହଣ ପରେ ସକାଳୁ ଅଭିଷେକ, ଚଣ୍ଡିପାଠ, ସନ୍ଧ୍ୟାରେ ଆଳତି ରୀତି ନୀତିରେ ଅନୁଷ୍ଠିତ ହେଉଛି। ମାଁ ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମୁଛି। ମୁଖ୍ୟ ପୂଜକ ପଣ୍ଡିତ ସୁରେଶ କୁମାର ଦାସ ଓ ପଣ୍ଡିତ ଶ୍ରୀଧର ନନ୍ଦ ପୂଜା କାର୍ଯ୍ୟ ସମ୍ପାଦନ କରୁଥିବା ପଙ୍କଜ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ଅନୁ ଅଗ୍ରୱାଲ କର୍ତ୍ତା ଦାୟିତ୍ୱ ନେଇଥିବା ବେଳେ ଗଣେଶ ଅଗ୍ରୱାଲ ସହ କର୍ତ୍ତା ଭାବେ ଦାୟିତ୍ୱରେ ଅଛନ୍ତି। ଆସନ୍ତା ନବମୀ ଦିନ କନ୍ୟା ପୂଜନ ସହିତ ଚଣ୍ଡୀପାଠରେ ଭକ୍ତମାନେ ସାମିଲ ହେବେ। ଆସନ୍ତା ୧ ତାରିଖ ଦିନ ପୂର୍ଣ୍ଣାହୁତି ହେବ ବୋଲି ଜଣାଯାଇଛି। ସେ ଦିନ ସ୍ୱତନ୍ତ୍ର ଭାବରେ ମାଁ ବିଜୟା ପୂଜନ, ମାଁ ଅପରାଜିତା ପୂଜନ ଏବଂ ସମି ପୂଜନ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ନବଦିନାତ୍ମକ ଉତ୍ସବକୁ ପଞ୍ଚଦେବ ବ୍ରଜମୋହନ ନବରାତ୍ର କମିଟିର ସଭାପତି ସାଇ ଗୋପାଳ ସାହୁ, ସମ୍ପାଦକ ମୁନିରାମ୍ ମାଝୀ ପରିଚାଳନା କରୁଥିବା ବେଳେ ସୁବାସ ଅଗ୍ରୱାଲ, ଜନ୍ମେଜୟ ନାଏକ, ରାଜେଶ ମିତ୍ତଲ, କିଶୋର ଅଗ୍ରୱାଲ, ବଜରଙ୍ଗ ଅଗ୍ରୱାଲ, କୁମୁଦ ସାହୁ, ସରୋଜ ସାହୁ, ହନୁମାନ ପ୍ରସାଦ ପ୍ରମୁଖ ସହଯୋଗ କରୁଛନ୍ତି।



SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ (15.09.2025 ରୁ 29.09.2025 ପର୍ଯ୍ୟନ୍ତ ପଞ୍ଜୀକରଣ ଦ୍ୱାର ପୁନର୍ବାର ଖୋଲୁଛି)**

ନିମ୍ନଲିଖିତ ପଦବୀ ପାଇଁ ବିଜ୍ଞାପନ ନମ୍ବର CRPD/SCO/2025-26/05 ମାଧ୍ୟମରେ ଚୁକ୍ତିଭିତ୍ତିକ ସ୍ପେସିଆଲିଷ୍ଟ କ୍ୟାଡ଼ର ଅଧିକାରୀ ନିଯୁକ୍ତି ପାଇଁ ବିଜ୍ଞାପନ 11.07.2025 ରୁ 07.08.2025 ପର୍ଯ୍ୟନ୍ତ ପଞ୍ଜୀକରଣ ପାଇଁ ଖୋଲା ଥିଲା।
ନିମ୍ନଲିଖିତ ପଦବୀ ପାଇଁ 15.09.2025 ରୁ 29.09.2025 ପର୍ଯ୍ୟନ୍ତ ପଞ୍ଜୀକରଣ ଦ୍ୱାର ପୁନଃ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି।
ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/05 (ସଂଶୋଧିତ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଭିପି (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |

**ଯେଉଁ ପ୍ରାର୍ଥୀମାନେ ଉପରୋକ୍ତ ଯେକୌଣସି ପଦବୀ ପାଇଁ ଏହି ନିଯୁକ୍ତି ନିମନ୍ତେ ପୂର୍ବରୁ 11.07.2025 ରୁ 07.08.2025 ପର୍ଯ୍ୟନ୍ତ ଆବେଦନ କରିଛନ୍ତି ସେମାନଙ୍କୁ ଆବେଦନ କରିବାକୁ ପଡିବ ନାହିଁ। କେବଳ ଯେଉଁ ପ୍ରାର୍ଥୀମାନେ ପୂର୍ବରୁ ଆବେଦନ କରି ନାହାଁନ୍ତି ସେମାନେ ବିଜ୍ଞାପନ ନଂ. CRPD/SCO/2025-26/05 (ସଂଶୋଧିତ) ରେ ବିସ୍ତୃତ ଭାବରେ ଉଲ୍ଲିଖିତ ପଦବୀ ପାଇଁ ସଂଶୋଧିତ ଯୋଗ୍ୟତା ମାନଦଣ୍ଡ ସହିତ ଆବେଦନ କରିପାରିବେ।**

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 15.09.2025 ରୁ 29.09.2025 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 15.09.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

## ସଡକ ସୁରକ୍ଷା କମିଟୀ ଓ ଆମ୍ ବସ୍‌ଷ୍ଟାଣ୍ଡ ନୋଡାଲ କମିଟି ବୈଠକ

# ନୋ ହେଲମେଟ୍ ନୋ ପେଟ୍ରୋଲ

**ନୂଆପଡ଼ା, ୨୫।୯ (ସମିସ)**

ସ୍ଥାନୀୟ ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟୀ ଓ ଆମ ବସ୍‌ଷ୍ଟାଣ୍ଡ ନୋଡାଲ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସିଡିଏମଓ ଡ. ଧନେଶ୍ୱର ସେଠୀ, ଆଡିସନାଲ ଏସ୍‌ପି ରଣଜିତ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶର୍ମିଳା ମହାରଣା, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଜିଲ୍ଲାରେ ସଡକ ଦୁର୍ଘଟଣାରେ ଚାଲି ଯାଉଥିବା ଅମୂଲ୍ୟ ଜୀବନକୁ ଆମକୁ ରୋକିବାକୁ ପଡ଼ିବ। ଏଥିପାଇଁ ଆମକୁ ସଚେତନ ହେବା ସହିତ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ। ନୂଆପଡ଼ା ସହରରେ ବର୍ଷାରେ ଅନେକ ପଡ଼ା ଏବଂ ଗୃହ ଜଳମଗ୍ନ ହୋଇଥିବାରୁ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରି ଏହାର ଶୀଘ୍ର ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଳା ପୂର୍ବ ବୈଠକର ବିବରଣୀ ସହ ଆଗାମୀ ମାସର ବହୁବିଧ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ।ଆଗାମୀ ଦିନରେ ହେଲମ୍ୟାଟ ଚେକିଂ ଉପରେ ଗୁରୁତ୍ୱ ଦେବା ସହ ସପ୍ତାହର ପ୍ରତି ବୁଧବାର ଦିନ ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ (ନୋ ହେଲମେଟ ନୋ ପେଟ୍ରୋଲ) ଚେକିଂ କଡ଼ାକଡ଼ି କରାଯିବ। ଏହାକୁ ସମସ୍ତ ବିଡ଼ିଓ ତହସିଲଦାର ଓଆରଟିଓ ତଦାରଖ କରିବେ। ନାବାଳକ ଏବଂ ମଦ୍ୟପ ଗାଡିଚାଳକମାନଙ୍କ ଉପରେ ବିଶେଷ ନଜର ରଖାଯିବ। ଆରଟିଓ, ପୋଲିସ ବିଭାଗ ଓ ଅବକାରୀ ବିଭାଗ ଅନେକ ସମୟରେ ମିଳିତ ଭାବରେ ଗାଡ଼ି ଚେକିଂ କରିବେ। ଦୁର୍ଗା ପୂଜା ପୂର୍ବରୁ ସବୁ ନାଳ ନର୍ଦ୍ଦମା ସଫା ହେବା ସହ ମରାମତି ହେବ। ବିଜୁ ଏକ୍ସପ୍ରେସୱେରେ ଯେଉଁ ଜାଗାମାନଙ୍କୁ ବେଶୀ ଦୁର୍ଘଟଣା ହେଉଛି ସେଇଠି ଜନ ସଚେତନତା ସୃଷ୍ଟି କରାଯିବା ସହିତ ସାଇନେଜ ଲଗାଯିବ। ରାସ୍ତା କଡ ସ୍କୁଲମାନଙ୍କରେ ପିଲାଙ୍କୁ ବିଶେଷ ଭାବରେ ସଚେତନ କରାଯିବ। ଏଥିରେ ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀଙ୍କୁ ସାମିଲ ହେବେ। ବିଜୁ ଏକ୍ସପ୍ରେସ ୱେ ଯେଉଁଠାରେ ଦବି ଯାଉଛି ସେଠାରେ କଂକ୍ରିଟ ରାସ୍ତା ନିର୍ମାଣ କରାଯିବ ଏବଂ ରାସ୍ତାରେ କ୍ୟାମେରା ଲଗାଇ ଯାନବାହାନ ସ୍ପିଡ ଉପରେ ନଜର ରଖାଯିବ। ସବୁ ସ୍କୁଲବସ ବ୍ୟାପକ ଚେକିଙ୍ଗ ହୋଇ ଫିଟନେସ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହାପରେ ଜିଲ୍ଲାର ପରିବହନ କ୍ଷେତ୍ର ଏବଂ ବସଷ୍ଟାଣ୍ଡମାନଙ୍କ ସୁଧାର ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା। ଆମ ବସ୍‌ମାନଙ୍କ ନୂତନ ରୁଟ ଚାର୍ଟ, ନୂଆପଡ଼ା ବସ୍‌ଷ୍ଟାଣ୍ଡରେ ଦିନ ଓ ରାତିରେ ଚାଲୁଥିବା ସମସ୍ତ ବସର ବାଧ୍ୟତାମୂଳକ ପ୍ରବେଶ, ଏଠାରେ ମହିଳା ଯାତ୍ରୀଙ୍କ ସୁରକ୍ଷା ପାଇଁ ମହିଳା ଗାର୍ଡ ମୁତୟନ, ବେସରକାରୀ ବସ୍‌ମାନଙ୍କ ଠାରୁ ପ୍ରବେଶ ଶୁଳ୍କ ଆଦାୟ, ବସ୍‌ମାନଙ୍କରେ ଅଚାନକ ଚେକିଂ, ଦୋକାନ ଗୃହ ପରିଚାଳନା, କ୍ୟାଣ୍ଟିନ ଆରମ୍ଭ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥଲା।ବୈଠକରେ ସମସ୍ତ ବିଡିଓ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଏମଭିଆଇ ଉପେନ୍ଦ୍ର କୁମାର ପୁସିକା, ପିଡବ୍ଲ୍ୟୁଡି ବିଭାଗ ସହନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ଗଡ଼ିଆ, ଡିଆର୍‌ଏମ୍ ଜଗଦିଶ ପଟ୍ଟନାୟକ, ଏନ୍‌ଏଚ୍ ଯନ୍ତ୍ରୀ ସପନ କୁମାର ବେହେରା, ସିଡିଭିଓ ଡଃ ପାର୍ଥ ସାରଥି ଦୋରା, ନୂଆପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀନିବାସ ମିର୍ଦ୍ଧା, ଖରିଆରରୋଡ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ, ଖଡ଼ିଆଳ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଡିଟିଏମ ଆକାଶ ମହାପାତ୍ର, କଦମରୁ ଯାଜ୍ଞସେନୀ ମହାପାତ୍ର, ସ୍ୱେଚ୍ଛାସେବୀ ବିଜୟ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ଯଦି ତୁମେ ଶାନ୍ତି ପ୍ରତିଷ୍ଠା କରିବାକୁ ଆଗ୍ରହୀ, ତେବେ ପ୍ରଥମେ ଶତ୍ରୁ ସହିତ ମିଶି କାମ କର। ଆପେ ଆପେ ସେ ତୁମର ମିତ୍ର ହୋଇଯିବ ଏବଂ ଅଶାନ୍ତି ଦୂର ହୋଇଯିବ।

-ନେଲ୍‌ସନ୍ ମାଣ୍ଡେଲା

## ଅଶାନ୍ତ ଲଦାଖ

ହିମାଳୟ ପାଦଦେଶର ପରିବେଶକୁ ବିକାଶ ଆଳରେ ବିନାଶରୁ ସୁରକ୍ଷା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ଆଧାରରେ ଅନୁସୂଚିତ ଅଞ୍ଚଳ ମାନ୍ୟତା ପାଇଁ ୨୦୧୯ ରୁ ଦାବି କରି ଆସୁଥିବା ସ୍ୱନାମଧନ୍ୟ ବୈଜ୍ଞାନିକ, ଉଦ୍‌ଭାବକ ତଥା ପରିବେଶ ବିଜ୍ଞାନୀ ରମଣ ମାଗେସେସେ ସମ୍ମାନ ବିଜେତା ସୋନମ ୱାଙ୍ଗଚୁକଙ୍କ ସଦ୍ୟତମ ଆମରଣ ଅନଶନ ଆନ୍ଦୋଳନ ହିଂସାର ରୂପ ନେଇଛି। ନେପାଳରେ କ୍ଷମତା ବିରୋଧୀ ଛାତ୍ର ଆନ୍ଦୋଳନ ଅନୁରୂପ ଲଦାଖରେ 'ଜେନ୍‌ଜେଡ୍' ଦ୍ୱାରା ସୃଷ୍ଟ ବ୍ୟାପକ ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନରେ ଚାରିଜଣଙ୍କ ଜୀବନ ଯାଇଥିବା ବେଳେ ୭୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏଭଳି ହିଂସାତ୍ମକ ପଦକ୍ଷେପକୁ ନିନ୍ଦା କରି ୱାଙ୍ଗଚୁକ୍ ଅନଶନ ଭଙ୍ଗ କରିବା ସହିତ ଶାନ୍ତି ରକ୍ଷା ପାଇଁ ଲଦାଖବାସୀଙ୍କୁ ପୁଣି ଥରେ ଆହ୍ୱାନ ଦେଇଛନ୍ତି। ୱାଙ୍ଗଚୁକ୍ ଅନଶନ ପ୍ରତ୍ୟାହାର କରିଥିବାରୁ ଆନ୍ଦୋଳନ କିଛିଦିନ ପାଇଁ ଶିଥିଳ ପଡ଼ିଯାଇପାରେ; କିନ୍ତୁ କ୍ରମାଗତ କେନ୍ଦ୍ରୀୟ ଅବହେଳା ଜନିତ ଅସନ୍ତୋଷ ହୁଏତ ଭବିଷ୍ୟତରେ ପୁଣି ଉଗ୍ରରୂପ ନେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।

୧୯୪୭ ମସିହା ପରଠାରୁ ଲଦାଖ ଜାମ୍ମୁ-କାଶ୍ମୀର ରାଜ୍ୟର ଏକ ଅଂଶ ଥିବା ବେଳେ ୨୦୧୯ ଅଗଷ୍ଟ ୫ ତାରିଖରେ ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ ପରେ କେନ୍ଦ୍ରଶାସିତ ଅଞ୍ଚଳ ଘୋଷିତ ହୋଇଛି। ସମ୍ବିଧାନର ୨୪୪ ଧାରା ଅନ୍ତର୍ଗତ ଷଷ୍ଠ ଅନୁଚ୍ଛେଦରେ ଦେଶର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଆସାମ, ମେଘାଳୟ, ମିଜୋରାମ୍‌ରେ ତିନିଟି ଲେଖାଏଁ ଏବଂ ତ୍ରିପୁରାରେ ଗୋଟିଏ ସ୍ୱୟଂଶାସନ ବିକାଶ ପରିଷଦ ରହିଥିବା ବେଳେ ଏହିଭଳି କ୍ଷମତା ୱାଙ୍ଗଚୁକ୍ ଲଦାଖ୍ ପାଇଁ ଦାବି କରୁଆସୁଛନ୍ତି। ଦାବି ସମ୍ପର୍କରେ ୱାଙ୍ଗଚୁକ୍ ବାରମ୍ବାର ପତ୍ର ଲେଖି ଜଣାଇବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ନ ଦେବାରୁ ଗତବର୍ଷ ସେ ଦୁଇଦୁଇ ଥର ଅନଶନ କରିଥିଲେ। କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ପରେ ପ୍ରତିଥର ଅନଶନରୁ ଓହରି ଆସୁଥିଲେ ହେଁ ସରକାରଙ୍କ ଟାଳଟୁଳ ନୀତି ଲଦାଖବାସୀଙ୍କୁ ଅସନ୍ତୁଷ୍ଟ କରିଛି। ବିଡ଼ମ୍ବନା ହେଉଛି ଲଦାଖ୍‌କୁ ଅନୁସୂଚିତ ଅଞ୍ଚଳ ମାନ୍ୟତା ଦେବାକୁ ବିଜେପି ୨୦୧୯ ସାଧାରଣ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରିବାକୁ ଦୀର୍ଘସୂତ୍ରୀ ପନ୍ଥା ଆପଣେଇଛି।

ଭୂରାଜନୈତିକ ସ୍ଥିତି ଦୃଷ୍ଟିରୁ ଲଦାଖ ଭାରତର ଉତ୍ତର-ସୀମାନ୍ତର ଚୀନ୍ ସଂଲଗ୍ନ ଏକ ସମ୍ବେଦନଶୀଳ ଅଞ୍ଚଳ। ଏବେ ସେଠାରେ କେତେକ ଅତି ଦୁର୍ମୂଲ୍ୟ ଓ ଦୁଷ୍ପ୍ରାପ୍ୟ ଖଣିଜ ସମ୍ପଦର ସନ୍ଧାନ ମିଳିଛି, ଯାହା ଭାରତର ବହୁ ଆକାଂକ୍ଷିତ ସେମିକଣ୍ଡକ୍ଟର ଶିଳ୍ପାୟନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଲୋକେ ସେଠାରେ ଖଣିଜ ଖନନକୁ ବିରୋଧ କରୁଛନ୍ତି। ପରିସ୍ଥିତି କ୍ରମେ ଅଧିକ ଜଟିଳ ହେଉଛି। ଏ ଦିଗରେ ଅଧିକ କାଳକ୍ଷେପଣ ନୀତିର ଫାଇଦା ବିଦେଶୀ ବିଚ୍ଛିନ୍ନତାବାଦୀ ନେବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ତେଣୁ ବେଳ ହୁଁ ସରକାର ପଦକ୍ଷେପ ନେବା ଦରକାର। ●

## ଅଙ୍କୁଶ ଜରୁରୀ

ବିଶ୍ୱର ଯେକୌଣସି ଦେଶରେ ବ୍ୟବସାୟ କରିବାକୁ ହେଲେ ସେହି ଦେଶର ନୀତି-ନିୟମ, ଆଇନ-କାନୁନ୍‌ର ଅନୁପାଳନ ଜରୁରୀ। କିନ୍ତୁ ସାମାଜିକ ଗଣମାଧ୍ୟମ ଏକ୍ସ(ଟୁଇଟର) ଏ ପର୍ଯ୍ୟନ୍ତ ଏହି ନୈତିକବୋଧକୁ ଗ୍ରହଣ କରିପାରିନାହିଁ। ଏକ୍ସର ବ୍ୟବସାୟିକ ନୈତିକତାରେ ଅଜ୍ଞତା ତୁଳନାରେ ଅହଂକାର ଅଧିକ ଥିବା ମନେ ହେଉଛି। ଏହି ଆଭିମୁଖ୍ୟ ଯୋଗୁଁ ଅତୀତରେ ଏହି ସଂସ୍ଥା ତା'ର ମୂଳ ଦେଶ ଆମେରିକା ସରକାରଙ୍କ ଦ୍ୱାରା କଟକଣାର ସମ୍ମୁଖୀନ ହୋଇଥିବା ବେଳେ ଭାରତ ସରକାର ମଧ୍ୟ ତାଗିଦ କରିଥିଲେ। ବାରମ୍ବାର ତାଗିଦା ସତ୍ତ୍ୱେ ଏକ୍ସ(ପୂର୍ବର ଟୁଇଟର) ଚେତୁ ନାହିଁ; ବରଂ ଭାରତୀୟ ଆଇନ କାନୁନ୍‌କୁ ଆହ୍ୱାନ ଦେବା ଭଳି ଆଭିମୁଖ୍ୟ ପୋଷଣ କରୁଛି।

ସାମ୍ପ୍ରତିକ ଡିଜିଟାଲ୍ ଗଣମାଧ୍ୟମ ଯୁଗରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସ୍‌ଆପ୍, ଟେଲିଗ୍ରାମ୍, ଏକ୍ସ ଆଦି ସାମାଜିକ ଗଣମାଧ୍ୟମ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ସେମାନଙ୍କ ଅର୍ଥାଗମ ଓ ପ୍ରତିପତ୍ତି ମଧ୍ୟ କମ୍ ନୁହେଁ। ଅର୍ଥ ଓ ପ୍ରତିପତ୍ତି ବଳରେ ସେମାନେ ବିଭିନ୍ନ ସମୟରେ ସାମାଜିକ ବିରୋଧୀ ତତ୍ତ୍ୱମାନଙ୍କର ପ୍ରରୋଚନାରେ ବିଭ୍ରାନ୍ତିକର ଖବର, ଫଟୋ ଓ ଭିଡିଓର ଉଦ୍ଦେଶ୍ୟମୂଳକ ଭାବେ ପ୍ରଚାର ପ୍ରସାର କରିଆସୁଛନ୍ତି, ଯାହାର ପ୍ରଭାବ ଦେଶର ଏକତା, ସ୍ଥିରତା, ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ସାମାଜିକ ଗଣମାଧ୍ୟମର ମନମୁଖି ଖବର ପ୍ରସାରଣକୁ ନିୟନ୍ତ୍ରଣ ପାଇଁ ଭାରତ ସରକାର 'ସୂଚନା ପ୍ରଯୁକ୍ତି ଆଇନ-୨୦୦୦' ଆଣିଛନ୍ତି। ଭାରତ ମାଟିରେ ସକ୍ରିୟ ରହିବାକୁ ହେଲେ ସଂସ୍ଥାଙ୍କୁ ଉପରୋକ୍ତ ଆଇନ ଅନୁଯାୟୀ ପଞ୍ଜୀକୃତ ହେବା ବାଧ୍ୟତାମୂଳକ। ଆଇନର ଧାରା ୭୯ (୩) (ଖ) ଅନୁଯାୟୀ ଯେକୌଣସି ଆପତ୍ତିମୂଳକ ଖବର/ଫଟୋ/ଭିଡିଓକୁ ହଟାଇବା ପାଇଁ ସରକାର ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇପାରିବେ; ଏପରିକି ସଂସ୍ଥାର କାରବାରକୁ ରଦ୍ଦ କରିପାରିବେ। ସେହିଭଳି ୨୦୨୧ର ଡିଜିଟାଲ୍ ମିଡିଆ ନୀତି ମାର୍ଗଦର୍ଶିକା(କୋଡ୍ ଅଫ୍ ଏଥିକ୍ସ)ରେ ବିଭିନ୍ନ ପ୍ରତିକାର ଓ କଟକଣା ବ୍ୟବସ୍ଥା ରହିଛି। କେବଳ ଏକ୍ସକୁ ଛାଡ଼ିଦେଲେ ଅନ୍ୟ ସବୁ ସାମାଜିକ ଗଣମାଧ୍ୟମ ସଂସ୍ଥା ନୂଆ ଆଇଟି ଆଇନ୍‌କୁ ଅନୁପାଳନ କରିଛନ୍ତି। ଆମେରିକାରେ ସାମାଜିକ ଗଣମାଧ୍ୟମ କଟକଣାକୁ ଏକ୍ସ ମାନିଥିବା ବେଳେ ବାକ୍ ସ୍ୱାଧୀନତା ଆଳ ଦେଖାଇ ଭାରତୀୟ ଆଇନକୁ ଆହ୍ୱାନ ଦେଇଆସୁଛି ଏବଂ ବିଭିନ୍ନ ସମୟରେ ଆଇନ ଅଦାଲତର ଦ୍ୱାରସ୍ଥ ହେଉଛି। ସଦ୍ୟତମ ଘଟଣାରେ ଆଇଟି ଆଇନ୍ ଧାରା ୭୯ ଆଧାରରେ ଭାରତର ପ୍ରଶାସନିକ ଅଧିକାରୀ କୌଣସି ବିଷୟବସ୍ତୁକୁ ହଟାଇ ପାରିବେ ନାହିଁ ବୋଲି ଏକ୍ସ ଯୁକ୍ତି ଦର୍ଶାଇଛି ଏବଂ ସମ୍ବିଧାନର ବାକ୍ ସ୍ୱାଧୀନତା ଧାରାକୁ କାଠଗଡ଼ା ଭିତରକୁ ଟାଣିଛି।

ଏକ୍ସ ଦ୍ୱାରା ଆଗତ ଅଭିଯୋଗ ଆଧାରିତ ଆବେଦନର ବିଚାର ଅବସରରେ ଅଦାଲତ ଏକ୍ସକୁ ସ୍ପଷ୍ଟ ଭାବେ କହିଛନ୍ତି ଯେ ଭାରତରେ ବ୍ୟବସାୟ କରିବାକୁ ହେଲେ ଦେଶର ଆଇନ କାନୁନ୍ ମାନିବାକୁ ଏବଂ ସରକାରଙ୍କ 'ସହଯୋଗ' ପୋର୍ଟାଲ୍‌ରେ ପଞ୍ଜିକୃତ ହେବାକୁ ବାଧ୍ୟ। କାର୍ଯ୍ୟ ପରିସର ଯେତେ ବ୍ୟାପକ ଏବଂ ପ୍ରସାରଣ ଦକ୍ଷତା ଯେତେ ଉନ୍ନତ ହେଉ ନା କାହିଁକି ସାମାଜିକ ଗଣମାଧ୍ୟମ ଉପରେ କଟକଣା ରହିବା ଜରୁରୀ। ଆଇନର ଉଲ୍ଲଙ୍ଘନ ଏକ ଅପରାଧ ଏବଂ ଏଥିପାଇଁ ଦଣ୍ଡବିଧାନ ଭୋଗିବାକୁ ହେବ। ସର୍ବୋପରି ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଜରୁରୀ। ଏକ୍ସ ଏହା ଯଥାଶୀଘ୍ର ମାନି ନେଉ। ●

# ନିରୀହ କରମର୍ଦ୍ଦନର ଅସ୍ପଷ୍ଟ ଆର୍ତ୍ତନାଦ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଦୁବାଇରେ ଅନୁଷ୍ଠିତ ଏସିଆ କପ୍ କ୍ରିକେଟ ମ୍ୟାଚ୍‌ରେ ଭାରତର ଅଧିନାୟକ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଆମ ନବପ୍ରଜନ୍ମର ଧୁରନ୍ଧର ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନକୁ ଏକ ଲଜ୍ଜାକର ପରାଜୟର ତିକ୍ତସ୍ୱାଦ ଦେବା ଯେତିକି ଆମ ଦେଶର କ୍ରିକେଟ-ଅନ୍ଧଭକ୍ତମାନଙ୍କୁ ନୃତ୍ୟୋନ୍ମତ୍ତ କରିଥିଲା, ତା'ଠାରୁ କାହିଁ କେତେଗୁଣ ଅଧିକ ତିକ୍ତତା, ଉଦ୍ଦାମତାର ସହ ସେମାନଙ୍କୁ ନୃତ୍ୟୋନ୍ମତ୍ତ କରିଥିଲା 'କରମର୍ଦ୍ଦନ-ବର୍ଜନ'ର ସେହି ସଂକ୍ଷିପ୍ତ ଅଥଚ ଅତି ରୋମାଞ୍ଚକ ନାଟ୍ୟାଭିନୟ ଗୋଟିକ। ଏ ନାଟକର ସୂତ୍ରଧର ଯିଏ ବା ଯେଉଁମାନେ, ସେମାନେ ଥିଲେ ନେପଥ୍ୟରେ, କିନ୍ତୁ ନାୟକ ଭୂମିକା ବେଶ୍ ପାରଙ୍ଗମତାର ସହ ତୁଲାଇଥିଲେ ଅଧିନାୟକ ସୂର୍ଯ୍ୟ। 'ଭାରତମାତା'ଙ୍କ ସ୍ତୁତି, ସ୍ତବ ଓ ବନ୍ଦାପନାକୁ ସର୍ବମହତ୍ତ୍ୱ ଦେଉଥିବା ଆବେଶାକ୍ରାନ୍ତ ସହସ୍ରାଧିକ ଦର୍ଶକମାନଙ୍କ ଆଗରେ ଆମ ଅଧିନାୟକ ଓ ଖେଳାଳିମାନେ ସେମାନଙ୍କ ଉର୍ଜସ୍ୱଳ ଦେଶପ୍ରେମର ନିଆରା ପ୍ରମାଣ ଦେଲେ ଏବଂ ଆମ ପରି ନଛୋଡ଼ବନ୍ଧା ଦେଶପ୍ରେମୀମାନଙ୍କ ଅକୁଳାନ ଚିତ୍ତରଂଜନ ମଧ୍ୟ କଲେ ଦୁବାଇର ଚକାଚକ୍ କ୍ରୀଡ଼ା ପ୍ରାଙ୍ଗଣରେ। ଭଦ୍ର, ସୁଶୀଳ ଓ କୋମଳ ଆବେଗାସିକ୍ତ 'କରମର୍ଦ୍ଦନ' ରୂପକ ଭାବପ୍ରକାଶନୀ ଅଙ୍ଗବିନ୍ୟାସର ଏତାଦୃଶ ଦୟନୀୟ ପରାଭବର ବିଜୟୋତ୍ସବ ପାଳନ କଲେ ଆମେ।

ମାତ୍ର ଚାରିଦିନର ସ୍ୱଳ୍ପ ଅବଧିରେ ଅକାଳ-ସମାପ୍ତି ଭୋଗ କରିଥିବା 'ଅପରେସନ୍ ସିନ୍ଦୂର'ରେ ଚିରଶତ୍ରୁ ପାକିସ୍ତାନର ଦୟନୀୟ ପରାଭବକୁ ଠିକଣା ରଙ୍ଗଢଙ୍ଗରେ ପାଳନ କରି ପାରିନଥିବା ଦେଶପ୍ରେମୀମାନେ ଅତିଶୟ ତୃପ୍ତ ହେଲେ ଅବଶ୍ୟ। କିନ୍ତୁ ଆମ ଦେଶ ଓ ବାହାର ଦେଶମାନଙ୍କରେ ସଦା ଜାଗତିଆର ସହସ୍ରାଧିକ କ୍ରିକେଟ୍-ପ୍ରେମୀ ବିଶେଷଜ୍ଞମାନେ ମାନବୀୟ ଭାବୋଚ୍ଛ୍ୱାସର ଅତି ସଂକ୍ଷିପ୍ତ ଇସ୍ତାହାର ଏହି ନମ୍ର 'କରମର୍ଦ୍ଦନ' ପ୍ରତି ଏହା ଏକ ନିଷ୍ଠୁର ଅବିଚାର ବୋଲି କହି ଏକପ୍ରକାର ଅଛିଣ୍ଡା ବିବାଦଟିଏ ସୂତ୍ରପାତ କରିଦେଲେ। ତେଣୁ ଏ ଲେଖକ ପରି ବହୁ ନିରୋଳା ଦେଶପ୍ରେମୀ ଏବେ ଭାବିବାକୁ ବାଧ୍ୟ ହେଉଛନ୍ତି ଯେ ଆମ ରାଜନୀତି, ଆମ ଦେଶପ୍ରେମ, ଆମ କ୍ରିକେଟ୍-ପ୍ରେମ ଆଦିର ରଡ ଗଦ୍ୟାତ୍ମକ ଆବାହାୱାର ସଂସ୍ପର୍ଶରେ 'କରମର୍ଦ୍ଦନ' ପରି ମୃଦୁଭାବରସାଣିତ କବିତାଟି ଯଦି ଜମା ଆସି ନଥା'ନ୍ତା, ତେବେ ବୋଧହୁଏ ସହସ୍ରଗୁଣ ପ୍ରୀତିପଦ ହୋଇଥା'ନ୍ତା ସେ ଦିନର କ୍ରିକେଟ୍ ରଣାଙ୍ଗନରେ ପାକିସ୍ତାନ ବିପକ୍ଷରେ ଆମର ଏ ବିଜୟ। ଅସିମ ମୁନୀରଙ୍କ 'ଡଂପ୍ ଟ୍ରକ୍- ପାକିସ୍ତାନ' ପାଇଁ 'ମର୍‌ସିଡିଜ୍-ଭାରତ'ର ଏହି ପ୍ରଚଣ୍ଡ କ୍ରିକେଟାଘାତଟି ବି ହୋଇଥା'ନ୍ତା ସହସ୍ରଗୁଣ ବେଦନାଦାୟକ। ତେବେ, 'କରମର୍ଦ୍ଦନ-ବର୍ଜନ' ନାଟକ ସମ୍ପର୍କରେ ପକ୍ଷବାଦୀ ଓ ବିପକ୍ଷବାଦୀମାନେ ଯାହା ମତମନ୍ତବ୍ୟ ଦିଅନ୍ତୁ ନା କାହିଁକି, ଗୋଟିଏ କଥା କିନ୍ତୁ ଅବିସମ୍ବାଦିତ ସତ୍ୟ ଯେ 'କରମର୍ଦ୍ଦନ' ଏକ ଅର୍ଥହୀନ ଆଚରଣ ନୁହେଁ, ବରଂ ଏକ ନିର୍ଦ୍ଦୋଷ ଉପଚାର, ଯାହାର ଐତିହାସିକ, ସାଂସ୍କୃତିକ ଓ ମନୋବୈଜ୍ଞାନିକ ମୂଲ୍ୟ, ଆବେଦନ ଓ ଉପାଦେୟତା ସବୁକାଳେ ବହୁସ୍ୱୀକୃତ।

ଉଲ୍ଲେଖନୀୟ ଯେ 'କରମର୍ଦ୍ଦନ' ରୂପକ ସହଜ ଅଙ୍ଗବିନ୍ୟାସଟି ପ୍ରଥମେ ବ୍ୟବହୃତ ହୋଇଥିଲା ଏକ ସଂକେତ ଭାବରେ। ଶତ୍ରୁଭାବାପନ୍ନ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଯେତେବେଳେ ପରସ୍ପର ମଧ୍ୟରେ ସଖ୍ୟଭାବ ସ୍ଥାପନ କରିବା ପାଇଁ ଆଗେଇ ଆସୁଥିଲେ, ସେତେବେଳେ ଜଣେ ଅନ୍ୟ ଜଣଙ୍କ ସହ କରମର୍ଦ୍ଦନ କରି ସ୍ପଷ୍ଟ ସଂକେତ ଦେଉଥିଲେ ଯେ ଉଭୟଙ୍କ କରପଲ୍ଲବ ଦୁଇଟି ଅସ୍ତ୍ରଶୂନ୍ୟ। ପରବର୍ତ୍ତୀ କାଳରେ କରମର୍ଦ୍ଦନ ଏକ ବ୍ୟାପକ ଅର୍ଥବହ, ବ୍ୟାପକ ଭାବସଂଚାରି ସଂକେତ ଭାବରେ ଆଦୃତ ହେବା ଆରମ୍ଭ କଲା। ଏହା ହେଲା ବିଶ୍ୱାସ, ବିଶ୍ୱସ୍ତତା, କପଟଶୂନ୍ୟ ପାରସ୍ପରିକ ସୌହାର୍ଦ୍ଦ୍ୟ, ବୁଝାମଣା ତଥା ସହମତି ଓ ଅନ୍ତରଙ୍ଗତାର ଏକ ମାର୍ମିକ ପ୍ରତୀକ। କୂଟନୈତିକ ଦପ୍ତରମାନଙ୍କର ଆଶାଆଶଙ୍କା ପିଚ୍ଛିଳ ପରିବେଶ ହେଉ କି କର୍ପୋରେଟ୍ ଦପ୍ତରମାନଙ୍କର ଭାବଗମ୍ଭୀର ପରିବେଶ ହେଉ, ଏପରିକି ରଣକ୍ଷେତ୍ରରେ ସାମୟିକ ଅସ୍ତ୍ରବିରତିର ଉଲ୍ଲାସକ ପରିବେଶ ହେଉ, ସବୁଠି ଅନୁସୃତ ହୋଇଥାଏ ଏହି କରମର୍ଦ୍ଦନ ପରମ୍ପରା। ପ୍ରତ୍ୟେକ କ୍ରୀଡ଼ା ପ୍ରତିଯୋଗିତାର ଆରମ୍ଭ ଓ ସମାପନ ତ ନିଶ୍ଚିତ ଭାବେ ହୋଇଥାଏ 'କରମର୍ଦ୍ଦନ' ପର୍ବରେ। ଏ କ୍ଷେତ୍ରରେ ଯେଉଁ ବ୍ୟତିକ୍ରମମାନ ଆମେ ଦେଖିଛେ, ସେ ସବୁ ନିରୋଳା ଉପକ୍ରମ ମାତ୍ର।

ଏହା ମଧ୍ୟ ସତ୍ୟ ଯେ କରମର୍ଦ୍ଦନ-ରୂପକ ଅଙ୍ଗବିନ୍ୟାସଟିର ପବିତ୍ରତା ସବୁବେଳେ ଅତୁଟ ରହିନଥାଏ କି ନିର୍ଭେଜାଳ ହାର୍ଦ୍ଦିକତାର ସଂକେତ ବହନ କରିନଥାଏ। ଦୁର୍ଭାଗ୍ୟଜନକ ହେଉଛି ଯେ ଅନ୍ୟଥା ନିର୍ଦ୍ଦୋଷ, ନିରୀହ ଏହି କରମର୍ଦ୍ଦନ ଅନେକ ସମୟରେ ଶଠତା ଓ କପଟାଚାର ଉପରେ ଆବରଣଟିଏ ଢାଙ୍କିଦେବା ପାଇଁ ନ୍ୟସ୍ତସ୍ୱାର୍ଥୀମାନଙ୍କୁ ସୁଯୋଗ ଦେଇଥାଏ। କରମର୍ଦ୍ଦନ ବା 'ହ୍ୟାଣ୍ଡସେକ୍' ତେଣୁ 'ହାର୍ଟସେକ୍'ର ଦୁର୍ନାମ ମୁଣ୍ଡାଇଥାଏ।

୧୯୩୮ ମସିହାରେ ଇଂଲଣ୍ଡର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ନେଭିଲ୍ ଚେମ୍ବରଲେନ୍ 'ହଲୋକଷ୍ଟ' ପରି ଇହୁଦୀ ନରସଂହାରର ବର୍ବର ରଚୟିତା ହିଟ୍‌ଲରଙ୍କ କରମର୍ଦ୍ଦନ କରି ଫେରି ଆସିଲେ ଲଣ୍ଡନ ଓ ଘୋଷଣା କରିଦେଲେ- 'ଏଣିକି ଶାନ୍ତିର ଉଷାଲୋକରେ ଆମର ବିଶ୍ୱ ପ୍ଳାବିତ ହେବ'। କିନ୍ତୁ ଚେମ୍ବରଲେନ୍‌ଙ୍କ ସେ ସତ୍ ଉଦ୍ଦେଶ୍ୟ-ପ୍ରଣୋଦିତ କରମର୍ଦ୍ଦନ ଇତିହାସର କଳାପୃଷ୍ଠାରେ ସ୍ଥାନ ନେଇଗଲା ହିଟଲର୍ ପରି ଜଣେ ନରାଧମର ତୁଷ୍ଟିକରଣର ଲଜ୍ଜାକର ନମୁନା ଭାବରେ। ମାତ୍ର ୧୯୯୩ ମସିହାରେ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ସସ୍ନେହ ଅନୁରୋଧ ରକ୍ଷା କରି 'ହ୍ୱାଇଟ୍ ହାଉସ୍'ର ସୁରମ୍ୟ ପ୍ରାଙ୍ଗଣରେ ପରସ୍ପରର କରମର୍ଦ୍ଦନ କରିଥିଲେ ପାଲେଷ୍ଟାଇନ୍‌ର ବିପ୍ଳବୀ ନେତା ୟାସେର୍ ଆରାଫତ୍ ଓ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଇଟ୍‌ଝାକ୍ ରାବିନ୍। ଅଳ୍ପ କେଇଟି ବର୍ଷ ବା ମାସ ହେଉ ପଛେ, ଚିରବିକ୍ଷୁବଧ୍ ମଧ୍ୟପ୍ରାଚ୍ୟରେ ବିରାଜମାନ କରିଥିଲା ଶାନ୍ତିର ବାତାବରଣ। ୧୯୪୭ ମସିହାରେ ପରସ୍ପରର କରମର୍ଦ୍ଦନ କରିଥିଲେ ମହାତ୍ମା ଗାନ୍ଧୀ ଓ ଲର୍ଡ ମାଉଣ୍ଟ ବ୍ୟାଟେନ। ସେ କରମର୍ଦ୍ଦନ ଥିଲା ସ୍ୱାଧୀନତା ସୂର୍ଯ୍ୟାଲୋକର ପ୍ରତୀକ ଏବଂ ଔପନିବେଶିକ ଶାସନରେ କ୍ଷତାକ୍ତ କୋଟି କୋଟି ଭାରତୀୟଙ୍କ ଉଦାରତା, କ୍ଷମାଶୀଳତା ଏବଂ ଅହିଂସ, ବିଦ୍ୱେଷହୀନ ଭ୍ରାତୃତ୍ୱବୋଧର ପ୍ରତୀକ ମଧ୍ୟ। ଅନ୍ୟ ଦୁଇଟି ପ୍ରଖ୍ୟାତ ଅଥଚ ବିଡ଼ମ୍ବିତ କରମର୍ଦ୍ଦନର ଅବସର ଆସିଥିଲା ଦୀର୍ଘ ୫୨ ବର୍ଷ ପରେ। ୧୯୯୯ ମସିହାରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ 'ଲାହୋର-ବସ୍' ଯାତ୍ରାରେ ଲାହୋରରେ ପହଞ୍ଚି ପାକିସ୍ତାନର ସାମରିକ ଶାସକ ପରଭେଜ୍ ମୁସାରଫଙ୍କ ସହ ସହର୍ଷ କରମର୍ଦ୍ଦନ କରିଥିଲେ ଏବଂ ତା'ର ଦୁଇବର୍ଷ ପରେ 'ଆଗ୍ରା ଶିଖର ସମ୍ମିଳନୀ'ରେ ମଧ୍ୟ ଅନୁରୂପ ଭାବରେ ଆପଣାର ସ୍ୱଭାବ ସୁଲଭ ଆତ୍ମୀୟତା ପ୍ରକାଶ କରି କରମର୍ଦ୍ଦନ କରିଥିଲେ ମୁସାରଫଙ୍କ ସହ। ହେଲେ ନିଷ୍ଫଳ ହୋଇଥିଲା ବାଜପେୟୀଙ୍କ ସତ୍ ଅଭିପ୍ରାୟ। କୁଟିଳ ମୁସାରଫ୍ ଦୁଇଥର ଯାକ ପ୍ରଶସ୍ତ ହସ ହସି ହାତ ମିଳାଇ ଥିଲେ ଶାନ୍ତିକାମୀ ବାଜପେୟୀଙ୍କ ସହ ଏବଂ ପ୍ରମାଣ କରିଦେଇଥିଲେ ଯେ ଜଣେ ହସିପାରେ ଏବଂ ସୈତାନ ପରି କପଟାଚାରୀ ହୋଇପାରେ ଏକା ସାଙ୍ଗରେ। ଏହି ଦୁଇଟି ଯାକ ଆପାତତଃ ପ୍ରତିଶ୍ରୁତି-ଗର୍ଭିତ କରମର୍ଦ୍ଦନର କରୁଣ ମରଣ ଆମେ ପ୍ରତ୍ୟକ୍ଷ କଲେ ଖୁବ୍ ଶୀଘ୍ର-ସେହି ମୁସାରଫଙ୍କ ଦ୍ୱାରା ପ୍ରାୟୋଜିତ 'କାର୍‌ଗିଲ୍'ର ରଣାଙ୍ଗନରେ।

ତେବେ ମୁସାରଫଜାତୀୟ ରାଜନେତାମାନଙ୍କ ସହ ସଦିଚ୍ଛା-ରଞ୍ଜିତ କରମର୍ଦ୍ଦନ ସର୍ବଦା ନିରର୍ଥକ ବୋଲି ବହୁପୂର୍ବରୁ ଜଣାଇ ସାରିଥିଲେ ଲୌହ-ମାନବୀ ଇନ୍ଦିରା ଗାନ୍ଧୀ। ଥରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ୟାହିଆ ଖାଁ ଇନ୍ଦିରାଙ୍କ ସହ କରମର୍ଦ୍ଦନ କରିବାର ଅଭିପ୍ରାୟ ପୋଷଣ କରି ଆଗେଇ ଆସୁଥିବା ବେଳେ ଆପଣାର ଶାଣିତ ବୁଦ୍ଧିମତ୍ତା ଓ ପ୍ରତ୍ୟୁତ୍ପନ୍ନମତିତା ତତ୍‌କାଳ ପ୍ରକାଶ କରି କହିଥିଲେ ସେ - 'ନୋ ୱାନ କ୍ୟାନ ସେକ୍ ହ୍ୟାଣ୍ଡସ୍ ଉଇଥ୍ ଏ କ୍ଲେନଚଡ୍ ଫିଷ୍ଟ' (ମୁଦ୍ରାବଦ୍ଧ ମୁଷ୍ଟି ସହିତ କେହି କେବେ ହାତ ମିଳାଇ ନପାରେ)। କେବଳ କୂଟନୀତି ନୁହେଁ, ସାର୍ବଜନୀନ କ୍ଷେତ୍ରରେ ମଣିଷ-ମଣିଷ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ପାଇଁ ଆଗଭର ହେବାବେଳେ ଆମେ ଇନ୍ଦିରାଙ୍କ ଏହି ଆପ୍ତବାକ୍ୟ ଭଳି ମହତ୍ତ୍ୱପୂର୍ଣ୍ଣ ଉଚ୍ଚାରଣଟିକୁ ପ୍ରଥମେ ସ୍ମରଣ କରିବା ଖୁବ୍ ଆବଶ୍ୟକ ନିଶ୍ଚୟ।

ରାଜନୈତିକ ଓ କୂଟନୈତିକ ଆବଶ୍ୟକତା ବା ବାଧ୍ୟବାଧକତା ଦୃଷ୍ଟିରୁ ବହୁଦିନ ତଳୁ କରମର୍ଦ୍ଦନ ପ୍ରାୟତଃ ଏକ ରୁଟିନବନ୍ଧା ଆଚରଣ ହୋଇସାରିଛି- ତେଣିକି ଏହା ନିର୍ମଳ ଭାବପ୍ରେରିତ ହେଉ ବା ବିଶୁଦ୍ଧ ଛଳନାମଖା ହେଉ। ଏବେ ଆମେରିକାର ଟ୍ରମ୍ପ ମହାଶୟ ଏ ଶିଷ୍ଟଶାଳୀନ କରମର୍ଦ୍ଦନକୁ ପରିଣତ କରିଦେଇ ସାରିଲେଣି ଏକପ୍ରକାର କରକର୍ଷଣ ବା କରପେଷଣ ଭାବରେ। ଏ ଦୁର୍ବିନୀତ ମଣିଷ ଜଣକ ସହ ହାତ ମିଳାଇବାର ଦୁଃସାହସ କରିବା ବେଳେ କେତେକେତେ ବିଶ୍ୱସ୍ତରୀୟ ନେତା, ଉପନେତାଙ୍କ ଅସ୍ପଷ୍ଟ ଆର୍ତ୍ତନାଦ ଆମ ପାଇଁ ଏକ ହ୍ୟାସୋଦ୍ଦୀପକ ପରିବେଶ ସୃଷ୍ଟି କରିଥାଏ।

ଶୁଭବୁଦ୍ଧିସଂପନ୍ନ ସଚେତନ ବ୍ୟକ୍ତିବିଶେଷମାନଙ୍କ ସ୍ପଷ୍ଟ ମତ ହେଉଛି - 'ପ୍ରତ୍ୟେକ ଖେଳର ଅନ୍ତଃସ୍ୱର ହେଉଛି ଶାନ୍ତି, ସଂହତି ଓ ସଦ୍‌ଭାବନା। ଆଦର୍ଶସ୍ଥାନୀୟ 'ଖେଳୁଆଡ଼ ମନୋବୃତ୍ତି' ପ୍ରତ୍ୟକ୍ଷରେ ବା ପରୋକ୍ଷରେ ଏହି ମୂଲ୍ୟବୋଧ ସବୁର ପରିପୋଷଣ କରିଥାଏ'। ଏହି ମତ ଆମକୁ ଚେତାଇ ଦେଇଥାଏ ଯେ ପ୍ରତ୍ୟେକ କ୍ରୀଡ଼ାପ୍ରତିଯୋଗିତା, ସେ ବିଶ୍ୱସ୍ତରୀୟ ବା ଆଞ୍ଚଳିକ ହେଉ, ସର୍ବଦା ସମସ୍ତ ପ୍ରକାର ଉଗ୍ର, ରକ୍ଷଣଶୀଳ ନୀତି, ଆଦର୍ଶ ଓ ରାଜନୀତିଠାରୁ ନିରାପଦ ଦୂରତାରେ ରହିବା ଆମ ସଭ୍ୟତା ପାଇଁ ଓ ବିଶ୍ୱ ପାଇଁ ଶୁଭଙ୍କର। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୦୦୭

# ସବୁଜ-ସୁନାର ଉପଯୋଗିତା

ପ୍ରଣତି ଆଚାର୍ଯ୍ୟ ମିଶ୍ର

ବହୁମୁଖୀ ବ୍ୟବହାର, ଉପାଦେୟତା ଏବଂ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ବାଉଁଶକୁ ସବୁଜ ସୁନା କୁହାଯାଏ। ଅଥଚ ସେ ଦିଗରେ ପର୍ଯ୍ୟାପ୍ତ ସଚେତନତା ସୃଷ୍ଟି ହୋଇପାରିନାହିଁ। ଚୀନ୍ ପରେ ଭାରତ ଦ୍ୱିତୀୟ ବୃହତ୍ତମ ବାଉଁଶ ଉତ୍ପାଦନକାରୀ ଦେଶ। ତଥାପି ରପ୍ତାନିରେ ଆମେ ଚୀନ୍ ଠାରୁ ବହୁତ ପଛରେ। ବ୍ରିଟିଶ ସରକାର ଅମଳରେ ବାଉଁଶକୁ ଏକ ଉଦ୍ଭିଦ ଭାବରେ ବର୍ଗୀକୃତ କରି ଏହାର ଚାଷ ଓ ଅମଳ ଉପରେ ପ୍ରତିବନ୍ଧକ ଲାଗୁ ହୋଇଥିଲା। ଜାତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ପରିବେଶ ସୁରକ୍ଷା ଦେବାରେ ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ସରକାର ୨୦୧୭ରେ ବାଉଁଶକୁ ଏକ ଚାଷୋପଯୋଗୀ ଫସଲ ଭାବରେ ପୁନଃବର୍ଗୀକୃତ କରିଥିଲେ। ଏହା ସାରା ଦେଶରେ ବାଉଁଶ ଚାଷ ଓ ଶିଳ୍ପର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଭଳି ରାଜ୍ୟ ଏହି ପଦକ୍ଷେପକୁ ପୁଞ୍ଜିକୃତ କରିଥିଲେ ଏବଂ ବାଉଁଶରୁ ବିଭିନ୍ନ ଉତ୍ପାଦ ଉତ୍ପାଦନ ପାଇଁ ଯୋଜନା ଆରମ୍ଭ କରିଥିଲେ, ଯାହା ଦ୍ରୁତ ଗତିରେ ରପ୍ତାନି ସମ୍ଭାବନା ବୃଦ୍ଧି କରିଥିଲା।

ବାଉଁଶ ଚାଷ ବହୁମୁଖୀ। ଏହା ଜଳକୁ ବିଶୋଧନ କରିବା ସହିତ ବାୟୁକୁ ବିଶୁଦ୍ଧ କରେ ଏବଂ ମାଟି କ୍ଷୟକୁ ହ୍ରାସ କରେ। ଏହା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରିବାରେ ସାହାଯ୍ୟ କରେ। ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି ଯେ ବାଉଁଶ ଅନ୍ୟ ଗଛ ତୁଳନାରେ ୩୩ ପ୍ରତିଶତ ଅଧିକ ଅଙ୍ଗାରକାମ୍ଳ ଶୋଷଣ କରେ ଏବଂ ୩୫ ପ୍ରତିଶତ ଅଧିକ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼େ। ଏହାକୁ ଆୟୁର୍ବେଦିକ ବା ପ୍ରାକୃତିକ ଔଷଧରେ ମଧ୍ୟ ବ୍ୟବହାର କରାଯାଉଛି। ଏଥିସହିତ ଖେଳନା, ଆସବାବପତ୍ର, ପ୍ରସାଧାନ, କାଗଜ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ସୌନ୍ଦର୍ଯ୍ୟବର୍ଦ୍ଧକ, କୃଷି ଉପକରଣ ଓ ମନୋରଞ୍ଜନ ସାମଗ୍ରୀ ପ୍ରସ୍ତୁତିରେ ବାଉଁଶର ବ୍ୟବହାର ସାରା ବିଶ୍ୱରେ ଦ୍ରୁତଗତିରେ ବୃଦ୍ଧି ପାଉଛି। ବାଉଁଶ ତନ୍ତୁ ପ୍ରାକୃତିକ ଭାବରେ ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆର୍ଦ୍ରତା ଶୋଷଣ କରି ଚର୍ମକୁ ସୁରକ୍ଷିତ ଏବଂ ଆରାମଦାୟକ କରି ରଖୁଥିବାରୁ ବୟନ ଶିଳ୍ପରେ ଏହାର ଉପଯୋଗ ବଢ଼ିବାରେ ଲାଗିଛି। ଏହାଛଡ଼ା ପୋଲ, ସିଡ଼ି, ଟୋକେଇ ଓ ମ୍ୟାଟ୍ ତିଆରି ପାଇଁ ବାଉଁଶର ବ୍ୟବହାର ବଢୁଛି। ଏପରିକି ଜୈବ ଇନ୍ଧନ ଉତ୍ପାଦନ ପାଇଁ ମଧ୍ୟ ବାଉଁଶ ବ୍ୟବହାର କରାଯାଉଛି।

ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ସରକାରମାନେ 'ଜାତୀୟ ବାଉଁଶ ମିଶନ ଅଧୀନ'ରେ ବାଉଁଶ ଶିଳ୍ପକୁ ପ୍ରୋତ୍ସାହନ ଦେଉଛନ୍ତି। ସ୍ଥାୟୀ ବିକାଶ ଏବଂ ପରିବେଶ ସୁରକ୍ଷା ପାଇଁ ଭବିଷ୍ୟତରେ ବାଉଁଶ ଭାରତର ସବୁଜ ସୁନା ପ୍ରମାଣିତ ହୋଇପାରେ। ବର୍ତ୍ତମାନ କେବଳ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ଦକ୍ଷିଣ ଭାରତର କିଛି ଅଞ୍ଚଳରେ ବାଉଁଶ ବହୁଳ ପରିମାଣରେ ଚାଷ କରାଯାଉଥିବା ବେଳେ ଅନ୍ୟ ଅଞ୍ଚଳକୁ ଏହାର ପରିବର୍ଦ୍ଧନ ପାଇଁ କେନ୍ଦ୍ର ସରକାର ୨୦୧୭ ରେ 'ଭାରତୀୟ ବନ ଆଇନ ୧୯୨୭'କୁ ସଂଶୋଧନ କରି ବାଉଁଶକୁ ଗଛ ପରିବର୍ତ୍ତେ ଘାସ ଭାବରେ ବର୍ଗୀକୃତ କରିଥିଲେ। ବାଉଁଶକୁ କମ ମୂଲ୍ୟର ଉଚ୍ଚ-ଅମଳକାରୀ ଘାସ ଭାବରେ ଜଙ୍ଗଲ ଓ ଶୁଷ୍କ ଅଞ୍ଚଳରେ ଚାଷ କରାଯାଇପାରିବ। ବିଶେଷଜ୍ଞଙ୍କ ମତରେ ବାଉଁଶ ସାଧାରଣତଃ ତିନିରୁ ଚାରି ବର୍ଷ ମଧ୍ୟରେ ଅମଳ ପାଇଁ ପ୍ରସ୍ତୁତ ହୁଏ। ଥରେ ଲଗାଗଲେ ଏହା ଚାଳିଶରୁ ପଚାଶ ବର୍ଷ ପର୍ଯ୍ୟନ୍ତ ଅମଳ ଦେଇପାରେ। ଅମଳ ପରେ ଏହା ପୁଣି ବଢ଼ିବା ଆରମ୍ଭ କରେ।

ବାଉଁଶ ଏପରି ଏକ ଉଦ୍ଭିଦ, ଯାହାର ପ୍ରତ୍ୟେକ ଅଂଶ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ପ୍ରାୟ ୧୩୬ପ୍ରଜାତିର ବାଉଁଶ ଅଛି, ଯାହା କଠୋର ପରିସ୍ଥିତିରେ ମଧ୍ୟ ବଢ଼ିପାରେ। କିନ୍ତୁ ସଚେତନତାର ଅଭାବ ଯୋଗୁଁ ଭାରତରେ ଏହାର ବାଣିଜ୍ୟିକ ବ୍ୟବହାର ଏପର୍ଯ୍ୟନ୍ତ ସୀମିତ। ଏହି ସମ୍ପର୍କରେ ତାଲିମ ଓ ସଚେତନତା ଚାଷୀଙ୍କ ଆୟ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଚୀନ ୧୯୮୦ ଦଶକରେ ବାଉଁଶ ଚାଷର ପ୍ରୟାସ କରିଥିଲା ଏବଂ ଆଜି ଏହା ସର୍ବାଧିକ ଆର୍ଥିକ ଲାଭ ଉପଭୋଗ କରୁଛି। ସେଠାରେ ୫୦ଲକ୍ଷ ହେକ୍ଟର ଜମିରେ ବାଉଁଶ ଚାଷ କରାଯାଏ। ଭାରତରେ ୧କୋଟି ହେକ୍ଟରରେ ବାଉଁଶ ଚାଷ ହେବା ସତ୍ତ୍ୱେ ଏହାର ବିବିଧତା ଓ ଉପଯୋଗିତା ବିଷୟରେ ସଚେତନତାର ଅଭାବ ଏବଂ ବଜାରୀକରଣ ଅସୁବିଧା ଯୋଗୁଁ ଆମେ ଏହାର ଉପଯୁକ୍ତ ଆର୍ଥିକ ଲାଭରୁ ବଞ୍ଚିତ।

ଯଦି ଭାରତୀୟ କୃଷି ଗବେଷଣା ପରିଷଦ ଏବଂ କୃଷି ବିଶ୍ୱବିଦ୍ୟାଳୟର ପ୍ରସାରଣ ଶିକ୍ଷା ଅଧୀନରେ ବାଉଁଶ ଉତ୍ପାଦନ ତାଲିମ୍‌କୁ ପରିବର୍ଦ୍ଧିତ କରାଯାଏ ତେବେ ବାଉଁଶ ଚାଷୀଙ୍କ ଆର୍ଥିକ ସଶକ୍ତୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ରାଜସ୍ଥାନର ରାଜସମନ୍ଦ ଜିଲ୍ଲାର ପିପଲାନ୍ତରି ଗାଁରେ ଗୋଚର ଜମିରେ ବାଉଁଶ ଚାଷ ଏବଂ ବାଉଁଶ ଉତ୍ପାଦନର ବିବିଧତା ଉପରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଛି। ସେଠାରେ ଅନେକ ପ୍ରକାରର ବାଉଁଶ ଚାଷ କରାଯାଏ।

ଯଦି ପରିବେଶ ଅନୁକୂଳ ବାଉଁଶ ଉତ୍ପାଦଗୁଡ଼ିକୁ ଅନୁର୍ବର ଓ ଗୋଚର ଜମିରେ ଚାଷ କରିବାକୁ ଉତ୍ସାହିତ କରାଯାଏ ତେବେ ଏହା ଭବିଷ୍ୟତରେ ବହୁତ ଭଲ ଫଳାଫଳ ଦେବ ଏବଂ ପ୍ଲାଷ୍ଟିକ୍‌ର ବିକଳ୍ପ ହୋଇପାରିବ। ଗ୍ରାମୀଣ ଜୀବିକା ନିର୍ବାହରେ ବାଉଁଶର ବ୍ୟବହାର ପାଇଁ ଏକ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ଅଛି। ଚୀନର ଉଦାହରଣ ଅନୁସରଣ ପୂର୍ବକ ଆମ ଦେଶରେ ଉପଲବ୍ଧ ବିପୁଳ ପରିମାଣର ଅନୁର୍ବର ଜମିକୁ ପୁନରୁଦ୍ଧାର କରି ଗ୍ରାମୀଣ ସମ୍ପ୍ରଦାୟର ଆୟକୁ ଉନ୍ନତ କରିବା ପାଇଁ ବାଉଁଶ ଚାଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ହୁଦୁଡ଼ ଦୁର୍ଗା ଭାବେ ପୂଜା ପାଆନ୍ତି ମହିଷାସୁର

ଓଜସ୍ୱିନୀ

## ବିଚିତ୍ର ବିଶ୍ୱାସ

*ପୂର୍ବପ୍ରକାଶିତ ଉତ୍ତାରୁ...*

ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର ଜିଲ୍ଲାର କେନ୍ଦାସୋଲ ସମେତ ଆଉ କେତେକ ଗାଁର ଅସୁର ଜନଜାତି ସପ୍ତମୀ ସନ୍ଧ୍ୟାଠାରୁ ଦଶମୀ ପର୍ଯ୍ୟନ୍ତ ମହିଷାସୁରଙ୍କ ଏକ ମୂର୍ତ୍ତି ନିର୍ମାଣ କରି 'ହୁଦୁଡ଼ ଦୁର୍ଗା' ଭାବେ ପୂଜା କରି ଆସୁଛନ୍ତି। ନବରାତ୍ରି ସମୟରେ ଏଠାରେ ଅନେକ ସ୍ଥାନରେ 'ମହିଷାସୁର ଶହାଦତ ଦିବସ' ପାଳିତ ହୋଇଥାଏ। ଅସୁର ଜନଜାତି ଏତେମାତ୍ରାରେ ମହିଷାସୁରଙ୍କୁ ଭକ୍ତି କରନ୍ତି ଯେ, ବିଗତ କିଛି ବର୍ଷ ଧରି ସେମାନେ ଦୁର୍ଗାଙ୍କ ହିଂସ୍ର ରୂପରେ ମହିଷାସୁର ବଧର ମୂର୍ତ୍ତିକୁ ବିରୋଧ କରୁଛନ୍ତି। କାରଣ ସେମାନଙ୍କ ମତାନୁସାରେ ଏହା ତାଙ୍କ ପୂର୍ବଜ ମହିଷାସୁରଙ୍କ ସହିତ ସମସ୍ତ ଅସୁର ସମ୍ପ୍ରଦାୟର ଅପମାନ। ସେମାନେ ଏ ସମ୍ପର୍କରେ ଅନେକ ଗଣମାଧ୍ୟମରେ ମଧ୍ୟ ସ୍ୱର ଉତ୍ତୋଳନ କରିଛନ୍ତି। ସମଗ୍ର ଭାରତରେ ପଶ୍ଚିମବଙ୍ଗରେ ଦୁର୍ଗାପୂଜା ସବୁଠାରୁ ଜାକଜମକରେ ଆୟୋଜନ ହେଉଥିଲେ ମଧ୍ୟ ଜଲପାଇଗୁଡ଼ି ଜିଲ୍ଲାସ୍ଥିତ ଅଲିପୁରଦୁଆରର ମାଝେରଡାବରି ଚା' ବଗିଚା ଅଞ୍ଚଳରେ ରହୁଥିବା ଅସୁର ଜନଜାତି ଦୁର୍ଗାପୂଜାର ୯ଦିନ ଶୋକ ପାଳନ କରିଥା'ନ୍ତି ଏବଂ କୌଣସି ଶୁଭ କାର୍ଯ୍ୟ କରିନଥା'ନ୍ତି।

କର୍ଣ୍ଣାଟକ ଓ ମୈସୁରରେ ମହିଷାସୁରଙ୍କ ବିଶାଳ ପ୍ରତିମା ସ୍ଥାନ ପାଇଛି। କୁହାଯାଏ ଯେ, ମୈସୁର ସହର(ମହିଷାସୁରାନା ଉରୁ- ଅର୍ଥାତ୍ ମହିଷାସୁରଙ୍କ ଦେଶ) ମହିଷାସୁରଙ୍କ ନାମାନୁଯାୟୀ ରଖାଯାଇଛି। କର୍ଣ୍ଣାଟକର ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା କେତେକ ସମ୍ପ୍ରଦାୟ ସମ୍ପୂର୍ଣ୍ଣ ବିଧିବିଧାନର ସହ ମହିଷାସୁରଙ୍କ ପୂଜା କରିଥା'ନ୍ତି। ବିଭିନ୍ନ ସ୍ଥାନୀୟ ଲୋକକଥା ଅନୁସାରେ ମହିଷାସୁରଙ୍କୁ କୁଣ୍ଡୋଦରା, ମହିଷନ୍ଧା, ମେଷନ୍ଧା ଓ ନନ୍ଦିକୋନା ଆଦି ନାମରେ ଦେବତା ଭାବେ ପୂଜା କରାଯାଏ। ବିଶେଷ ଭାବେ ସେମାନେ ମଇଁଷିକୁ ପୂଜା କରିଥା'ନ୍ତି। ଏହି ସମ୍ପ୍ରଦାୟଙ୍କ ମଧ୍ୟରେ ଭୂତାରାଦନେ ଓ ଦେବରାଧନେ ନାମକ ଦୁଇଟି ପରମ୍ପରା ରହିଛି, ଯାହା ମାଧ୍ୟମରେ ସେମାନେ ଅଦ୍ୱିତୀୟ ଦେବତା ଓ ଭୂତପ୍ରେତ(ଆତ୍ମା)ଙ୍କୁ ପୂଜା କରିଥା'ନ୍ତି। ତେଣୁ



ପରମ୍ପରା ଅନୁସାରେ ସେମାନେ ମହିଷାସୁରଙ୍କୁ ତାଙ୍କର ଆଦିଦେବତା ଭାବେ ଦେବରାଧନେ ବିଧିରେ ପୂଜାର୍ଚ୍ଚନା କରିଥା'ନ୍ତି। ମୈସୁର ବ୍ୟତୀତ ମାଧବାଚାର୍ଯ୍ୟଙ୍କ ଦ୍ୱୈତ ଦର୍ଶନର ପୀଠ ଉଡୁପି ସ୍ଥିତ ଶ୍ରୀକୃଷ୍ଣ ମଠରେ ମଧ୍ୟ ଭୂତରାଜ ଭାବେ ମହିଷାସୁରଙ୍କୁ ପୂଜା କରାଯାଉଛି। ମଠ ପରିସରରେ ଥିବା ଅନନ୍ତେଶ୍ୱର ମନ୍ଦିରରର ରକ୍ଷକ ହେଉଛନ୍ତି ମହିଷାସୁର। ସ୍ଥାନୀୟ ମାନ୍ୟତା ଅନୁସାରେ ଯେଉଁମାନେ ମହିଷାସୁରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ନ ମାନନ୍ତି, ସେମାନଙ୍କ ପରିବାରରେ ବିଭିନ୍ନ ସମସ୍ୟା ଆସିଥାଏ। ତେଣୁ ସେମାନେ ମହିଷାସୁରଙ୍କୁ ଅନ୍ନ, ମୁଢ଼ି, ଫଳ, ନଡ଼ିଆ, ନଡ଼ିଆ ଚଅଁର, ଧୂପ, ଦୀପ, ଫୁଲ ଅର୍ପଣ କରିବା ସହିତ କୁକୁଡ଼ା ବଳି ଦେଇ ସନ୍ତୁଷ୍ଟ କରି ଆଶିଷ ଭିକ୍ଷା କରନ୍ତି। ଏହାପରେ ମହିଷାସୁରଙ୍କ ଆତ୍ମା ଜଣେ ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ ହୋଇଥା'ନ୍ତି ଏବଂ ଅନେକ ପାରିବାରିକ ସମସ୍ୟା ନେଇ ଆସିଥିବା ଭକ୍ତମାନଙ୍କର ସମସ୍ୟାର ସମାଧାନ କରିଥା'ନ୍ତି। ଏହି ସମୟରେ ଉତ୍ତମ ପାରିବାରିକ ଓ ସାମାଜିକ ଚଳଣି ସମ୍ପର୍କିତ ଅନେକ ନୀତିନିୟମ ସମ୍ପର୍କରେ ସେ ଉପଦେଶ ମଧ୍ୟ ଦେଇଥା'ନ୍ତି। ଏହି ନିୟମଗୁଡ଼ିକ ଯେଉଁମାନେ ପାଳନ କରନ୍ତି ନାହିଁ, ସେମାନଙ୍କ ଉପରେ ମହିଷାସୁରଙ୍କ କୋପଦୃଷ୍ଟି ପଡ଼ିଥାଏ ଏବଂ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି ବୋଲି ବିଶ୍ୱାସ ରହିଛି। ତେବେ ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଈଶ୍ୱରୀୟ ସତ୍ତା ସହିତ ଆସୁରିକ ଶକ୍ତି ଉପରେ ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ କେବଳ ଭାରତରେ ହିଁ ସମ୍ଭବ। (ସମାପ୍ତ) ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାଜନୈତିକ ହଟଚମଟ କରୁଛନ୍ତି ଏଜି: ବିଜେଡି

ଭୁବନେଶ୍ୱର,୨୫।୯ (ସମିସ): ମହାନଦୀ ଜଳ ବିବାଦ ଏକ କୃତ୍ରିମ ବିବାଦ ଭାବେ ସୃଷ୍ଟି କରାଯାଇଥିଲା ବୋଲି ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଦେଇଥିବା ମନ୍ତବ୍ୟ ଉପରେ କଡ଼ା ପ୍ରତିକ୍ରିୟା ଦେଇଛି ବିଜେଡି । ଏଜିଙ୍କ ମନ୍ତବ୍ୟ କେବଳ ରାଜନୈତିକ ହଟଚମଟ ପାଇଁ ଉଦ୍ଦିଷ୍ଟ । ଶ୍ରୀ ଆଚାର୍ଯ୍ୟଙ୍କ ହିସାବରେ ଯଦି ଏହା ଏକ କୃତ୍ରିମ ସମସ୍ୟା, ତାହେଲେ ବିଜେପି କ୍ଷମତାକୁ ଆସିବାର ପନ୍ଦର ମାସ ପରେ ମଧ୍ୟ ଏହାକୁ ସମାଧାନ କରିବା ପାଇଁ ସଫଳ ହୋଇପାରି ନାହିଁ କାହିଁକି ବୋଲି ପ୍ରଶ୍ନ କରିଛି ବିଜେଡି ।

ବିଜେଡି ପକ୍ଷରୁ ଜାରି ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ.ଲେନିନ ମହାନ୍ତି କହିଛନ୍ତି ଯେ ଆଡଭୋକେଟ ଜେନେରାଲ ଗୋଟିଏ ସାମ୍ବିଧାନିକ ପଦବୀ । ସେହି ପଦବୀରେ ଥିବା ବ୍ୟକ୍ତିମାନେ ସାଧାରଣତଃ କୌଣସି ରାଜନୈତିକ ବକ୍ତବ୍ୟ ପ୍ରଦାନ କରନ୍ତି ନାହିଁ। ଶ୍ରୀ ଆଚାର୍ଯ୍ୟ ଆଜି ଦେଇଥିବା ବକ୍ତବ୍ୟ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ଏହା ପୂର୍ବ ସରକାରଙ୍କ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ ପାଇଁ ଉଦ୍ଦିଷ୍ଟ । ଏହାଛଡା ଶ୍ରୀ ଆଚାର୍ଯ୍ୟଙ୍କ ବକ୍ତବ୍ୟରେ କୌଣସି ସତ୍ୟତା ନାହିଁ; ଶ୍ରୀ ଆଚାର୍ଯ୍ୟ ବକ୍ତବ୍ୟ ଅନୁସାରେ ଯଦି ମହାନଦୀ ଜଳ ବିବାଦ କୃତ୍ରିମ ଥିଲା ତା ହେଲେ ସରକାର ପରିବର୍ତ୍ତନ ପରେ ସମସ୍ୟା ସମାଧାନ ପାଇଁ ଗୋଟିଏ ମିନିଟ ମଧ୍ୟ ଲାଗିବା ଉଚିତ ନୁହେଁ। କେବଳ ଓଡ଼ିଶାରେ ନୁହେଁ କେନ୍ଦ୍ରରେ ଓ ଛତିଶଗଡ଼ରେ ମଧ୍ୟ ବିଜେପି ସରକାର ଅର୍ଥାତ ଟ୍ରିପଲ ଇଞ୍ଜିନ ସରକାର ରହିଛି। ଏହାପରେ ମଧ୍ୟ ରାଜ୍ୟରେ ବିଜେପି ସରକାର ଆସିବା ପନ୍ଦର ମାସ ବିତିଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନାହିଁ କାହିଁକି? ଏଥିରୁ ସ୍ପଷ୍ଟ ହେଉଛି ଯେ ମହାନଦୀ ଜଳ ବିବାଦ କୃତ୍ରିମ ନ ଥିଲା । ଶ୍ରୀ ଆଚାର୍ଯ୍ୟଙ୍କ ଆଜିର ମନ୍ତବ୍ୟ କେବଳ ରାଜନୈତିକ ହଟଚମଟ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ । ଡ. ମହାନ୍ତି ଆହୁରି କହିଛନ୍ତି ଯେ କେବଳ ଦାମୀ ଓକିଲଙ୍କୁ ପୋଷିବା ପାଇଁ ମହାନଦୀ ଜଳ ବିବାଦ ସୃଷ୍ଟି କରାଯାଇଥିଲା ବୋଲି ଦେଇଥିବା ମନ୍ତବ୍ୟ ମଧ୍ୟ ହାସ୍ୟାସ୍ପଦ। ସେ ଆଡଭୋକେଟ ଜେନେରାଲ ପଦବୀ ଗ୍ରହଣ କରିବା ପରେ ରାଜ୍ୟର ଆଡଭୋକେଟ ଜେନେରାଲ ପାଉଥିବା ପାରିତୋଷିକକୁ ଅହେତୁକ ବୃଦ୍ଧି କରାଯାଇଛି କି ? କେଉଁ କାରଣରୁ ଏପରି ବୃଦ୍ଧି କରାଯାଇଛି ତାହା ଶ୍ରୀ ଆଚାର୍ଯ୍ୟ ସ୍ପଷ୍ଟ କରିବେ କି? ରାଜ୍ୟର ଆଡଭୋକେଟ ଜେନେରାଲ ପଦବୀରେ ପୂର୍ବରୁ କାର୍ଯ୍ୟ କରି ଆସୁଥିବା ବ୍ୟକ୍ତି ମାନଙ୍କ ଅପେକ୍ଷା ଶ୍ରୀ ଆଚାର୍ଯ୍ୟ କଣ ଅଧିକ ଯୋଗ୍ୟ। ତେଣୁ ଓକିଲଙ୍କୁ ପୋଷିବା ପାଇଁ ବିବାଦ ସୃଷ୍ଟି ହୋଇଥିଲା ବୋଲି ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ। ଏଭଳି ବିବାଦୀୟ ମନ୍ତବ୍ୟ ଦେଇ ଶ୍ରୀ ଆଚାର୍ଯ୍ୟ ଆଡଭୋକେଟ ଜେନେରାଲ ପଦବୀର ମର୍ଯ୍ୟାଦାହାନୀ କରିଛନ୍ତି। ଯେ ପର୍ଯ୍ୟନ୍ତ ସେ ଏହି ଗରିମାମୟ ପଦବୀରେ ଅଛନ୍ତି, ତାଙ୍କର ଆଚରଣ ଓ ଉଚ୍ଚାରଣ ପ୍ରତି ଯତ୍ନବାନ ହୁଅନ୍ତୁ ବୋଲି ସେ କହିଛନ୍ତି।

■ ମହାନଦୀ ଜଳ ବିବାଦ ଯଦି କୃତ୍ରିମ, ତେବେ ସମାଧାନ ପାଇଁ ବିଳମ୍ବ କାହିଁକି
■ ଆଚାର୍ଯ୍ୟଙ୍କ ମନ୍ତବ୍ୟ ଆଡଭୋକେଟ ଜେନେରାଲ ପଦର ଗରିମା କ୍ଷୁଣ୍ଣ କରିଛି




■ ଲିଙ୍ଗରାଜ ମନ୍ଦିର ନିକଟରେ 'ସ୍ୱଚ୍ଛତା ହି ସେବା ୨୦୨୫'

# 'ଗଣସଫେଇ ଅଭିଯାନ'ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୯ (ସମିସ): ସ୍ୱଚ୍ଛତା ହିଁ ସେବା ୨୦୨୫ ଅଭିଯାନ ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପାଶ୍ୱରେ ଆୟୋଜିତ ଗଣସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା ଓ ନୂଆ ଓଡ଼ିଶାରେ ପରିଣତ କରିବା ପାଇଁ ଆମ ସମସ୍ତଙ୍କୁ ଆଜି ସଂକଳ୍ପ ନେବାକୁ ପଡିବ । ସ୍ୱଚ୍ଛତା କ୍ଷେତ୍ରରେ ସମସ୍ତଙ୍କୁ ଅଧିକ ସଚେତନ କରାଇବାର ଆବଶ୍ୟକତା ରହିଛି । ସଫେଇ କ୍ଷେତ୍ରରେ ଦେଶର ପ୍ରଥମ ତିନୋଟି ସ୍ଥାନରେ ରହିବା ପାଇଁ ଆମ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ପଡିବ । ଆଗାମୀ ଦିନରେ ଆବର୍ଜନାରୁ କୋଇଲା ଏବଂ କୋଇଲାରୁ ଶକ୍ତି ଉତ୍ପାଦନ କରିବା ପାଇଁ ଆମର ଯୋଜନା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି ।

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଭାରତୀୟ ସାଂସ୍କୃତିକ ବିଚାରଧାରା ସହିତ ସ୍ୱତନ୍ତ୍ର ଅର୍ଥନୈତିକ ଚିନ୍ତାଧାରାର ପ୍ରସାର କ୍ଷେତ୍ରରେ ଯଦି କାହାର ସର୍ବାଧିକ ଅବଦାନ ଥାଏ, ସେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, କର୍ପୋରେଟରମାନଙ୍କ ସହ ବିଜେପି ନେତା ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିଲେ ।

## ତେଜସ ଜେଟ୍ ପାଇଁ 'ହାଲ୍' ସହିତ ବୁଝାମଣା

ନୂଆଦିଲ୍ଲୀ, ୨୫।୯: ୯୭ଟି ତେଜସ୍ ଯୁଦ୍ଧ ବିମାନ ଲାଗି ପ୍ରତିରକ୍ଷା ବିଭାଗ ଆଜି ହାଲ୍ (ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି । ଏଥିରେ ୬୮ ଟି ଲଢୁଆ ବିମାନ ଏବଂ ୨୯ ଟି ଟୁଇନ୍ ସିଟର ବିମାନ ରହିଛି । ୬୨ ହଜାର ୩୭୦ କୋଟି ଟଙ୍କାରେ ଏହି ତେଜସ୍ ବିମାନ କିଣାଯିବ ବୋଲି ବାୟୁ ସେନା ପକ୍ଷରୁ କୁହାଯାଇଛି । ବାୟୁ ସେନାରେ ଲଢୁଆ ବିମାନ ସଂଖ୍ୟା କମିକମି ଯାଉଥିବାରୁ ସେନା ଚିନ୍ତାରେ ପଡ଼ିଯାଇଛି । ପୂର୍ବରୁ ଯୁଦ୍ଧ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମିଗ୍ ବିମାନ ଆସନ୍ତାକାଲି ଶୁକ୍ରବାର ଦିନ ଅବସର ନେବାପରେ ଭାରତୀୟ ବାୟୁ ସେନାରେ ଫାଇଟର ସ୍କ୍ୱାର୍ଡନ ସଂଖ୍ୟା ୩୦କୁ ହ୍ରାସ ପାଇବ । ସୂଚନାଯୋଗ୍ୟ ଯେ ତେଜସ୍‌ର ୬୪ ପ୍ରତିଶତ ଯନ୍ତ୍ରାଂଶ ଭାରତରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରାଯାଉଛି ।

## ଯାଞ୍ଚ ହେବ ବେଆଇନ ପାଥୋଲାବ୍ ଓ କ୍ଲିନିକ୍

### ସିଏଚ୍‌ସି ସୁପରିଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଲେ ସିଡିଏମ୍‌ଓ

'ସକାଳ' ପ୍ରଭାବ

ଭୁବନେଶ୍ୱର,୨୫।୯ (ସମିସ): ବର୍ଷ ବର୍ଷ ଧରି ଖୋର୍ଦ୍ଧା ଜିଲ୍ଲାରେ ଚାଲୁଥିବା ବେଆଇନ ପାଥୋଲାବ୍ ଓ କ୍ଲିନିକ୍‌ଗୁଡ଼ିକର ଯାଞ୍ଚ ହେବ। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସିଏଚ୍‌ସି ସୁପରିଟେଣ୍ଡେଣ୍ଟମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ସିଏଚ୍‌ସି ଅଧୀନରେ ଥିବା ଏହି ବେଆଇନ ସ୍ୱାସ୍ଥ୍ୟାନୁଷ୍ଠାନର ତାଲିକା ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ଦେବା ପାଇଁ କୁହାଯାଇଛି । ବେଆଇନ ଭାବେ ସ୍ଥାପିତ ପାଥୋଲାବ୍ ଓ କ୍ଲିନିକ୍‌ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାପଡ଼ିଛି । ଏ ପ୍ରସଙ୍ଗରେ ଗତ ସେପ୍ଟେମ୍ବର ୧୯ରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା । ଏହାପରେ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଥିବା ଜଣାପଡ଼ିଛି। ବର୍ଷ ବର୍ଷ ଧରି ଖୋର୍ଦ୍ଧା ଜିଲ୍ଲାରେ ବିନା ପଞ୍ଜିକରଣରେ ଶତାଧିକ ପାଥୋଲାବ୍ ଓ କ୍ଲିନିକ୍ ଚାଲୁଛି । ସରକାରୀ ଭାବେ କେବଳ ୪୪ଟି ପାଥୋଲାବ୍‌କୁ ଅନୁମତି ମିଳିଛି; ମାତ୍ର ଶତାଧିକ ବେନାମୀ ସଂସ୍ଥା ଖୋଲିଛି । ରୋଗୀମାନଙ୍କର ଏମାନେ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା କରି ଭୁଲ୍ ରିପୋର୍ଟ ଦେଉଛନ୍ତି । ଫଳସ୍ୱରୂପ ଭୁଲ୍ ଚିକିତ୍ସାରେ ରୋଗୀ ଖର୍ଚ୍ଚାନ୍ତ ହେବା ସହ ପ୍ରାଣହାନୀ ଘଟୁଛି । ଏହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି । ନଚେତ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସାଧାରଣ ନିରୀହ ରୋଗୀଙ୍କ ଜୀବନ ବିପନ୍ନ ହୋଇଯିବ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ।

## ନର୍ସିଂ ଛାତ୍ରୀଙ୍କ ଆତ୍ମହତ୍ୟା

ମାଲକାନଗିରି, ୨୫।୯ (ସମିସ): ମାଲକାନଗିରି ଜିଲ୍ଲା ଏମ୍‌ଭି ୧୩ ଗ୍ରାମର ନର୍ସିଂ ଛାତ୍ରୀ ଅଙ୍କିତା ବିଶ୍ୱାସ ଆତ୍ମହତ୍ୟା କରିଛନ୍ତି । ପ୍ରେମରେ ବିଫଳ ହୋଇ କିଛି ଦିନ ପୂର୍ବେ ସେ ଏକ ବଟିକା ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ହସ୍ପିଟାଲରୁ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ଆଜି ବେକରେ ଫାଶି ଲଗାଇ ସେ ଆତ୍ମହତ୍ୟା କରିଛି ।

ସୂଚନା ଅନୁଯାୟୀ, ଅଙ୍କିତା ଜିଲ୍ଲା ସଦରରେ ଥିବା ଏକ ଘରୋଇ କଲେଜରେ ବିଏସ୍‌ସି ନର୍ସିଂର ଶେଷ ବର୍ଷର ଛାତ୍ରୀ ଥିଲେ । ପ୍ରେମ ସମ୍ପର୍କକୁ ନେଇ ସେ ପୂର୍ବରୁ କୌଣସି ଏକ ବଟିକା ଖାଇ ଦେବାରୁ ଗୁରୁତର ଅବସ୍ଥାରେ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଗତକାଲି ସୁସ୍ଥ ହୋଇ ସେ ଘରକୁ ଫେରିଥିଲେ । ତେବେ ଆଜି ପୁନର୍ବାର ସେ ନିଜ ଘରେ ଫାଶି ଲଗାଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ । ଝିଅକୁ ଝୁଲନ୍ତା ଅବସ୍ଥାରେ ଦେଖି ତାଙ୍କ ବାପା ବୃନ୍ଦାବନ ବିଶ୍ୱାସ ତାଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ପ୍ରେମଜନିତ କାରଣକୁ ନେଇ ଅଙ୍କିତା ଆତ୍ମହତ୍ୟା କରିଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି । ଏହାକୁ ନେଇ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ । ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ନୂଆ ବ୍ୟବସାୟ ଆରମ୍ଭ କରିବେ ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ । ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ । ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ ।

**ତୁଳା:** ମନ ପ୍ରସନ୍ନ ରହିବ । ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ସମସ୍ତ ଇଚ୍ଛା ପୂରଣ ହେବ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ । ଗୀତ, ନାଚରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ । ଅସହାୟଙ୍କୁ ସାହାଯ୍ୟ କରିବେ।

### ମୋଟରଯାନ ନିୟମ ଉଲ୍ଲଙ୍ଘନ ବିରୋଧରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ

# ୩ ଦିନରେ ୩୪୯୪ ଇ-ଚାଲାଣ ଓ ୫୪ ଲକ୍ଷ ଜରିମାନା

କଟକ, ୨୫।୯ (ସମିସ): ମୋଟରଯାନ ନିୟମ ଉଲ୍ଲଙ୍ଘନ ବିରୋଧରେ ପରିବହନ ବିଭାଗର ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଜାରି ରହିଛି। ତିନି ଦିନରେ ରାଜ୍ୟରେ ସମୁଦାୟ ୩,୪୯୪ ଚାଲାଣ ଜାରି ହୋଇଛି । ଜରିମାନା ବାବଦରେ ୫୪ ଲକ୍ଷ ୮୨ ହଜାର ୪୬୨ ଟଙ୍କା ଆଦାୟ କରାଯାଇଛି। ଓଭରଲୋଡିଂ ପାଇଁ ୧୭୬ଟି ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଥିବା ବେଳେ ଫିଟନେସ୍ ଓ ପରମିଟ୍ ବାବଦରେ ୯୪୨ ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଛି। ସେହିପରି ପ୍ରଦୂଷଣ ପ୍ରମାଣପତ୍ର ନିୟମ ଉଲ୍ଲଙ୍ଘନ ପାଇଁ ୯୭୭, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୨୧୪, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ପାଇଁ ୧୩୦, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନିୟମ ଉଲ୍ଲଘନ ଯୋଗୁଁ ୨୦୪ଟି ଇ-ଚାଲାଣ ଜାରି କରାଯାଇଛି।

ଗତ ୩ ଦିନ ମଧ୍ୟରେ ରାଜ୍ୟବ୍ୟାପୀ ଆରଟିଓ ଟିମ୍ ଦ୍ୱାରା ମୋଟର ଯାନର ୭ଟି ନିୟମ ଉଲ୍ଲଘନ ବିରୋଧରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ କରାଯାଇଛି । ଓଭରଲୋଡିଂ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର, ବିନା ଫିଟନେସ୍, ବିନା ପରମିଟ୍ ଓ ବିନା ପ୍ରଦୂଷଣ ପ୍ରମାଣପତ୍ର ଭଳି ନିୟମ ଉଲ୍ଲଘନ ସହ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ ହୋଇଛି। ଗାଡ଼ି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କ୍ଷେତ୍ରରେ ଏଆରଟିଓ ବଡ଼ବିଲଙ୍କ ଦ୍ୱାରା ସର୍ବାଧିକ ୮୦ଟି ଇ-ଚାଲାଣ, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଥିବାରୁ ବରଗଡ଼ ଆରଟିଓଙ୍କ ଦ୍ୱାରା ସର୍ବାଧିକ ୩୬ଟି ଇ-ଚାଲାଣ ଜାରି ହୋଇଛି। ଭରଲୋଡିଂ ବାବଦରେ ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୨୨ଟି ,ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ଯୋଗୁଁ ଗଞ୍ଜାମ ଆରଟିଓଙ୍କ ଦ୍ୱାରା ୧୫ଟି ଇ-ଚାଲାଣ ଜାରି କରାଯାଇଛି। ଗାଡ଼ି ଚଳାଉଥିବା ବେଳେ ମୋବାଇଲ ଫୋନ ବ୍ୟବହାର ଯୋଗୁଁ ଝାରସୁଗୁଡା ଆରଟିଓଙ୍କ ଦ୍ୱାରା ସର୍ବାଧିକ ୧୯ଟି ଇ-ଚାଲାଣ ଜାରି କରାଯାଇଛି। ଫିଟନେସ ଓ ପରମିଟ୍ ପ୍ରମାଣପତ୍ର ନିୟମ ଉଲ୍ଲଘନ ବିରୋଧରେ ଏନଫୋର୍ସମେଣ୍ଟରେ ଝାରସୁଗୁଡ଼ାରେ ୬୯ଇ-ଚାଲାଣ ଜାରି ହୋଇଛି। ଜରିମାନା ବାବଦରେ ସର୍ବମୋଟ୍ ଭୁବନେଶ୍ୱର-୧ ଆରଟିଓରେ ସର୍ବାଧିକ ୧୫,୧୯,୧୯୧ ଟଙ୍କା ଆଦାୟ ହୋଇଥିବା ବେଳେ ବଲାଙ୍ଗିରରେ ୪,୭୭,୮୬୫, ବାଲେଶ୍ୱରରେ ୩,୭୧,୬୩୧, ସୋନପୁରରେ ୩,୩୦,୩୨୪, ଝାରସୁଗୁଡ଼ା ଆରଟିଓଙ୍କ ଦ୍ୱାରା ୨,୪୮,୫୫୫, ରାୟଗଡ଼ାରେ ୨,୪୬,୦୦୦ ଓ ଭୁବନେଶ୍ୱର-୨ ଆରଟିଓଙ୍କ ଦ୍ୱାରା ୨,୩୯,୯୫୦, ଟଙ୍କା ଆଦାୟ କରାଯାଇଛି।

ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ପାଇଁ ୧୩୦ ଚାଲାଣ

## ଅବଶିଷ୍ଟାଂଶ

### ଦକ୍ଷିଣକୁ ବର୍ଷା...

ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ସବୁଠୁ ଅଧିକ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ଶୁକ୍ରବାର କୋରାପୁଟ ଓ ମାଲାକାନଗିରି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ଗଜପତି ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଛି । ୨୭ରେ ମଧ୍ୟ ସମାନ ସ୍ଥିତି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି ।

ଅନ୍ୟପଟେ ଗଭୀର ଲଘୁଚାପ ଯୋଗୁଁ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦକୁ ପ୍ରବଳ ବନ୍ୟା ଜଳ ପ୍ରବେଶ କରୁଛି । ଏଥିପାଇଁ ହୀରାକୁଦରୁ ଆଜି ଆଉ ୪ଟି ଗେଟ୍ ସହ ମୋଟ୍ ୨୦ଟି ଗେଟ୍ ଦେଇ ସାଢ଼େ ୩ଲକ୍ଷ କ୍ୟୁସେକରୁ ଅଧିକ ବନ୍ୟା ଜଳ ନିଷ୍କାସିତ କରାଯାଉଛି । ଯେହେତୁ ତଳମୁଣ୍ଡରେ ଦୁଇ ଦିନ ହେବ ବର୍ଷା ସାମାନ୍ୟ କମିଛି, ତେଣୁ ମୁଣ୍ଡଳୀରେ ଯେଉଁ ପରିମାଣରେ ବନ୍ୟା ଜଳ ଆସିବ ବୋଲି ଆକଳନ କରାଯାଇଥିଲା, ସେଥିରେ ହ୍ରାସ ଘଟିବ ବୋଲି ଜଳସମ୍ପଦ ବିଭାଗ କହିଛି । ୨୬ ତାରିଖରେ ମୁଣ୍ଡଳିରେ ସକାଳ ୮ ରୁ ୧୧ ଟା ମଧ୍ୟରେ ୬ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେବ ବୋଲି ବିଭାଗ କହିଛି । ଏହା ପ୍ରଭାବରେ ମହାନଦୀର ଶାଖା ନଦୀଗୁଡ଼ିକରେ ଜଳସ୍ତର ବଢ଼ିବ । କିନ୍ତୁ ବର୍ଷା କମିଥିବାରୁ ବନ୍ୟା ସ୍ଥିତି ଦେଖିବାକୁ ମିଳିବ ନାହିଁ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଆଗକୁ ଥିବା ଅବପାତ ପ୍ରଭାବରେ ଦକ୍ଷିଣ ଓଡ଼ିଶା ପ୍ରଭାବିତ ହେବ । ଏହାଦ୍ୱାରା ଦକ୍ଷିଣ ଓଡ଼ିଶା ଜିଲ୍ଲାଗୁଡ଼ିକରେ ଥିବା ଜଳ ଭଣ୍ଡାର ଗୁଡିକରେ ଜଳ ସଂରକ୍ଷଣ ହୋଇ ରହିବ ।

### ୧୮ ଜିଲ୍ଲାପାଳଙ୍କୁ...

ଯନ୍ତ୍ରୀ, ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା, ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତଥା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ ସତର୍କତାମୂଳକ ପଦକ୍ଷେପସ୍ୱରୂପ, ବିଶେଷ ଭାବେ ପ୍ରଭାବିତ ହେବାକୁ ଥିବା କୋରାପୁଟ ଓ ମାଲକାନାଗିରି ସହିତ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କୁ କର୍ମ କ୍ଷେତ୍ରରେ ରହି ପରିସ୍ଥିତିର ମୁକାବିଲା କରିବା ପାଇଁ ସଜାଗ ରହିବାକୁ ଏସ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକସ୍ଥଳେ ଅଗ୍ନିଶମ ସେବା ଏବଂ ଓଡ୍ରାଫ୍ ଦଳଗୁଡ଼ିକୁ ନିୟୋଜିତ କରିବା ସହ ଯେକୌଣସି ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ଡ୍ରେନେଜ୍ ଇଞ୍ଜିନିୟର/ଅଧିକାରୀମାନଙ୍କୁ ଲୋକ ଏବଂ ଯନ୍ତ୍ରପାତି ସହିତ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି । ପରିସ୍ଥିତିର ମୁକାବିଲା ନିମନ୍ତେ ପ୍ରଶାସନ ସଂପୂର୍ଣ୍ଣ ରୂପରେ ପ୍ରସ୍ତୁତ ଅଛନ୍ତି । ରାଜ୍ୟ ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖୁଛନ୍ତି ବୋଲି ଏସ୍‌ଆରସି କହିଛନ୍ତି । ଏହି ବୈଠକରେ ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା, ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତଥା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଟ୍ରେନ୍‌ରୁ 'ଅଗ୍ନି'...

ଡିଆର୍‌ଡିଓ ସୂତ୍ରରୁ ପ୍ରକାଶ ଯେ ଏହି କ୍ଷେପଣାସ୍ତ୍ରର ପରୀକ୍ଷା କାନିଷ୍ଟରାଇଜଡ ଲଞ୍ଚ ସିଷ୍ଟମରୁ କରାଯାଇଛି । କାନିଷ୍ଟରାଇଜଡ ଲଞ୍ଚ ସିଷ୍ଟମ ହେଉଛି ମିସାଇଲ ଲଞ୍ଚ୍ କରିବାର ଏକ ଅତ୍ୟାଧୁନିକ ବ୍ୟବସ୍ଥା । ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ ଟ୍ରେନ୍ ଡିଜାଇନ୍ କରାଯାଇଥିଲା । ଏହି ଟ୍ରେନ୍ ରେଳ ଲାଇନ୍ ଥିବା ଦେଶରୁ ସବୁ ସ୍ଥାନକୁ ଯାଇପାରିବ । ଓଡ଼ିଶାର ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପପୁଞ୍ଜ ପରୀକ୍ଷଣ କେନ୍ଦ୍ରରୁ ଏହି ପରୀକ୍ଷା କରାଯାଇଛି । ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ର ୨୦୦୦ କିମି ପର୍ଯ୍ୟନ୍ତ ନିଜର ଲକ୍ଷ୍ୟ ଭେଦ କରିପାରିବ । ଏଥିରେ ବହୁତ ଅତ୍ୟାଧୁନିକ ଆଡଭାନ୍ସଡ ଫିଚର ରହିଛି । ଏହି ପରୀକ୍ଷା ଭାରତ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି । ଶତ୍ରୁ ଦୃଷ୍ଟିରୁ ଲୁଚି ରହିବା ପାଇଁ ନିଜ ମିସାଇଲକୁ ରେଳ ସୁଡଙ୍ଗରେ ଲୁଚାଇ ରଖାଯାଇପାରିବ । ରାତିର ଘନ ଅନ୍ଧାକାରରେ ଓ କୁହୁଡି ତଥା ଧୂଆଁଳିଆ ଇଲାକା ମଧ୍ୟରେ କ୍ଷେପଣାସ୍ତ୍ର ଲଞ୍ଚ କରାଯାଇପାରିବ । ଦେଶର ରେଳ ନେଟୱର୍କ ଉପଯୋଗ ସହ ପୂର୍ବ ପ୍ରସ୍ତୁତି ବିନା ଯେକୌଣସି ସ୍ଥାନରୁ ମୋବାଇଲ ଲଞ୍ଚର ଯୋଗେ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ପ୍ରଣାଳୀ ବ୍ୟବହାରରେ ଏହା ପ୍ରଥମ ।

ଉତ୍‌କ୍ଷେପଣ ପରେ କ୍ଷେପଣାସ୍ତ୍ରର ଗତି, ବେଗ ଓ କାର୍ଯ୍ୟଦକ୍ଷତା ନିରୀକ୍ଷଣରୁ ମିଳିଥିବା ତଥ୍ୟ ଅନୁସାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଏହି ପରୀକ୍ଷଣ ସମସ୍ତ ପ୍ରକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ କରିପାରିଛି । ଭବିଷ୍ୟତରେ ସେନାବାହିନୀ ଦ୍ୱାରା ରେଳ ନେଟୱର୍କ ଭିତ୍ତିକ ବ୍ୟବସ୍ଥା ବ୍ୟବହାର ନେଇ ଏହି ସଫଳ ପରୀକ୍ଷଣ ବାଟ ଫିଟାଇଛି। 'ଅଗ୍ନି ପ୍ରାଇମ'ର ସଫଳ ପରୀକ୍ଷଣକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ଓ ଭାରତୀୟ ସେନାବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ବିଭାଗର ସଚିବ ତଥା ଡିଆରଡିଓର ଚେୟାରମ୍ୟାନ ଡ. ଭି କାମତ ଏହି ସଫଳ ପରୀକ୍ଷଣରେ ଅଂଶଗ୍ରହଣକାରୀ ସମସ୍ତ ସଂସ୍ଥାକୁ ଅଭିନନ୍ଦନ ଜଣାଇଛନ୍ତି ।

### ବସ୍-ଟ୍ରକ୍...

ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)କୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ମଧ୍ୟରେ ୩ ଶିଶୁ ରହିଛନ୍ତି । ପୁଲିସ ଘଟଣାସ୍ଥଳରୁ ୫ଶବ ଜବତ କରି ଲହୁଣୀପଡ଼ା ଡାକ୍ତରଖାନାକୁ ନେଇଥିଲା । ସେଠାରେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

ଅପରପକ୍ଷେ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏହି ସହାୟତା ରାଶି ପ୍ରଦାନ କରାଯିବ। ସୂଚନାନୁଯାୟୀ, ରାଉରକେଲାରୁ ବଡ଼ବିଲ ଯାଉଥିବା ଲିଙ୍ଗରାଜ ଯାତ୍ରୀବାହୀ ବସ୍‌ଟି ୫୨୦ନମ୍ବର ଜାତୀୟ ରାଜପଥରେ କେ. ବଲାଙ୍ଗ ନିକଟରେ ଟ୍ରକ୍ ସହ ଧକ୍କା ହୋଇଥିଲା । ରକ୍ସି ରେଳ ଫାଟକ ନିକଟରୁ ଗୋଟିଏ ରାସ୍ତା ସମ୍ପୂର୍ଣ୍ଣ ଜାମ ରହିଥିବାରୁ ଉକ୍ତ ବସ୍‌ଟି ରଙ୍ଗ ରୁଟ୍‌ରେ ଯାଇଥିଲା । ତେବେ ଅପରପଟରୁ କୋଇଡ଼ା ପଟକୁ ଆସୁଥିବା ଏକ ଲୁହାପଥର ବୋଝେଇ ହାଇୱା ଉକ୍ତ ବସକୁ ମୁହାଁମୁହିଁ ଧକ୍କା ଦେଇଥିଲା । ଫଳରେ ଏକ ଭୟଙ୍କର ଦୁର୍ଘଟଣା ଘଟିଥିଲା। ଖବର ପାଇ କେ.ବଲାଙ୍ଗ ପୁଲିସ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରି କରିଥିଲେ ।

ଉଲ୍ଲେଖଯୋଗ୍ୟ, ରକ୍ସି ଗ୍ରାମର ୩ ଜଣ ଓ ନିକଟସ୍ଥ ମଞ୍ଜାବେଡ଼ା ଗ୍ରାମର ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେହିପରି କେ. ବଲାଙ୍ଗ ଓ ଲହୁଣୀପଡ଼ା ଡାକ୍ତରଖାନାରେ ମୃତାହତ ସମ୍ପର୍କୀୟଙ୍କ କାନ୍ଦବୋବାଳିରେ ଡାକ୍ତରଖାନା ପରିସର ଫାଟି ପଡ଼ିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.EPC-CECONIV BBS2025041, ତା.18.09.2025ରିଖ

**କାର୍ଯ୍ୟର ନାମ:** EPC ମୋଡ୍‌ରେ ସମ୍ବଲପୁର ସିଟି-ଜରପଡ଼ା ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ସମ୍ବନ୍ଧୀୟ ମେଜର (Major) ପୋଲ, ରୋଡ଼ ଓଭର ବ୍ରିଜ୍ ଏବଂ ରୋଡ଼ ଅଣ୍ଡର ବ୍ରିଜ୍‌ର ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 41036.00 ଲକ୍ଷ, EMD (ଟଙ୍କାରେ): 2,00,00,000/-, କାର୍ଯ୍ୟ ଶେଷ ହେବା ଅବଧି: 24 (ଚବିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.11.2025 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-118/CI/25-26

**AFFIDAVIT**

By virtue of an affidavit before the Executive Magistrate, Bhubaneswar, Affidavit No - 54 on dated 24.09.2025. I Susmita Rout, W/o- Sarat Kumar Rout, residing at Plot No. 986/966, Prakruti Vihar, Baramunda, Bhubaneswar-751003, Dist- Khordha, Odisha. That my maiden name is Susmita Sahoo, D/o- Hrusikesh Sahoo. That Susmita Sahoo & Susmita Rout is one and same person. Hence I shall be known as **SUSMITA ROUT** for all future purposes.

**AFFIDAVIT**

I, Nishikanta Parida, aged about 38 years, S/o- Ramesh Parida, resident of Raghupati Nagar, Puri-Two, PO: Puri Station Road, PS- Kumbharpada, Dist- Puri, PIN-752002 declared by this affidavit No. 1968, dtd- 22/09/2025 that now onwards I shall be known as **NISHIKANT PARIDA** for all future purposes.

**AFFIDAVIT**

By virtue of an affidavit (CF No. 85, date- 24/09/2025) before the Executive Magistrate, Bhubaneswar. I, **Nirmala Patasani,** W/o Siba Narayan Swain, resident of Plot No. 238/2961, Lane-6, Srikhetra Vihar, Aiginia, Khandagiri, Bhubaneswar, Dist- Khordha, Odisha declare that, I want to change my name from **Nirmala Swain to Nirmala Patasani** in my son's (Deepam Jyoti Swain) school record (studying in Class IX in PM Shri Kendriya Vidyalay No.2 CRPF Campus, Bhubaneswar) & in Bank related documents. Henceforth, I shall be known as **Nirmala Patasani** for all future purposes.

**Nirmala Patasani**

**AFFIDAVIT**

By virtue of an affidavit No. 2620 sworn before the Executive Magistrate, Sukinda on dated- 25/09/2025. I Sukanta Rana, aged 48 years, S/o- Late Hrushikesh Rana resident of Vill/Po/Ps- Sukinda, Dist- Jajpur, Odisha, Pin-755018 my name & date of birth has been written as Sukanta Rana, DOB- 16/09/1977, in my Aadhar Card No. 3226 3273 6153 & Pan Card No- HRBPR4159C but my name & date of birth has been written as Sasikanta Rana, DOB- 01/01/1997 in my Driving License No- OR0419980054778 issue on dated 07/06/1998 by RTO Chandikhole declare that Sukanta Rana DOB- 16/09/1977 & Sasikanta Rana DOB- 01/01/1997, S/o- Hrushikesh Rana is same & one person for all future purposes.

**SUKANTA RANA**

**AFFIDAVIT**

By virtue of an affidavit sworn before the Executive Magistrate, Brahmagiri, dated- 30.08.2025, I Gitanjali Biswal, W/o. Late Ajaya Biswal, resident of At/Po. Gadarodanga, PS.- Brahmagiri, Dist.- Puri, Odisha- 752011 declare that I have changed my son's name from **Ayushubiswa** to **Ayush Biswal.** Henceforth he will be known as **AYUSH BISWAL** for all purposes.

**Gitanjali Biswal**

**AFFIDAVIT**

By virtue of an affidavit No. 5690 sworn before the Executive Magistrate, Champua on dated- 25/09/2025. I, Sahid Anwar, aged 40 years, S/o- Mohammad Daud, resident of At- Muslim basti, Po/Ps- Champua, Dist- Keonjhar, Odisha, Pin - 758041 my correct name is Sahid Anwar & birth of date 09/02/1985 is mentioned in my Aadhar Card No- 2547 8919 4200 & Pan Card No- CCGPA7431P, in my passport no L5752113 my name wrongly entered Mohammad Sahid Anwar instead of Sahid Anwar & D.O.B wrongly entered 05/05/1983 instead of 09/02/1985, declare that Sahid Anwar, D.O.B 09/02/1985 & Mohammad Sahid Anwar, D.O.B 05/05/1983 same and one person for all future purposes.

**SAHID ANWAR**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit No.10443, Dtd.25.09.2025 sworn before the Executive Magistrate, Balasore I, Basant Manjari Pradhan, W/o.- Late Prafulla Kumar Pradhan, At- Nalkuli, Po.- Manikula, Ps.- Sadar, Dist.- Balasore, Pin- 756002, Odisha renounce, relinquish and abandon the use of my former name Basanti Pradhan (old name) instead of Basant Manjari Pradhan (New name). Henceforth, I will be known as **Basant Manjari Pradhan** for all purposes.

**AFFIDAVIT**

I, Jeet Dash, S/o.: Jiban Pradip Dash, resident of Ranipatna, PO-Balasore, PS- Sahadevkhunta, Dist- Balasore, Pin-756001, Odisha, declare by this affidavit No.: 281, dtd. 25.09.2025 that now onwards I shall be known as **Jeet Prakash Dash** for all future purposes.

**AFFIDAVIT**

By virtue of an affidavit No. 3911, Dtd.25.09.2025 sworn before the Executive Magistrate, Bhogarai I, Manasi Das, W/o. Chandan Das, At.Tengramari , Po. Jayrampur, Ps. Bhogarai, Dist. Balasore, Pin- 756038, Odisha renounce, relinquish and abandon the use of my minor son's former name Nanit Kumar Das (old name) instead of Nainit Kumar Das (New name). Henceforth, he will be known as **Nainit Kumar Das** for all purposes.

**AFFIDAVIT**

I POTNURU PRASANNA KUMAR, S/o- Late Potnuru Venkata Ramana, resident of Bharat Nagar, Bell Road,, Po/Ps- Jeypore, DT- Koraput- 764 001, Odisha declare by this Affidavit No.3949 Dated - 25/09/2025,that now onwards I shall be known as **POTNURU PRASAN KUMAR** for all future purpose.

**AFFIDAVIT**

I VYSYA PRABHAVATI, D/o DOKI SATAYANARAYANA & W/O VYSYARAJU KRISHNA RAJU, resident of Mill Street, Nabarangapur Road, Po/Ps- Borigumma, DT- Koraput-764 056, Odisha declare by this Affidavit No.3948, Dated - 25/09/2025,that now onwards I shall be known as **VYSYA RAJU PRABHAVATI** for all future purpose.

**AFFIDAVIT**

I, Ramesh Chandra Parida, aged about 67 years, S/o- Late Surendra Parida, resident of Raghupati Nagar, Puri- Two, PO: Puri Station Road, PS- Kumbharpada, Dist- Puri, PIN-752002 declared by this affidavit No. 1969, dtd- 22/09/2025 that now onwards I shall be known as **RAMESH PARIDA** for all future purposes.

## ନିୟମଗିରି ବକ୍ସାଇଟ ଖଣି ଖନନ ପାଇଁ ଅହରହ ଉଦ୍ୟମ

# ଗ୍ରୀନ୍ କଳାହାଣ୍ଡି ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ବିରୋଧ

ଲାଞ୍ଜିଗଡ,୨୫।୯ (ସମିସ):



ବହୁ ରାଷ୍ଟ୍ରୀୟ କମ୍ପାନୀମାନେ ନିୟମଗିରି ବକ୍ସାଇଟ ଖଣି ଖନନ ପାଇଁ ଅହରହ ଉଦ୍ୟମ କରାଯାଉଥିବା ବେଳେ ଏହାକୁ ନେଇ ନିୟମଗିରି ସୁରକ୍ଷାକୁ ନେଇ ଗ୍ରୀନ୍ କଳାହାଣ୍ଡି ନିୟମଗିରି ସୁରକ୍ଷା ସମିତି ଆନୁକୂଲ୍ୟରେ ଲାଞ୍ଜିଗଡ ବ୍ଲକ୍ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଆୟୋଜିତ ସମ୍ମିଳନୀରେ ପରିବେଶ ବିତ ପ୍ରଫୁଲ୍ଲ ସାମନ୍ତରାୟ କହିଛନ୍ତି ଯେ,ପ୍ରଥମେ ନିୟମଗିରି ସୁରକ୍ଷା ଆନ୍ଦୋଳନ ନିୟମଗିରି ସୁରକ୍ଷା କମିଟି ନେତୃତ୍ୱରେ ଆରମ୍ଭ ହୋଇଥିଲା ।ପରବର୍ତ୍ତୀ ସମୟରେ ଗ୍ରୀନ କଳାହାଣ୍ଡି ଗଠିତ ହୋଇ ଏହାକୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିବା ଯୋଗୁଁ ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ ଥିଲା ।

ଏହି ନିୟମଗିରି ସୁରକ୍ଷା ଆନ୍ଦୋଳନ ସାରା ପୃଥିବୀରେ ଦୃଷ୍ଟି ଆକର୍ଷଣ କରିଥିଲା । ନିୟମଗିରିରେ ଦୁଇ ଗୋଟି କମ୍ୟୁନିଟି ବସବାସ କରୁଥିବା ବେଳେ ପାହାଡ଼ ତଳେ ବସବାସ କରୁଥିବା କମ୍ୟୁନିଟି ଆଦିବାସୀ ଝରଣିଆ ଓ ପାହାଡ଼ ଉପରେ ବସବାସ କରୁଥିବା ଡଙ୍ଗରିଆ । ସେମାନଙ୍କ ଅଧିକାରୀ,ଆର୍ଥିକ ଅଧିକାର ଓ ବିଶେଷକରି ସମ୍ବିଧାନ ପଞ୍ଚମ ଉଚ୍ଛେଦ ଅନୁସାରେ ପ୍ରାକୃତିକ ସମ୍ପଦର ମାଲିକ ହେଉଛନ୍ତି ସେହି ଆଦିବାସୀମାନେ । ଯେତେବେଳେ ନିୟମଗିରି ଖଣି ଖନନ ପାଇଁ ଆଦିବାସୀଙ୍କ ଅଧିକାରକୁ ଦମନ କରି କମ୍ପାନୀର ପ୍ରୟାସ ଆରମ୍ଭ କରିଥିଲେ ।ସେତେବେଳେ ଆମେ ଆଦିବାସୀଙ୍କ ସୁରକ୍ଷା ପାଇଁ ମାନ୍ୟବର ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଥିଲୁ ।ସୁପ୍ରିମକୋର୍ଟ ତିନୋଟି ସିଡ୍ୟୁଲ ପ୍ରସଙ୍ଗ ନେଇ ପ୍ରଥମ ସିଡ୍ୟୁଲ ଏରିଆ ପଞ୍ଚମ ଉଚ୍ଛେଦ ସମ୍ବିଧାନ,ଦ୍ୱିତୀୟ ହେଲା ପେସାଏତ ୧୯୯୬ ଆଇନ ଓ ତୃତୀୟରେ ୨୦୦୬ ଜଙ୍ଗଲ ଅଧିକାରୀ ଆଇନକୁ ନେଇ ରାୟ ଦେଇଥିଲେ ଯେ ଯଦି ଖଣି ଖନନ କରାଯାଏ ତାହାହେଲେ ସମ୍ବିଧାନ ଅନୁସାରେ ଗ୍ରାମସଭା ଜରୁରୀ ଅଟେ ବୋଲି । ପରବର୍ତ୍ତୀ ସମୟରେ ଗ୍ରାମସଭା ହୋଇଥିଲା କିନ୍ତୁ ଆମେ ମାଁ ମାଟିକୁ ବିକି ଦେବୁନାହିଁ ବୋଲି ଆଦିବାସୀ ମାନେ ଶତପ୍ରତିଶତ ବିରୋଧ କରିଥିଲେ । ଏହା ବ୍ୟତୀତ ନିୟମଗିରି ପର୍ବତ ଶିଖରରେ ଆଦିବାସୀମାନେ ନିୟମରାଜାଙ୍କୁ ପୂଜା କରନ୍ତି । ସମ୍ବିଧାନ ଅନୁସାରେ ଆଦିବାସୀଙ୍କ ସାଂସ୍କୃତିକ କିମ୍ବା ଧାର୍ମିକ ଅଧିକାର କାହାରିକୁ ଦିଆଯିବ ନାହିଁ ବୋଲି ମାନ୍ୟବର ସୁପ୍ରିମକୋର୍ଟ ଗୁରୁତ୍ୱ ପୂର୍ଣ୍ଣ ରାଏ ଦେଇଥିଲେ ବୋଲି ପରିବେଶବିତ ଶ୍ରୀ ସାମନ୍ତରାୟ କହିଛନ୍ତି । ବର୍ତ୍ତମାନ କମ୍ପାନୀ ଖଣି ଖନନ ପାଇଁ ପୁନର୍ବାର ଗ୍ରାମସଭା କରିବା ପାଇଁ ପ୍ରୟାସ ଆରମ୍ଭକରି ଥିବାବେଳେ ଏକ ଅଣ ସଂଗଠନ ନାଁରେ କୋଟି କୋଟି ଟଙ୍କାର ବିଜ୍ଞାପନ ଦିଆଯାଇଛି । ଏତେ ଟଙ୍କା ଉକ୍ତ ସଂଗଠନ ପାଖରେ ଆସିଲା କେଉଁଠୁ ବୋଲି ରାଜ୍ୟ ସରକାର କାହିଁକି ତଦନ୍ତ କରୁନାହାନ୍ତି ତାହା ଓଡ଼ିଶା ସରକାର ତଦନ୍ତ ପରିସରକୁ ଆଣନ୍ତୁ ବୋଲି ମତ ଦେଇଛନ୍ତି ।

ସୁପ୍ରିମକୋର୍ଟ ମେନ ପାୱାର କମିଟି ଅନୁସାରେ ୨୦୦୬ ମସିହାରେ ଜଙ୍ଗଲ ଲିଜ ନପାଇବା ପର୍ଯ୍ୟନ୍ତ ଲାଞ୍ଜିଗଡରେ ଥିବା ବେଦାନ୍ତ କମ୍ପାନୀକୁ ଦିଆଯାଇଥିବା ପରିବେଶ ମଞ୍ଜୁରୀ ବନ୍ଦ କରାଯାଉବୋଲି ।କିନ୍ତୁ ନିର୍ଦ୍ଦେଶ ଥିଲେ ମଧ୍ୟ କମ୍ପାନୀ ବନ୍ଦ ହେଲାନାହିଁ ।ଏହା ସତ୍ତ୍ୱେ ମଧ୍ୟ କମ୍ପାନୀ ପରବର୍ତ୍ତୀ ଏକ୍ସସେନସନ ଇଲିଗାଲ କରିଥିବା ଯୋଗୁଁ ଜାତୀୟ ଗ୍ରୀନ ଟ୍ରିବୁନାଲ ନିକଟରେ ପରିବେଶ ବିତ ଆବେଦନ କରିଥିଲେ ।ଏଥିପାଇଁ ଜାତୀୟ ଗ୍ରୀନ ଟ୍ରିବୁନାଲ ଇଲିଗାଲ ଯୋଗୁଁ୨୫ କୋଟି କମ୍ପାନୀକୁ ଫାଇନ କରିଥିଲା ।

ଏହି ୨୫ କୋଟି ଟଙ୍କା ଅଞ୍ଚଳରେ ଥିବା ବିଭିନ୍ନ ଜରୁରୀ କାଳୀନ ସମସ୍ୟା ଉପରେ ଖର୍ଚ୍ଚ କରିବା ପାଇଁ ପଲିସନ ବୋଡର୍‌କୁ ନିର୍ଦ୍ଦେଶ ଦିଆଯାଇଥିଲା ।ସେହି ୨୫ କୋଟି ଟଙ୍କା ଯେଉଁ ବାବଦରେ କମ୍ପାନୀ ଖର୍ଚ୍ଚ କରିଛି ଅଞ୍ଚଳବାସୀ ତାର ହିସାବ ମାଗନ୍ତୁ ବୋଲି ମତ ପ୍ରକାଶ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ଗ୍ରୀନ କଳାହାଣ୍ଡି ଅଧକ୍ଷ ତଥା ବରିଷ୍ଠ ଆଇନଜୀବୀ ସିଧାର୍ଥ ନାୟକ,ବରିଷ୍ଠ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ନାଏକ, ଲାଞ୍ଜିଗଡ ବ୍ଲକ ଗ୍ରୀନ୍ କଳାହାଣ୍ଡି ସଭାପତି କର୍ଣ୍ଣ ସାହୁ,ଲାଞ୍ଜିଗଡ ବ୍ଲକ ଯୁବ ସଭାପତି ଭାସ୍କର ଚନ୍ଦ୍ର ଚନ୍ଦନ,ବରିଷ୍ଠ କର୍ମୀ ମନୋଜ କୁମାର ରାଉତ,ଗୋବିନ୍ଦ ପ୍ରଧାନୀ,ଫକୀର ଚରଣ ବିଶି,ଟଙ୍କଧର ମାଝୀ, ପୂର୍ଣ୍ଣଚନ୍ଦ୍ର ଗଉଡ଼,ଦଶରଥ ପାତ୍ର, ଗଣେଶ ବେହେରା,ମୁଲୁ ମାଝୀ,ପ୍ରସନ୍ନ ଦଳପତି,ବାସବ ବେହେରା ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ମହୁଲ ପୋଚ ସହ ଦେଶୀ ମଦ ଜବତ

ଶଗଡା, ୨୫।୯(ସମିସ): ମନମୁଣ୍ଡା ଅବକାରୀ ବିଭାଗ ଦୁଇଟି ପୃଥକ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ମହୁଲ ପୋଚ ସହ ମଦ ଜବତ କରିଛି । ମନମୁଣ୍ଡା ଥାନା ବାଗଡ଼ିଆ ଗ୍ରାମ ନିକଟସ୍ଥ ଜଙ୍ଗଲରେ ବେଆଇନ ଭାବରେ ମଦ ପ୍ରସ୍ତୁତି ହେଉଥିବା ଖବର ପାଇ ମନମୁଣ୍ଡା ଅବକାରୀ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲା । ସେଠାରୁ ୩ଶହ କେଜି ମହୁଲ ପୋଚ ସହ ୨୦ ଲିଟର ଦେଶୀ ମଦ ଜବତ ହୋଇଥିଲା । ସେହିପରି ଅବକାରୀ ଟିମ୍ ମସିଣାପଡ଼ା ଗ୍ରା ରାସ୍ତାରୁ ଶାନ୍ତନୁ ବେହେରା ନିକଟରୁ ୧୦ ଲିଟର ମଦ ଜବତ କରିଛି । ଏ ସଂକ୍ରାନ୍ତରେ ମନମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି । ତେବେ ମଦ ମାଫିଆକୁ ନୋଟିସ୍ ଦେଇ ଛାଡି ଦିଆ ଯାଇଥିବା ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି ।

## ସାଂସଦ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

ବୌଦ୍ଧ,୨୫।୯(ସମିସ):ସ୍ଥାନୀୟ ଜିଲ୍ଲା ଷ୍ଟାଡିୟମରେ ସାଂସଦ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଛି । କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିଲେ । ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସୁନ୍ଦର ପ୍ରକାଶ ଅଗ୍ରୱାଲା ମଞ୍ଚ ପରିଚାଳନା କରିଥିଲେ । ଯୁଗଳ କିଶୋର ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦୁର୍ଗାମାଧବ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ । ୯୫୭୦ ଜଣ ଖେଳାଳି ପଞ୍ଜିକରଣ କରିଥିବା ବେଳେ ବୌଦ୍ଧ ଜିଲ୍ଲାରେ ୧୮୦୦ ଖେଳାଳି ପଞ୍ଜୀକୃତ ହୋଇଛନ୍ତି । ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ନାମ ପଞ୍ଜିକରଣ କରିବା ପାଇଁ ସମୟ ବୃଦ୍ଧି କରାଯାଇଛି । ୩ ମାସ ବ୍ୟାପି ଖେଳ ଅନୁଷ୍ଠିତ ହେବ । ଡିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଖେଳ ଅନୁଷ୍ଠିତ ହେବ ।

## ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ

ବୀରମହାରାଜପୁର,୨୫।୯(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସୁବଳୟା ଉଚ୍ଚ ମାଧମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ତଥା ସ୍ୱାଗତ ଉତ୍ସବ ପାଳିତ ହୋଇଯାଇଛି । ଅଧକ୍ଷ ରମାକାନ୍ତ ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧାପିକା ଯାମିନି ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜାତୀୟ ସେବା ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସ୍ଥାନୀୟ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧାପକ ଦେବାଶିଷ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧକ୍ଷ ଶ୍ରୀପୁରୋହିତ ତାଙ୍କର ସଭାପତିତ୍ୱ ଅଭିଭାଷଣରେ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଇତିହାସ ବିଭାଗର ଅଧାପକ ତଥା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୟ ମେଣ୍ଡିଲି ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପିକା ଅର୍ପିତା ନାୟକ, ଅଧାପକ ବିଶ୍ୱରଞ୍ଜନ ସାହୁ, ଓମ୍ କୁମାର ପ୍ରଧାନ ଯୋଗ ଦେଇଥିଲେ । ଗୋପାଳ ଭୋଇ, ଦିଲ୍ଲୀପ ମେହେର, ଚନ୍ଦନ ମେହେର, ହରିହର ସାହୁ, ଶମ୍ଭୁ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ବିଭିନ୍ନ ସ୍ଥାନରେ ଏନ୍‌ଏସ୍‌ଏସ୍ ଦିବସ




### ● ରୋତ କଲେଜ

ଲୋଇସିଂହା,୨୫।୯(ସମିସ): ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ (ବାଣୀନିକେତନ, ରୋତ)ରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆର୍ଯ୍ୟେନ୍ଦୁ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ସାଲେଭଟାର ଫରେଷ୍ଟର ଚୌଧୁରୀ ଦଳପତି, ମୁଖ୍ୟବକ୍ତା ଭାବରେ ସତ୍ୟସାଇ ସେବା ସଂଗଠନର ବିଜୟ ମିଶ୍ର, ସମ୍ମାନୀତ ଅତିଥି ଭାବରେ ପ୍ରାଧାପକ ଡକ୍ଟର ଅନ୍ତର୍ଯ୍ୟାମି ନାଏକ ଓ ପ୍ରମୋଦ ଦାଶ ମଞ୍ଚାସୀନ ଥିଲେ । ଅଧାପକ ଡକ୍ଟର ଲିଙ୍ଗରାଜ ମେହେର ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଦୈତାରି ଶବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବରୁ ଅନୁଷ୍ଠିତ ରକ୍ତଦାନ ଶିବିରର ରକ୍ତଦାତାଙ୍କୁ ପ୍ରମାଣପତ୍ର ସହ ପୁରାତନ ଛାତ୍ର ଶଶାଙ୍କ ଶେଖର ଭୋଇଙ୍କ ତରଫରୁ ଏକ ଏକ ସ୍ମାରକୀ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଯୁବ ରେଡକ୍ରସ ଓ ଏନସିସିର ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମର ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏନସିସି ଅଧିକାରୀ ଗୋପାଳ ସାହୁ, ଯୁବ ରେଡକ୍ରସର ସଂଯୋଜକ ରୁପେଶ ଷାଣ୍ଢ ସହଯୋଗ କରିଥିଲେ ।

### ● ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ କଲେଜ




ଭବାନୀପାଟଣା,୨୫।୯(ସମିସ): ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଏହାର ଲକ୍ଷ୍ୟ ଓ ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ । ଅଧକ୍ଷ୍ ପରମେଶ୍ୱର ମୁଣ୍ଡ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ବ୍ରତୀ ହୋଇ ସେବା ମନୋବୃତ୍ତି ରଖିବା ପାଇଁ ପ୍ରେରଣା ଦେଥିଲେ । ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଦାଶ ଗାନ୍ଧୀଜୀଙ୍କ ସ୍ୱପ୍ନର ଭାରତ ଓ ବିକଶିତ ଭାରତର ଲକ୍ଷ୍ୟରେ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ ।ଅଧାପକ ଶୁଭେନ୍ଦୁ କୁମାରପାଢୀ,ଶୁଶାନ୍ତ ଦାଶ ସହଯୋଗ କରିଥିଲେ ।ସମୁଦାୟ ୮୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ ।

### ● ଲୋଇସିଂହା କଲେଜ

ଲୋଇସିଂହା,୨୫।୯(ସମିସ): ଲୋଇସିଂହା କଲେଜରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି । କଲେଜ ଅଧକ୍ଷ ବିଭୁଦେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ଏନଏସଏସ ଅଧିକାରୀ ରିପନ ସାହୁ ଏନଏସଏସର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ । ଯୁକ୍ତ ତିନି ଏନଏସଏସ ଅଧିକାରୀ ଜଗମୋହନ ଦର୍ଜି ଏନଏସଏସର ଇତିହାସ ଓ ସାମ୍ପ୍ରତିକ ସମୟରେ ସମାଜସେବା କ୍ଷେତ୍ରରେ ଯୁବ ସମାଜରେ ଏକ ପ୍ରମୁଖ ଭୂମିକା ଥିବା କହିଥିଲେ । ଜିଲ୍ଲାସ୍ତରୀୟ ଲିଡରସିପ କ୍ୟାମ୍ପରେ ଯୋଗଦାନ କରିଥିବା ୧୨ ଛାତ୍ରଛାତ୍ରୀଙ୍କୁ ଅଧକ୍ଷ ପ୍ରମାଣପତ୍ର ପ୍ରଦାନ କରିଥିଲେ ।




## ‘ଲଗାମୀ ଫାଶୀ’ର ଗୀତ ସୁଟିଂ

ସଇଁତଲା,୨୫।୯(ସମିସ): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ତେଣ୍ତଲୀପାଲି ଗାଁରେ ଦଶହରା ଅବସରରେ ଲଗାମୀ ଫାଶୀର ସମ୍ବଲପୁରୀ ଗୀତ ସୁଟିଂ ଆରମ୍ଭ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧାକ୍ଷ ଗୁଣସାଗର ମାଝୀ, ସ୍ଥାନୀୟ ସରପଞ୍ଚ ଗଜପତି ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ସମିତି ସଭ୍ୟ ଉମାକାନ୍ତ ରଣା, ଲକ୍ଷେଶ୍ୱର ସାହୁ, ସନ୍ତୋଷ ବେହେରା, ଚମ୍ପୁ ସେଠ, ହେମନ୍ତ ସାହୁ, ଘୁନସର ସମବାୟ ସମିତି ସମ୍ପାଦକ ମନୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ । ଶିବାଂଶ ସାହୁଙ୍କ ନିବେଦିତ ଏହି ଗୀତରେ ରାଜୁ ନନ୍ଦ ଓ ପ୍ରିୟଦର୍ଶିନୀ ନାଥ କଣ୍ଠଦାନ କରିଛନ୍ତି । ଅଜିତ ସାହୁ ଓ ଜନକ ସେଠ ଗୀତ ରଚନା କରିଥିବା ବେଳେ ଅନନ୍ତ ବାଗ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଖୁସିରାଣୀ ସାହୁଙ୍କ ପ୍ରଯୋଜନାରେ ଏହି ଗୀତ ମୁକ୍ତି ଲାଭ କରିବାକୁ ଯାଉଛି । ମୁଖ୍ୟ ଭୂମିକାରେ ପ୍ରାଚୀ ଓ ପ୍ରେମ ଅଭିନୟ କରୁଥିବା ବେଳେ ମାହି, ମାନସୀ, ଖୁସି, ମାମୁନି, ଗୋପବନ୍ଧୁ, ରାହୁଲ, ସୁଦୟା, ଆରୀୟନ, ଏଲେକ୍ସ ସୁଜିତ ପ୍ରମୁଖ ନୃତ୍ୟ ପରିବେଷଣ କରିଛନ୍ତି । ରାମ ନାରାୟଣ ବାଗ ଓ କ୍ରିଷ୍ଣା ସୁନାଙ୍କ ନିର୍ଦ୍ଦେଶନାରେ ପ୍ରେମ ମେହେର/ଦେବାନନ୍ଦ ଚୌହାନ କୋରିଓଗ୍ରାଫି କରିଛନ୍ତି । ରାଜୀବ ସୁନା କ୍ୟାମେରାମ୍ୟାନ ଭାବେ ଦାୟିତ୍ୱ ତୁଲାଇଛନ୍ତି । ତରୁଣ ବେହେରା, ଅବିନାଶ ନନ୍ଦ ଓ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଛନ୍ତି ।



## ଜାତୀୟ ସେବା ଶିବିର ଉଦ୍‌ଯାପିତ

ମୁରିବାହାଲ,୨୫।୯ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାରେ ଥିବା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଏନଏସଏସ କୋ ୟୁନିଟ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି । ଅଧକ୍ଷ ସରୋଜ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁରିବାହାଲ ବିଡିଓ ବାସନ୍ତୀ ସେଠୀ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଶଙ୍କର ରାଉତ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଅଧାପକ ଦିଲୀପ ପଶାୟତ ଯୋଗ ଦେଇଥିଲେ । ପୂର୍ବତନ ଛାତ୍ର ତପନ ଘିବେଲାଙ୍କୁ ଏନଏସଏସ କୋ ୟୁନିଟ ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା । ଅଧାପକ ଭ୍ରୀଙ୍ଗରାଜ ରଣା ପରିଚାଳନା କରିଥିବା ବେଳେ ପ୍ରୋଗ୍ରାମ ଅଫିସର ଅଧାପକ ଛନ୍ଦାଚରଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ ।

## ବେଟି ବଚାଓ, ବେଟି ପଢାଓ କାର୍ଯ୍ୟକ୍ରମ




ବେଲପଡା,୨୫।୯ (ସମିସ): ବାଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ୍ ସମ୍ମିଳନୀ କକ୍ଷରେ ‘ବେଟି ବଚାଓ, ବେଟି ପଢାଓ’ ଏବଂ ଶିଶୁ ପାଇଁ ଦିନଟିଏ ବିଷୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସିଡିପିଓ ବିଦ୍ୟୁତପ୍ରଭା ନାଗଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବେଲପଡା ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ଅବିଡ଼ିଓ ସାରଥୀ ସାହୁ, ଅବିଇଓ ଚତୁର୍ଭୁଜ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ ।

## ଥୁଆମୁଳରାମପୁରରେ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ

ଥୁଆମୂଳରାମପୁର,୨୫।୯(ସମିସ):କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଆୟୋଜିତ ହେଇଯାଇଛି । କାର୍ଯ୍ୟକ୍ରମରେ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୋଷ କୁମାର ପଣ୍ଡା ଅଧକ୍ଷତା କରିଥିଲେ । ସାଂସଦ ପ୍ରତିନିଧି ପବିତ୍ର ନାଏକ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ରୁପେ ବରିଷ୍ଠ ବିଜେପି ନେତା ବିପିନ ବିହାରୀ ନାଏକ, ଯୁବନେତା ଆଲୋକ କୁମାର ନାଏକ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଥୁଆମୂଳରାମପୁର ଭଳି ଅଞ୍ଚଳରେ ଶବ ବାହକ ଗାଡି ଉପଲବ୍ଧ କରାଇବା ପାଇଁ ଦୀର୍ଘ ଦିନରୁ ଯେଉଁ ଦାବି ହୋଇ ଆସୁଥିଲା ତାହା ନିକଟ ଭବିଷ୍ୟତରେ ପୁରଣ ହେବ ଏବଂ ଏଥିପାଇଁ ସାଂସଦ ମାଳବିକା ଦେବୀ ମଧ ଗୁରୁତ୍ୱ ଦେଇଛନ୍ତି ବୋଲି ମୁଖ୍ୟଅତିଥି ଶ୍ରୀ ନାଏକ କହିଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଦିଲିପ କୁମାର ଦୁବେ, ଜିଲ୍ଲା ଆରବିଏସ୍‌କେ ମ୍ୟାନେଜର କୃଷ୍ଣଚନ୍ଦ୍ର ପ୍ରଧାନ, ବିପିଏମ ଦୀପକ କୁମାର ମାଝୀ ,ପିଏଚଇଓ ମମତା ସାହୁ,ଅମୂଲ୍ୟ ରଞ୍ଜନ ନାୟକ, ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।ଫାର୍ମାସିଷ୍ଟ ସୁଧାଂଶୁ ଶେଖର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

## ଆଦି କର୍ମଯୋଗୀ ଅଭିଯାନରେ ଗାଁର ୫ ବର୍ଷିଆ ଯୋଜନା କାର୍ଯ୍ୟକ୍ରମ

ଧର୍ମଗଡ଼,୨୫।୯(ସମିସ):ଧର୍ମଗଡ ବ୍ଲକ୍ ବଡବସୁଲ ଗ୍ରାମରେ ଗ୍ରାମର ସମ୍ବଳ ମାନଚିତ୍ର ଓ ଗାଁର ୫ ବର୍ଷିଆ ଯୋଜନା ତିଆରି କରାଯାଇଛି । ଆଦି କର୍ମଯୋଗୀ ଅଭିଯାନ ମାଧ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା । ବଡ଼ବସୁଲ ସରପଞ୍ଚ ମକୁନ୍ଦ ଶବରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଧର୍ମଗଡ ବ୍ଲକର ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଓ ବେସରକାରୀ ସଂସ୍ଥା କର୍ତ୍ତବ୍ୟର କର୍ମୀମାନେ ଯୋଗ ଦେଇ ଗାଁର ଜନସାଧାରଣଙ୍କୁ ସହଯୋଗ କରିଥିଲେ । ଶିକ୍ଷା ବିଭାଗରୁ ବିଶ୍ୱଜିତ ବେହେରା, କୃଷି ବିଭାଗରୁ ଦେବାଶିଷ ଚାନ୍ଦ, ଇନ୍ଦୁ ପାଣିଗ୍ରାହୀ, ଜଳ ଓ ପରିମଳ ବିଭାଗରୁ ଖ୍ରେତେନ୍ ଅମାନତ୍ୟ, ସରୋଜ ମାଝୀ, ପ୍ରାଣୀଧନ ବିଭାଗରୁ ଅଙ୍କବଳ ଦୁର୍ଗା, ଆଦିବାସୀ, ହରିଜନ ଓ ପଛୁଆ ବର୍ଗ ବିଭାଗରୁ ସୂର୍ଯ୍ୟ ନାରାୟଣ ପାଢ଼ୀ,କର୍ତ୍ତବ୍ୟ ର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପଟ୍ଟନାୟକ,ଆଲୋକ ପ୍ରଧାନ ପ୍ରମୁଖ ଯୋଗ ଦେଇ ଗାଁର ୫ବର୍ଷିଆ ଯୋଜନା ସହିତ ଗାଁର ସ୍ୱପ୍ନ ତିଆରିରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଚତୁର୍ଭୁଜ ତାଣ୍ଡି, ଦକ୍ଷ ବ୍ରହ୍ମ ଭଇଁସାଲ୍, ରାହାସ ଗୋପାଳ, କପୂର୍ଚନ ଶବର, ସନ୍ଧ୍ୟା ବିହାରୀ, ସର୍ମୀତା ପ୍ରଧାନ, ନୀରାଞ୍ଜଳି ବାଗ ପ୍ରମୁଖ ସହଯୋଗ କରିଥିଲେ ।




## ତୁଷୁରାରେ ଅଗ୍ରସେନ ମହାରାଜାଙ୍କ ଜୟନ୍ତୀ

ତୁଷୁରା,୨୫।୯ (ସମିସ): ବଲାଙ୍ଗୀର ଜିଲ୍ଲା ତୁଷୁରା ସହରସ୍ଥିତ କେଡିଆ ଭବନଠାରେ ଅଗ୍ର ବଂଶର ସିରୋମଣି ମହାରାଜା ଶ୍ରୀ ଅଗ୍ରସେନଜୀଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ଅଗ୍ରସେନ ମହାରାଜାଙ୍କ ଫଟୋଚିତ୍ରରେ ଅତିଥିବୃନ୍ଦ ଦୀପ ପ୍ରଜ୍ୱଳନ କରିବା ସହ ଅଞ୍ଜୁ ଜୈନ ଓ ସୋନମ କେଡିଆଙ୍କ ଦ୍ୱାରା ଅଗ୍ରେସନ ମହାରାଜାଙ୍କ ଆରତୀ ସଂଗୀତ ଗାନ କରାଯାଇଥିଲା । ମାରୱାଡି ସମ୍ମିଳନ ଅଧକ୍ଷ ଚନ୍ଦ୍ରଭାନ ଜୈନଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ପୂର୍ବତନ ଉତ୍କଳ ପ୍ରାନ୍ତୀୟ ମାରୱାଡି ସମ୍ମିଳନର ଅଧକ୍ଷ ଗୋବିନ୍ଦ ରାମ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବରପାଲି ମାରୱାଡି ମହିଳା ସମିତିର ଉପାଧକ୍ଷା କିରଣ ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଉତ୍କଳ ପ୍ରାନ୍ତୀୟ ମାରୱାଡି ସମ୍ମିଳନର ଉପସଭାପତି ଦୀନଦୟାଲ କେଡିଆ ଓ ବରପାଲି ମାରୱାଡି ମହିଳା ସମିତିର ଅଧକ୍ଷା ସନ୍ତୋଷ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଞ୍ଜୟ ଜୈନ ମଞ୍ଚ ପରିଚାଳନ କରିଥିବା ବେଳେ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନର ଉପସଭାପତି ଦୀନଦୟାଲ କେଡିଆ ଧନ୍ୟବାଦ ଅର୍ପଣ କରିଥିଲେ । ଆରାଧା ଅଗ୍ରୱାଲ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ ।

## ଜିଲ୍ଲା ବ୍ରହ୍ମଣ ମହାସଭାର କାର୍ଯ୍ୟକାରୀ ପରିଷଦ ବୈଠକ

ବଲାଙ୍ଗିର,୨୫।୯ (ସମିସ): ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ଜିଲ୍ଲା ବ୍ରାହ୍ମଣ ମହାସଭାର କାର୍ଯ୍ୟକାରୀ ପରିଷଦ ଓ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଉପଦେଷ୍ଟା ନୀଳମଣି ମିଶ୍ରଙ୍କ ଉପଦେଶ ଓ ସଂପାଦକ ଜୟରାମ ମିଶ୍ରଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ମହାସଭାରେ ବରିଷ୍ଠ ସଭ୍ୟ ଗୋପବନ୍ଧୁ ପୁରୋହିତ ସଭାପତିତ୍ୱ କରିଥିଲେ । ପର୍ଶୁରାମ ନାୟକ, ସଂକୀର୍ତ୍ତନ ତ୍ରିପାଠି, ଦିବାକର ହୋତା, ସିଦ୍ଧେଶ୍ୱର ପାଣିଗ୍ରାହୀ, ରାକେଶ ପଣ୍ଡା, ପଣ୍ଡିତ ସନ୍ତୋଷ ପଣ୍ଡା, ବିଧୁଭୂଷଣ ତ୍ରିପାଠି, ରମେଶ ଚନ୍ଦ୍ର ନାଥ, ରାମ ଶଙ୍କର ଶତପଥୀ, ଲୋକନାଥ ନାୟକ, କିଶୋର ମିଶ୍ର, ଗିରିଶ ଚନ୍ଦ୍ର ପଣ୍ଡା, ସନ୍ତୋଷ ତ୍ରିପାଠି, ଶିବନାରାୟଣ ରଥ, ନିହାରିକା ମିଶ୍ର, ରାଜଶ୍ରୀ ତ୍ରିପାଠି, ଅଶୋକ ପାଣ୍ଡିଆ, ସୁରେଶ ଚନ୍ଦ୍ର ନାଥ, ରଂଜିତା ପାଣିଗ୍ରାହୀ, ରାଜେନ୍ଦ୍ର ମିଶ୍ର, ଜଗଦୀଶ ପ୍ରସାଦ ନାଥ, ନରେନ୍ଦ୍ର ଆ.ର୍ଯ୍ୟ, ପ୍ରାଣବଲ୍ଲଭ ତ୍ରିପାଠି, ଜଗଦା ପଣ୍ଡା, ପୁରୁଷୋତ୍ତମ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସାମାନ୍ୟ ବର୍ଷା ହେଲେ ବ୍ରିଜ୍ ଉପରେ ଆଣ୍ଠୁଏ ପାଣି



ବିନିକା,୨୫।୯(ସମିସ): ସାମାନ୍ୟ ବର୍ଷା ହେଲେ ବ୍ରିଜ ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି । ଏହା ଫଳରେ ଯିବା ଆସିବାରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିନିକା ଏନଏସି ଅଧୀନ ଗୁଲାପଡ଼ା ଗ୍ରାମରେ ଏହା ଦେଖିବାକୁ ମିଳିଛି । ମୁଖ୍ୟ ରାସ୍ତାରୁ ଯୋଗେଶ୍ୱର ମନ୍ଦିର ଦେଇ ଏହି ଗାଁକୁ ଗଲେ ଏକ ବ୍ରିଜ ରହିଛି । ସାମାନ୍ୟ ବର୍ଷା ହେଲେ ଅଥବା ଯଦି ମହାନଦୀରେ ବନ୍ୟା ପାଣି ପ୍ରବାହିତ ହୁଏ ତେବେ ଏହି ବ୍ରିଜ ଉପରେ ପାଣି ପ୍ରବାହିତ ହୁଏ । ଏହାଫଳରେ ଲୋକେ ଯା ଆସ କରି ନ ପାରି ବେଲପଡ଼ା ଛକ ଦେଇ ବୁଲିବାକୁ ପଡେ । ଏହି ସମସ୍ୟା ଆଜିର ନୁହେଁ । ଏହା ଦୀର୍ଘ ବର୍ଷ ହେଲା ଲାଗି ରହିଛି; ହେଲେ ଉଚ୍ଚ ପୋଲଟିଏ ନିର୍ମାଣ ହୋଇ ପାରୁନାହିଁ । ଗ୍ରାମବାସୀ ଦାବି କରି ଆସୁଥିଲେ ମଧ୍ୟ ଏଥିପ୍ରତି ନା ପ୍ରଶାସନ ଶୁଣୁଛି ନା ରାଜନେତା ଶୁଣୁଛନ୍ତି । କେହି ବି ଦୃଷ୍ଟି ଦେଉନାହାନ୍ତି । ଏହାଫଳରେ ବର୍ଷା ଦିନ ଆସିଲେ ଗ୍ରାମବାସୀଙ୍କୁ ଯିବା ଆସିବା ନେଇ ସମସ୍ୟା ଭୋଗିବାକୁ ପଡ଼ିଥାଏ ।

# ସାମାନ୍ୟ ବର୍ଷାରେ ଗାଁ ଦାଣ୍ଡରେ କୃତ୍ରିମ ପୋଖରୀ

ଶଗଡ଼ା,୨୫।୯(ସମିସ)



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୁଡଭେଲି ପଦର ଗ୍ରାମରେ ସାମାନ୍ୟ ବର୍ଷାରେ ଗାଁ ଦାଣ୍ଡରେ କୃତ୍ରିମ ପୋଖରୀ ସୃଷ୍ଟି ହେଉଛି । ୭ ଟି ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ପାଖାପାଖି ୩ ହଜାରରୁ ଅଧିକ ଲୋକ ବସବାସ କରନ୍ତି । ବାନ୍ଧ କାରିଗରୀ ସହ ଚଳଚ୍ଚିତ୍ର କ୍ଷେତ୍ରରେ ଏହି ଗ୍ରାମର ପ୍ରତିଭାବାନ ବ୍ୟକ୍ତି ରାଜ୍ୟ ତଥା ଦେଶରେ ଗ୍ରାମର ନାମକୁ ପରିଚିତ କରିଛନ୍ତି; ହେଲେ ପଞ୍ଚାୟତ ସଦର ମହକୁମାର ମୁଖ୍ୟ ରାସ୍ତାର ଅବସ୍ଥା ନ କହିବା ଭଲ । ଦୀର୍ଘ ବର୍ଷ ହେବ ଗ୍ରାମର ରାସ୍ତା ମରାମତି ହୋଇ ନ ଥିବାରୁ ଅନେକ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ରାସ୍ତା ସଂପୂର୍ଣ୍ଣ ନଷ୍ଟ ହୋଇଗଲାଣି । ଗତ କିଛି ମାସ ପୂର୍ବେ ଗ୍ରାମର କେତେକାଂଶରେ କଂକ୍ରିଟ କରାଯାଇଥିଲେ ସୁଦ୍ଧା କଂକ୍ରିଟ ବର୍ତ୍ତମାନ ମାଟିରେ ମିଶି ଗଲାଣି । ଗ୍ରାମ୍ୟ ରାସ୍ତା କେବଳ ବର୍ଷା ଦିନ ନୁହେଁ; ପ୍ରାୟ ସବୁ ଦିନ ପାଣି କାଦୁଅରେ ଭର୍ତ୍ତି ହୋଇଥାଏ । ଗ୍ରାମରେ ପାନୀୟ ଜଳ ପାଇଁ ଲାଗିଥିବା ଷ୍ଟାଣ୍ଡପୋଷ୍ଟ ଗୁଡିକର ଅନେକ ସ୍ଥାନରେ ଟ୍ୟାପ୍ ଭାଙ୍ଗି ଯାଇଥିବା ବେଳେ ସ୍ଥାନୀୟ ଜନପ୍ରତିନିଧିଙ୍କ ଅବହେଳା ଯୋଗୁଁ ଟ୍ୟାପ୍ ଲଗାଯାଇ ନ ଥିବାରୁ ପାଣି ଅନବରତ ନିର୍ଗତ ହୋଇ ରାସ୍ତା କାଦୁଅ ହୋଇଯାଉଛି । ସାମାନ୍ୟ ବର୍ଷା ହେଲେ ଗ୍ରାମର ମୁଖ୍ୟ ରାସ୍ତାଟି ଅନେକ ଛୋଟ ବଡ଼ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରେ । ଦୈନନ୍ଦିନ ଶହ ଶହ ଲୋକ ଓ ଗାଡି ମୋଟର ଏହି ରାସ୍ତାରେ ଅତ୍ୟନ୍ତ ଦହନୀୟ ଅବସ୍ଥାରେ ଯିବା ଆସିବା କରିଥାନ୍ତି । ପ୍ରତ୍ୟହ ଶହ ଶହ ସ୍କୁଲ ପିଲା ଯିବା ଆସିବା କରିବା ସମୟରେ ଅନେକ ଛୋଟ ମୋଟ ଦୁର୍ଘଟଣା ଘଟିବା ସହ ଅନେକ କାଦୁଅ ପାଣିରେ ପଡି ବହି ବସ୍ତାନି, ପ୍ୟାଣ୍ଟ ପ୍ୟାଣ୍ଟ ସାର୍ଟ ସହ ଖଣ୍ଡିଆ ଖାବରା ମଧ ହେବାର ନଜିର ରହିଛି । ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ବର୍ଷା ପାଣି ଜମି ରହିଥିବାରୁ ଏହି ପାଣି ଉପର ଦେଇ ପିଲାମାନେ ସ୍କୁଲ ଯାଇଥାନ୍ତି । ଗ୍ରାମର ଅନେକ ସ୍ଥାନରେ ଏଭଳି ଖାଲଖମା ହୋଇ ପାଣି ଜମି ରହିଥିବାରୁ ଲୋକେ ଘରୁ ବାହାରିଲେ କାଦୁଅ ପାଣି ସହ ଅସ୍ୱାସ୍ଥ୍ୟକର ପରିବେଶରେ ଯାତାୟତ କରିବା ଯୋଗୁଁ ଅନେକ ଚର୍ମ ରୋଗ ସହ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି । ରାସ୍ତା ସମସ୍ୟା ନେଇ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଡ଼ିଓ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନ ଥିବା ପ୍ରକାଶ କରିଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ

# ଝାରସୁଗୁଡ଼ାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତୁତି ସମୀକ୍ଷା



ଝାରସୁଗୁଡ଼ା,୨୫।୯(ସମିସ): ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତର ଅବ୍ୟବହିତ ପୂର୍ବରୁ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାରସୁଗୁଡ଼ା ଗସ୍ତ କରିଛନ୍ତି। ସ୍ୱତନ୍ତ୍ର ବିମାନ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ବିମାନବନ୍ଦରରେ ଅବତରଣ ପରେ ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହାପରେ ଝାରସୁଗୁଡ଼ା ଜିଲ୍ଲା ବିଜେପି କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀ ସେଠାରେ ଦଳୀୟ ନେତୃବୃନ୍ଦଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଗସ୍ତଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟମନ୍ତ୍ରୀ ଅଂଶଗ୍ରହଣ କରିଥିଲେ। ଏହାପରେ ସେ ଅମଲୀପାଲି ସ୍ଥିତ ସଭା ସ୍ଥଳରେ ପହଞ୍ଚି କାର୍ଯ୍ୟ ତଦାରଖ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଗତ ୩ ଦିନ ହେବ ରାଜ୍ୟସ୍ତରୀୟ ଅଧିକାରୀ ଓ ମନ୍ତ୍ରୀଙ୍କ ଝାରସୁଗୁଡ଼ାରେ ସମୀକ୍ଷା ଚାଲିଛି। ତେବେ ଗୁରୁବାର ଖୋଦ ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ାକୁ ଆସି ସମୀକ୍ଷା କରିଛନ୍ତି। ୨୭ ତାରିଖରେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ଗସ୍ତରେ ଆସିବେ ଏବଂ ଅମଲୀପାଲିସ୍ଥିତ ପଡ଼ିଆରେ ଆୟୋଜିତ ସଭାକୁ ସମ୍ବୋଧିତ କରିବେ। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକାଧିକ ପ୍ରକଳ୍ପର ଲୋକାର୍ପଣ, ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଓଡ଼ିଶାବାସୀଙ୍କ ପାଇଁ ମଧ୍ୟ ଅନେକ ପ୍ରକଳ୍ପ ସାମିଲ ରହିଛି।

ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ାରେ ସମୀକ୍ଷା ପୂର୍ବରୁ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସଭାସ୍ଥଳରେ ପହଞ୍ଚି ସୁରକ୍ଷା ସମ୍ବନ୍ଧୀୟ ସମୀକ୍ଷା କରିଥିଲେ। ବିମାନବନ୍ଦରରୁ ନେଇ ସଭାସ୍ଥଳ ଯାଏଁ ସୁରକ୍ଷା ବ୍ୟବସ୍ଥା କିଭଳି ରହିବ, କେଉଁଠି କ୍ୟାମେରା ଲାଗିବ, କେଉଁଠି ସଭାକୁ ଆସୁଥିବା ଲୋକଙ୍କ ଯାଞ୍ଚ୍ ହେବ ସେନେଇ ଡିଜିପି ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବେଳେ ଏଡିଜି ଆଇନ ଶୃଙ୍ଖଳା ସନ୍ତୋଷ ବାର୍ଲା, ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ, ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ, ଝାରସୁଗୁଡ଼ା ଏସପିଜି ଆର ରାଘବେନ୍ଦ୍ର, ବରଗଡ଼ ଏସପି ପ୍ରହ୍ଲାଦ ସହାୟ ମୀନା, ସୋନପୁର ଏସପି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀରବି ନାଏକ, ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସାଂସଦ ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ ସିଂ ତୋମାର, ସଂଗଠନ ସମ୍ପାଦକ ମାନସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା ବୈଠକ



ଝାରସୁଗୁଡ଼ା: ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ନେଇ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକ ଆରପି କୁଚେ, ପୁଲିସ ଏଡିଜି ସନ୍ତୋଷ ବାଲା, ଆଇଜି ହିମାଂଶୁ ଲାଲ, ଆରଡିସି ସଚିନ ରାମଚନ୍ଦ୍ର ଯାଦବ, ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ଉପଲକ୍ଷେ ସମସ୍ତ ଆୟୋଜନ କିଭଳି ଭାବେ ସମ୍ପାଦିତ ହେବ ସେ ବିଷୟରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକ ଶେଷରେ ଆରଡିସି ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଜି ଅପରାହ୍ଣରେ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଏସ୍‌ପିଜି ଆଇଜିଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଅନ୍ୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଇଜି, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଡିଏଫଓ, ଏସ୍‌ପିଜିର ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପାର୍ବଣର ଆଗମନ, କାଶତଣ୍ଡୀରେ ସଜେଇ ହୋଇଛି ପ୍ରକୃତିରାଣୀ



ପଦ୍ମପୁର,୨୫।୯(ସମିସ): କାଶତଣ୍ଡି ଫୁଲ ଶରତ ଋତୁରେ ପ୍ରକୃତିର ଅଦ୍ୱିତୀୟ ସୃଷ୍ଟି। ଶରତର ଆଗମନ ପରେ ଏବେ ସବୁଠି କାଶତଣ୍ଡିର ସମ୍ଭାର ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳର ରାସ୍ତାକଡ ହେଉ କି ନଈପଠା, ଏପରିକି ବିଲହିଡରେ ମଧ୍ୟ କାଶତଣ୍ଡି ଶୋଭା ପାଉଛି। ସତେ ଯେମିତି କାଶତଣ୍ଡି ଜଗତଜନନୀ ମାଁ ଦୁର୍ଗାଙ୍କ ଆଗମନକୁ ଚାହିଁ ରହିଛି। ଆଉ ପ୍ରକୃତିର ଏହିରୂପ ସମସ୍ତଙ୍କୁ ଆନମନା କରିଛି। ପାର୍ବଣ ଋତୁ ଆସି ପହଞ୍ଚିଲାଣି, ଆଉ କିଛିଦିନ ପରେ ଧରାବତରଣ କରିବେ ଜଗତଜନନୀ ମାଁ ଦୁର୍ଗା। ମାଁଙ୍କୁ ସ୍ୱାଗତ କରିବାକୁ ବାହୁ ମେଲାଇ ବସିଛି କାଶତଣ୍ଡି ଫୁଲ। ବିଲବାଡି, ନଈପଠା ଓ ରାସ୍ତାଘାଟ ସବୁଠି ପସରା ମେଲୁଛି କାଶତଣ୍ଡିର। ସୁଲୁସୁଲିଆ ପବନରେ ଦୋହଲୁଥିବା କାଶତଣ୍ଡିକୁ ଦେଖି କ୍ଷଣିକ ପାଇଁ ଲୋକେ ଅଟକି ଯାଉଛନ୍ତି। ଅନ୍ୟପକ୍ଷରେ କବି ମନ ଉଚ୍ଛନ୍ନ ହେଉଛି। ସେ ନିଜ କବିତା ମାଧ୍ୟମରେ ପ୍ରକୃତିରାଣୀର ଅପୂର୍ବ ଶୋଭାରାଜି ବର୍ଣ୍ଣନା କରୁଛି। ଏହି କଥା ସତ ଯେ, କାଶତଣ୍ଡି ଫୁଲର ମହକ ନାହିଁ; କିନ୍ତୁ ଏହାର ଅପରୂପ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ବିମୋହିତ କରିଥାଏ। ଏହି ଫୁଲ ଓଡ଼ିଆ ସଂସ୍କୃତି ସହ ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡିତ। ବିଶେଷ କରି ରେଖାପଞ୍ଚମୀରେ କାଶତଣ୍ଡି ଫୁଲଗୁଚ୍ଛକୁ କବାଟରେ ବାନ୍ଧି ପୂଜା କରାଯାଏ। ତେବେ ଏହା ହିଁ ଲାସ୍ୟମୟୀ ପ୍ରକୃତିର ଜନସମାଜ ପ୍ରତି ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ।

## ରେଳଷ୍ଟେସନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



ଝାରସୁଗୁଡ଼ା,୨୫।୯(ସମିସ): ଦକ୍ଷିଣ ପୂର୍ବ ହାଓଡା ବମ୍ବେ ମୁଖ୍ୟ ରେଳପଥ ଜଙ୍କସନ ଝାରସୁଗୁଡ଼ା ରେଳୱେ ଷ୍ଟେସନରେ ଚକ୍ରଧରପୁର ଡିଭଏନ ଏଡଏମ ପିକେ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗୁରବାର ଏକ ଦିନ ଏକ ଘଣ୍ଟା ସ୍ୱଚ୍ଛତା ସେବା କାର୍ଯ୍ୟକ୍ରମ ରେଳବିଭାଗୀୟ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ରାଜେଶ ଓ ମୁଖ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକ ଶ୍ୟାମସୁନ୍ଦର ରାଓଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଛି। ଏଥିରେ ଝାରସୁଗୁଡ଼ାର ରେଳଷ୍ଟେସନର ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଏମକେ ବେହୁରା, ରେଳବିଭାଗୀୟ ଚିଫ୍ କମରସିଆଲ ଇନସ୍ପେକ୍ଟର ଚନ୍ଦନ ମିଶ୍ରଙ୍କ ସମେତ ଅନେକ ଅଧିକାରୀ ଓ କର୍ମଚାରୀ ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ ଥିଲେ।

## ବିଶ୍ୱ ଜଳାତଙ୍କ ଦିବସ ସଚେତନତା

ଦେବଗଡ଼,୨୫।୯(ସମିସ): ବାଲିରୋଇ ସ୍ଥିତ କୃଷି ବିଭାଗ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଡ.ବିଜୟ ପାତ୍ରଙ୍କ ଆବାହକତ୍ୱରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ସଞ୍ଜୟ ପାତ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ବଂଶୀଧର ପାତ୍ର, ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରା ଯୋଗଦେଇ ବିଶ୍ୱ ଜଳାତଙ୍କ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସଚେତନତା କାର୍ଯ୍ୟକ୍ରମ ବୈଠକରେ ଜଳତାଙ୍କରୋଗ କୁ କିପରି ପ୍ରତିରୋଧ କରାଯାଇ ପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଡିପିଏମଓଏଲଏମ ଶିଶିର ଷଡଙ୍ଗୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଡେପୁଟି ସିଓ ଓରମାସ ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୁରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ବିଭିନ୍ନ ବିଭାଗ ଅଧିକାରୀ ଓ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ତାଲିମ ସଂଯୋଜକ ଡ.ପ୍ରଣତି ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଓ ତିଲେଇବଣି ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନିଶି ସ୍ୱପ୍ନା ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ଝାରସୁଗୁଡ଼ା,୨୫।୯(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ଗୁରୁବାର କୋଲାବିରା ବ୍ଲକ୍ ଅଧୀନ କୁଲିହାମାଳ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପ୍ରବାସୀ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଏବଂ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, କୋଲାବିରା ସହକାରୀ ଶ୍ରମ ଅଧିକାରୀ ଦେବାଶିଷ ତରାଇ ଏବଂ ସ୍ଥାନୀୟ ସରପଞ୍ଚ ବିନୋଦିନୀ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧିକରଣର ପାରା ଲିଗାଲ ସ୍ୱେଚ୍ଛାସେବୀ, ସ୍ଥାନୀୟ ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ଶ୍ରମିକ ମାନେ ବହୁଳ ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବିଜେପୁର ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ସେବା ଶିବିର

ବିଜେପୁର,୨୫।୯(ସମିସ): ବରଗଡ଼ ଜିଲ୍ଲା ବିଜେପୁର ମହାବିଦ୍ୟାଳୟ ପରିସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଜେପୁର ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଡିପିଏଚଓ ଭିବିଡି ଡ.ଶ୍ରୀକୃଷ୍ଣ ବଲ୍ଲଭ ମହାନ୍ତି, ଦନ୍ତରୋଗ ବିଶେଷଜ୍ଞ ଡ.ଆଶିଷ ପଣ୍ଡା, ସ୍ତ୍ରୀ ଓ ପ୍ରସୂତିରୋଗ ବିଶେଷଜ୍ଞ ଡ.ପୂର୍ଣ୍ଣ ଶଙ୍କର ମେହେର, ଶିଶୁରୋଗ ବିଶେଷଜ୍ଞ ଡ.ଅମିତ ଭୋଇ, ଜେନେରାଲ ଓପିଡି ଡ.ସୋନାଲି ମେହେର ଏବଂ ଡ.ସୁଦିପ୍ତ ପ୍ରଧାନ, ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ସୁଶାନ୍ତ ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ମିଶ୍ର, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ରୁଦ୍ରଦେବ ଡନସନା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହାପରେ ଡାକ୍ତର ମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବହୁ ସଂଖ୍ୟାରେ ରୋଗୀଙ୍କ ସମାଗମ ହୋଇଥିଲା। ୟୁଥ୍ ରେଡକ୍ରସ, ଏନଏସଏସ ଓ ଏନସିସି ବିଭାଗର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନେ ରୋଗୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ, ବ୍ଲକ୍‌ସ୍ତରୀୟ ଆଶା ସମୂହ, ଅଙ୍ଗନବାଡି କର୍ମୀ ସହଯୋଗ କରିଥିଲେ। ଶିବିରରେ ସମୁଦାୟ ୧୫୪ ଜଣ ଛାତ୍ରଛାତ୍ରୀ ଟିଡି ଭ୍ୟାକ୍ସିନ ପାଇଥିବା ବେଳେ, ବିଭିନ୍ନ ବିଭାଗର ବିଶେଷଜ୍ଞ ମାନଙ୍କ ପାଖରେ ୫୬୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା।

## ବ୍ରଜରାଜନଗର ମହାବିଦ୍ୟାଳୟରେ ଜାତୀୟ ସେବା ଦିବସ

ଝାରସୁଗୁଡ଼ା,୨୫।୯(ସମିସ): ବ୍ରଜରାଜନଗର ମହାବିଦ୍ୟାଳୟ ସଭାଗୃହରେ ଅଧ୍ୟକ୍ଷ ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଉପଦେଷ୍ଟା ବିକ୍ରମ ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ଜାତୀୟ ସେବା ଯୋଜନାର ଉଦ୍ଦେଶ୍ୟ ଓ ମହନୀୟତା ବିଷୟରେ କହିଥିଲେ। ଉପଦେଷ୍ଟା ବିକ୍ରମ ପଧାନ, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଲଳିତା ପ୍ରଧାନ ବକ୍ତବ୍ୟ ରଖିଥିଲେ। ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ଡ.ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ପ୍ରେମ ସାଗର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଏନ୍‌ଏସଏସ ପ୍ରୋଗ୍ରାମ ଅଫିସର ଲୁଗୁ ଚରଣ ମାରାଣ୍ଡି ତଦାରଖ କରିଥିଲେ। ସମାରୋହରେ ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀକର ଭୋଇ, ଅନୁପ ଗ୍ଲସନ୍ ଲାକ୍ରା, ଦୀପିକା କେରକେଟା, ହରିଶ ଭଟ୍ଟର, ଶିବା ତ୍ରିବେଦୀ ତଥା ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ମହିଳା ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର



ବରଗଡ଼,୨୫।୯(ସମିସ): ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଲୋକ ସାହିତ୍ୟ ଆଧାରିତ ଏକ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ଡ.ପୁଷ୍ପାଞ୍ଜଳି ପ୍ରଧାନଙ୍କ ସଭାପତିତ୍ୱ ଓ ବିଭାଗୀୟ ମୁଖ୍ୟ ଡ.ସଂଘମିତ୍ରା ମିଶ୍ରଙ୍କ ପରିଚାଳନାରେ ଆଲୋଚନା ଚକ୍ରର ପ୍ରଥମ ଅଧିବେସନ ହୋଇଥିଲା। ଯୁକ୍ତ ତିନି ଶେଷବର୍ଷର ଛାତ୍ରୀ ମୋନାଲିସା ସାହୁଙ୍କ ପ୍ରବନ୍ଧ ଥିଲା 'ଭୁଖା ନାଟକରେ ବଜନିୟାଁ ଜନ ଜାତିର ସଂଘର୍ଷ' ଉପରେ ଆଲୋଚନା ହୋଇଥିଲା। ବିଶିଷ୍ଟ ନାଟ୍ୟକାର କେଶରଞ୍ଜନ ପ୍ରଧାନ ଏହା ଉପରେ ଆଲୋକପାତ କରିଥିଲେ। ସେହିପରି ୨ୟ ପ୍ରବନ୍ଧ 'ସମ୍ବଲପୁରୀ ଲୋକଗୀତରେ ନାରୀ ଜୀବନର ଚିତ୍ର' ଉପସ୍ଥାପନ କରିଥିଲେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ରୀ ଲୋପାମୁଦ୍ରା ପାଣିଗ୍ରାହୀ। ଏହାର ଆଲୋଚକ ଭାବେ ଟ୍ରଷ୍ଟ ଫଣ୍ଡ କଲେଜର ଅଧ୍ୟକ୍ଷ ଡ.ସରୋଜ ଦେବତା ଉପସ୍ଥିତ ଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପିକା ଚୁଳମୁକ୍ତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସ୍ନାତକୋତ୍ତର ଓ ସ୍ନାତକ ନବାଗତା ଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଥିଲା। ଡ.ଲକ୍ଷ୍ମୀକାନ୍ତ ସାହୁଙ୍କ ସହଯୋଗିତାରେ ଭୁଖା ନାଟକର ସଂଗୀତ ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ପ୍ରଭାସିନି ସାହୁ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।

## ଶିକ୍ଷାନୁଷ୍ଠାନରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

### ● ବରପାଲି ମହାବିଦ୍ୟାଳୟ

ବରପାଲି,୨୫।୯(ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବୁଧବାର ଉଦ୍ଭିଦ ବିଜ୍ଞାନ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଡମିନିଷ୍ଟ୍ରେଟିଭ୍ ବର୍ସାର ପ୍ରାଧ୍ୟାପକ ସୁଶୀଳ ଶତପଥୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଯୁଗ୍ମ ସେମିନାର ସଚିବ ରିତିକ ସାହୁ ବୈଠକରେ ସଭାପତିତ୍ୱ କରିଥିଲେ। +୩ ଦ୍ୱିତୀୟ ବର୍ଷ କରିସ୍ମା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଝାରବନ୍ଧ ଡିଗ୍ରୀ କଲେଜ

ଝାରବନ୍ଧ: ଚଳିତ ବର୍ଷ ନୂତନ ଭାବେ ନାମ ଲେଖାଇ ଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଝାରବନ୍ଧ ଡିଗ୍ରୀ କଲେଜରେ ପାଳିତ ହୋଇଯାଇଛି। ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ସିନିଅର ଛାତ୍ରଛାତ୍ରୀ ଫୁଲ, ଚନ୍ଦନ ଓ ସଙ୍ଗୀତ ମାଧ୍ୟମରେ ସ୍ୱାଗତ କରିଥିଲେ। ସଭାରେ ଅଧ୍ୟାପିକା ଯାଜ୍ଞସେନୀ ନାୟକ, ଅଧ୍ୟାପକ ସାତ୍ତ୍ୱିକ ସାହୁ, ନବୀନ ମେହେର, ଗଗନ ବିହାରୀ ଦନଶନା, ରଶ୍ମି ମହାଲିଂ, ରିତାଞ୍ଜଳୀ ଗୁରୁ, ରୁକ୍ମଣୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ରିଙ୍କୁ ପ୍ରଧାନ ସୌରବ ବାରିକ, ମିଳେନ୍ଦ୍ର ବାଗ, ମୁରାରୀ ଦୀପ, ରଞ୍ଜନ ମାଝୀ, ଭାଗ୍ୟବାନ ସାହୁ, ସୁମିତ ପଟେଲ, ଯୋଗେନ୍ଦ୍ର ମହାପାତ୍ର, ପ୍ରିତମ ସାହୁ ଯୋଗେଶ ସାହୁ ପ୍ରମୁଖ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ।

### ଅଞ୍ଚଳ ମହାବିଦ୍ୟାଳୟ

ପଦ୍ମପୁର: ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର ସ୍ନାତକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗଦ୍ୱାରା ନବାଗତ ଛାତ୍ରଛାତ୍ରୀ ଏବଂ ନୂତନ ଭାବେ ଯୋଗ ଦେଇଥିବା ଅଧ୍ୟାପକ ନିର୍ମଳ କୁମ୍ଭାରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱ ତଥା ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ପୂର୍ଣ୍ଣିମା ଦୋରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ଛାତ୍ରୀ ଗୀତାଞ୍ଜଳୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛତୁ ତୋଳିବାକୁ ଯାଇଥିବା ବୃଦ୍ଧଙ୍କୁ ଦଳିଦେଲା ହାତୀ

ଦେବଗଡ,୨୫।୯(ସମିସ): ଦେବଗଡ଼ ବନଖଣ୍ଡ ବାରକୋଟ ବନାଞ୍ଚଳ ଠିଆନାଳ ସେକ୍ସନ ଅଧୀନ ବୁଢ଼ାଖମଣ ଗାଁରେ ଛତୁ ତୋଳିବାକୁ ଜଙ୍ଗଲକୁ ଯାଇଥିବା ବେଳେ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ବୁଢ଼ାଖମଣ ଗାଁର ବାଣେଶ୍ୱର ବେହେରା (୭୨) ବୋଲି ଜଣାପଡିଛି। ବାଣେଶ୍ୱର ଆଜି ସକାଳେ ପାଖ ଜଙ୍ଗଲକୁ ଛତୁ ଖୋଜିବାକୁ ଯାଇଥିବା ବେଳେ ଦନ୍ତା ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ବାସିନ୍ଦାଙ୍କ ସହିତ ପରିବାର ଲୋକେ ଜଙ୍ଗଲ ଭିତରୁ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ବଙ୍ଗପରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ବାରକୋଟ ବନ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କିଛିଦିନ ହେବ ଅଞ୍ଚଳରେ ହାତୀ ପଲ ଫସଲ ନଷ୍ଟ କରୁଛନ୍ତି। ହାତୀ ଆକ୍ରମଣରେ ବୃଦ୍ଧଙ୍କର ମୃତ୍ୟୁ ପରେ ଗାଁରେ ଉତ୍ତେଜନା ଦେଖା ଦେଇଥିଲା। ବନ ବିଭାଗର କର୍ମଚାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବିଦ୍ୟାଳୟର ସୁରକ୍ଷା ଓ ନିରାପତ୍ତା ସହ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ତାଲିମ

ବରଗଡ଼,୨୫।୯(ସମିସ): ବରଗଡ଼ ଜିଲ୍ଲା ସଦରମହକୁମାରେ ଅବସ୍ଥିତ ପିଏମଶ୍ରୀ ବାଳିକା ହାଇସ୍କୁଲ ବରଗଡ଼ରେ ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ ହୋଇଯାଇଛି। ଏହି ପର୍ଯ୍ୟାୟର ତୃତୀୟ ଦିବସରେ ଝାରବନ୍ଧ ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭମ୍ ପତି ପ୍ରଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟରେ ଅନ୍ତର୍ନିବେଶୀ ଶିକ୍ଷା ଓ ସମତା ଏବଂ ନୋଟିଂ ଓ ଡ୍ରାଫ୍ଟିଂ କରିବା ପଦ୍ଧତି ସମ୍ବନ୍ଧରେ ତାଲିମ୍ ପ୍ରଦାନ କରିଥିଲେ। ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚନା କରିଥିଲେ। ପଣ୍ଡକିପାଲି ହାଇସ୍କୁଲର ଶିକ୍ଷକ ପୁରୁଷୋତ୍ତମ୍ ବିଶି ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବରଗଡ଼ର ବରିଷ୍ଠ ପ୍ରଶିକ୍ଷକ ବେଣୁଧର ବରିହା ବିଦ୍ୟାଳୟ ବିକାଶ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ପେଡାଗୋଜି କୋର୍ଡିନେଟର୍ ପୁଷ୍ପାଞ୍ଜଳି ଦାଶ ତାଲିମ୍ ବିଷୟ ବସ୍ତୁ ଉପରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିଥିଲେ। ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦକ୍ଷତା ବୃଦ୍ଧି ଓ ନେତୃତ୍ୱ ବିକାଶ ନିମନ୍ତେ ଆୟୋଜିତ ଏହି ତାଲିମ୍ ଶିବିରରେ ବିଜେପୁର ବ୍ଲକ୍ ଓ ସୋହେଲା ବ୍ଲକ୍‌ର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

## ବୋଲେରୋ ସହ ୬ କେଜି ଗଞ୍ଜେଇ ଜବତ

### ସନ୍ଦେହ ଘେରରେ ଅବକାରୀ ଅଧିକାରୀ



ଦେବଗଡ଼,୨୫।୯(ସମିସ): ରିଆମାଳ ପଟୁ ଦେବଗଡ଼ ଅଭିମୁଖେ ଏକ ବୋଲେରୋରେ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ସୂଚନା ପାଇ ଗୁରୁବାର ସକାଳୁ ଅବକାରୀ ଅଧିକ୍ଷିକା ବାସନ୍ତୀପ୍ରଭା ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ ୫୩ ନମ୍ବର ଜାତୀୟ ରାଜପଥ ଚିକିଣିଘାଟି ଠାରେ ଛକି ରହିଥିଲେ। ବୋଲେରୋଟି ଉକ୍ତ ରାସ୍ତାରେ ଆସିବା ମାତ୍ରେ ଅବକାରୀ ବିଭାଗ କର୍ମଚାରୀ ମାନେ ଗାଡିର ଯାଞ୍ଚ କରିଥିଲେ। ଏଥିରେ ଗାଡିରୁ ଏକ ବସ୍ତାରେ ୬ କେଜି ଓଜନର ଗଞ୍ଜେଇ ଜବତ କରିଥିଲେ। ତେବେ ଏହି ସମୟରେ ବୋଲେରୋ ଗାଡି ଚାଳକ ଓ ଅନ୍ୟ ଜଣେ ଅଭିଯୁକ୍ତ ଅବକାରୀ କର୍ମଚାରୀଙ୍କ ଅବହେଳାର ସୁଯୋଗରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଫଳରେ ଅବକାରୀ କର୍ମଚାରୀ ମାନେ ଅଟକ ବୋଲେରୋ ଓ ୬ କେଜି ଗଞ୍ଜେଇ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଫେରାର ଅଭିଯୁକ୍ତ ଜଣକ ରିଆମାଳ ଥାନା ଗୁଣ୍ଡିଆପାଲି ଗାଁର ଉପେନ୍ଦ୍ର ପ୍ରଧାନ ବୋଲି ସୂଚନା ମିଳିଛି। ତେବେ ପୂର୍ବ ସୂଚନା ପାଇ ବେଆଇନ ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ ପାଇଁ ଯାଇଥିବା ବିଭାଗୀୟ ଅଧିକାରୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ବିନା ଘଟଣାସ୍ଥଳରୁ ଜିଲ୍ଲା ଅବକାରୀ କାର୍ଯ୍ୟାଳୟକୁ କିପରି ଜବତ ଗଞ୍ଜେଇ ଆଣିଲେ ବୋଲି ପ୍ରଶ୍ନ ଉଠିଛି। ଯଦି ଚଢ଼ଉ ପାଇଁ ଜଙ୍ଗଲିଆ ଘାଟିରାସ୍ତାକୁ ବାଛିଲେ ତେବେ ପର୍ଯ୍ୟାପ୍ତ କର୍ମଚାରୀ ନଥିଲେ କାହିଁକି ଏବଂ ଯଦି ଥିଲେ ତେବେ ସ୍ୱଷ୍ଟ ଦିବାଲୋକରେ ଅଭିଯୁକ୍ତ ମାନେ ଫେରାର ହେଲେ କିପରି ବୋଲି ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ଜବତ ଗଞ୍ଜେଇ ପରିମାଣକୁ ନେଇ ସାଧାରଣରେ ଅବକାରୀ କର୍ମଚାରୀଙ୍କ ଭୂମିକା ଉପରେ ସନ୍ଦେହ ପ୍ରକାଶ ପାଉଛି।

## ନୂଆପଡ଼ାରେ ବିରଳ ମେରୁଦଣ୍ଡ ଅପରେସନ

# ଦୀର୍ଘ ଅଢେଇ ଘଣ୍ଟାର ସଫଳ ଅସ୍ତ୍ରୋପଚାର

**ନୂଆପଡ଼ା, ୨୫।୯ (ସମିସ)**

ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଥମଥର ପାଇଁ ବିରଳ ମେରୁଦଣ୍ଡ ଅପରେସନ ହୋଇଯାଇଛି। ଅସ୍ଥି ବିଶେଷଜ୍ଞ ଡ. ବିପୁଲ କୁମାର ଗର୍ଗ ଏବଂ ତାଙ୍କ ଟିମ୍ ଦ୍ୱାରା ଦୀର୍ଘ ଅଢେଇ ଘଣ୍ଟାର ପ୍ରୟାସ ପରେ ଅସ୍ତ୍ରୋପଚାର ସମ୍ଭବ ହୋଇପାରିଛି। ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ସିଡିଏମ ଡା. ଧନେଶ୍ୱର ସେଠୀଙ୍କ ଉତ୍ସାହ, ପ୍ରେରଣା ଓ ବିଶ୍ୱାସ ପାଇଁ ସମ୍ଭବ ହୋଇପାରଛି ଡାକ୍ତର କହିଛନ୍ତି। ଡ. ରଶ୍ମିଜିତ ବେହେରା ଏନଏସ୍ଥିସିଆ ଦେଇଥିଲେ। ରୋଗୀ ଜଣକ କୋମନା ବ୍ଲକ ଶୁକଲିମୁଣ୍ଡି ଗାଁର ବିଭୀଷଣ ଶବର(୫୫)। ତାଙ୍କୁ ଏକ ବଳଦ ଶିଙ୍ଘରେ ଟେକି ଦେଇଥିବାରୁ ତାଙ୍କ ମେରୁଦଣ୍ଡ ଆଘାତପ୍ରାପ୍ତ ହୋଇ ପକ୍ଷାଘାତ ଗ୍ରସ୍ତ ହୋଇଯାଇଥିଲେ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।ପରିବାର ଲୋକ ସରକାରୀ ଡାକ୍ତରଙ୍କ ଉପରେ ଭରସା କରି ରହିଥିଲେ।ଏହି ସମର୍ପିତ ଚିକିତ୍ସକ ଦଳ ତାଙ୍କୁ ସର୍ଜରୀକରି ସୁସ୍ଥ କରିବାର ଆଶ୍ୱାସନା ଦେଇଥିଲେ।ରୋଗୀର ସର୍ଭିକାଲ ସ୍ପାଇନ ସର୍ଜରୀ ଆବଶ୍ୟକ ଥିଲା। ଏମିତି ସର୍ଜରୀ ପ୍ରାୟତଃ ମେଡିକାଲ କଲେଜରେ କିମ୍ବା ବଡବଡ କର୍ପୋରେଟ ହସ୍ପିଟାଲରେ ହୋଇଥାଏ। ପ୍ରାଇଭେଟ ହସ୍ପିଟାଲରେ ଏଇ ଅପରେସନ ଖର୍ଚ୍ଚ ପ୍ରାୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥାଏ ବୋଲି ଡାକ୍ତରମାନେ କହନ୍ତି। ବୁଧବାର ବିଳମ୍ବିତ ରାତିରେ ତାଙ୍କର ଅପରେସନ ହୋଇଥିଲା। ସମୟରେ ସିଡିଏମଓ ଡା. ସେଠୀ, ଡିଏମଓ ଡା. ଲଳିତ ମୋହନ ବିଶି, ଡିପିଏମ ସତ୍ୟନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ କିଛି ଦିନ ଆଗରୁ ସର୍ଜରୀ ବିଶେଷଜ୍ଞ ଡା. ସ୍ୱସ୍ତି ରେଖା ନାୟକ ଏବଂ ଟିମ୍ ଏଭଳି ଏକ ବିରଳ ଅପରେସନ କରି ଶରାଘାତ ବାଳକର ଜୀବନ ରକ୍ଷା କରିଥିଲେ। ଏହି ବିଷୟରେ ସିଡିଏମଓ ଡା.ସେଠୀ କହନ୍ତି ଏଭଳି ଅସାଧାରଣ ଅପରେସନ ପଛରେ ଜିଲ୍ଲାପାଳଙ୍କ ନିରନ୍ତର ପ୍ରୋତ୍ସାହନ ଓ ପ୍ରେରଣା ଆମକୁ ବଳ ଯୋଗାଇଥିଲା। ତାଙ୍କ ପ୍ରଚେଷ୍ଟାରେ ଏଠାରେ ଉନ୍ନତ ମାନର ଅପରେସନ ଥିଏଟର, ଓଟି କାର୍ଯ୍ୟକ୍ଷମ ହୋଇପାରିଛି, ଯାହା ଏଭଳି ବିଶେଷ କାମରେ ଆସୁଛି। ଏହି ସମର୍ପିତ ସର୍ଜରୀ ଟିମର ସମସ୍ତ ସଦସ୍ୟଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାଶ ଧନ୍ୟବାଦ ଜ୍ଞାପନ କରିଛନ୍ତି।



## ମାଚୁଲଗାଁରେ ହାତୀ ଉପଦ୍ରବ

# ମକା ଓ ଧାନ ଫସଲ କଲେ ନଷ୍ଟ

**ଲାଞ୍ଜିଗଡ଼, ୨୫।୯ (ସମିସ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ମୂଷାନାଳ ସେକ୍ସନ ମାଚୁଲ ଗାଁରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ନିକଟସ୍ଥ ଜାମଚୁଆଁ ଜଙ୍ଗଲରେ ୨୨ ଟିକିଆ ହାତୀପଲ ରହିଥିବା ବେଳେ ବୁଧବାର ରାତିରେ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତର ମାଚୁଲ ଗାଁରେ ଥିବା ମେରୁ ମାଝୀ, କରୁଣା ମାଝୀ ଓ ଜାମଚୁଆଁ ଗାଁର ଧାନୀ ମାଝୀ ଓ ଗୁରୁବ୍ଦନ ହରିଜନଙ୍କ ୨ ଏକର ମକା ଓ ୫ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲକୁ ଦଳି ଚକଟି ନଷ୍ଟ କରି ଦେଇଛନ୍ତି। ବହୁ କଷ୍ଟରେ ଧାର ଉର୍ଦ୍ଧାର କରି ମକା ଓ ଧାନ ଚାଷ କରିଥିଲା।ବର୍ତ୍ତମାନ ଧାନ କ୍ଷେତକୁ ହାତୀ ଦଳି ଚକଟି ନଷ୍ଟ କରିଦେଇଥିବାରୁ ଚାଷୀମାନେ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ବର୍ତ୍ତମାନ ଜାମଚୁଆଁ ଜଙ୍ଗଲଠାରେ ହାତୀପଲ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଘଟଣାସ୍ଥଳରେ ମୂଷାନାଳ ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରିଥିବା ସୂଚନା ମିଳିଛି। ଏନେଇ ମୁଷାନାଳ ବନପାଳ ଚିନ୍ତାମଣି ମାଝୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ସରକାରଙ୍କ ପକ୍ଷରୁ ଏମାନଙ୍କୁ କ୍ଷତି ପୂରଣ ଯୋଗାଇ ଦେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।



## ମହିଳାଙ୍କ ଆତ୍ମହତ୍ୟା

**ଲାଞ୍ଜିଗଡ଼, ୨୫।୯ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସହର ବଜାରପଡ଼ାରେ ଏକ ଭଡା ଘରେ ଜଣେ ବିବାହିତା ମହିଳା ଗୁରୁବାର ସକାଳେ ବେକରେ ଶାଢ଼ୀ ଗୁଡେଇ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଛି।ବେଦାନ୍ତ ସହଯୋଗୀ କମ୍ପାନୀରେ କାମ କରୁଥିବା ଉଦୟ ନାୟକଙ୍କ ସ୍ତ୍ରୀ ପ୍ରତିମା ନାୟକ (୪୫) ଅଟେ।ମୃତ ପ୍ରତିମାଙ୍କ ସ୍ୱାମୀ ଉଦୟ କିଛି ମାସ ହେଲା ଲାଞ୍ଜିଗଡ଼ ବଜାରପଡ଼ାରେ ଭଡାଘରେ ରହୁଛନ୍ତି। ଗୁରୁବାର କୌଣସି କାମରେ ସକାଳ ୮ ଘଣ୍ଟା ସମୟରେ ବାହାରକୁ ଯାଇଥିଲେ। ଫେରିବା ପରେ ଘର ଭିତରକୁ ଯାଇ ଦେଖିଲେ ପ୍ରତିମା ବେକରେ ଶାଢ଼ି ଗୁଡେଇ ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତୁରନ୍ତ ଲାଞ୍ଜିଗଡ଼ ଥାନାରେ ଅଭିଯୋଗ କରିଥିଲେ।ଖବରପାଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶବନ୍ତ ହିଆଲଙ୍କ ନେତୃତ୍ୱରେ ଏଏସଆଇ ସଞ୍ଜୟ ବୈଠାରୁ ପୋଲିସ ବଳ ସହିତ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ଲାଞ୍ଜିଗଡ଼ ଥାନା କେଶ ନଂ ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୁଲିସ।

## ଭାଲୁ କାମୁଡ଼ାରେ ମହିଳା ଗୁରୁତର

**ନୂଆପଡ଼ା, ୨୫।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଢ଼ୋର୍ଲାମୁଣ୍ଡା ଗାଁର ଘରମଣି ରାଉତ (୪୦)ଭାଲୁ କାମୁଡାରେ ଗୁରୁତର ହୋଇଛନ୍ତି। ଗୁରୁବାର ପୂର୍ବାହ୍ନରେ ଘର ମଣି ସ୍ଥାନୀୟ ପାଟି ଡଙ୍ଗରକୁ ଛେଳି ଚାରାଇବାକୁ ଯାଇଥିବା ବେଳେ ଜଙ୍ଗଲି ଭାଲୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଉକ୍ତ ମହିଳାଙ୍କୁ ଗୁରୁତର ଭାବେ ଉଦ୍ଧାର କରି କୋମନା ରେଞ୍ଜକୁ ଖବର ଦେଇ ସ୍ଥାନୀୟ ଭେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କୋମନା ଅଣାଗଲା। ସେଠାରେ ମଧ୍ୟ ଅବସ୍ଥା ସଂକଟାପନ୍ନ ହେବାରୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରାଯାଇଛି। ତାଙ୍କର ମୁଣ୍ଡର ବାଳ ସହ ଛାଲ ଉପୁଡି ଯାଇଛି। ଖବର ନେବାବେଳ ସୁଦ୍ଧା ଅବସ୍ଥା ଠିକ ଥିବା ଜଣାପଡ଼ିଛି।

## ଏଚଆଇଭି ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ/ହରଭଙ୍ଗା, ୨୫।୯ (ସମିସ):** ବୀରନରସିଂହପୁର ସାଧୁଚରଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏଚଆଇଭି ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଓମପ୍ରକାଶ ପ୍ରଧାନ, ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ନବକିଶୋର ଦୀପ, ପରାମର୍ଶଦାତା ବନୋଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଯୁକ୍ତ ଦୁଇଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଯୌନ ରୋଗ, ଏଚଆଇଭି ଏଡ଼ସର ଭୟାବହତା, ଲକ୍ଷଣ ଓ ତା'ର ନିରାକାରଣ ଏବଂ ସମାଜରେ ଥିବା ଭେଦଭାବ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ରମାକାନ୍ତ ନାଗ, ସ୍ୱାଗତିକା ମହାକୁଡ଼, ପ୍ରଭାତୀ ତ୍ରିପାଠୀ, ସୁକନ୍ୟା ସାହୁ, ରାଜେନ୍ଦ୍ର ରଣା, ଶୋଭନ ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ପ୍ରସ୍ତୁତି

**ବୌଦ୍ଧ, ୨୫।୯ (ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ତକ୍ଷଳସରଡ଼ା ପଞ୍ଚାୟତ ଡମ୍ବରୁଗଡ଼ କଂକଳା ସିଦ୍ଧତପୋ ସେବାବନ ସିଦ୍ଧଗୁରୁମଠରେ ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଠର ମହନ୍ତ ସର୍ବେଶ୍ୱର ଦାସ ଅଧ୍ୟକ୍ଷତା କରିଥିଲେ। ଯଜ୍ଞ ଉଦ୍ୟକ୍ତା ମାନସ ସୁନ୍ଦର ଶତପଥୀ ଯଜ୍ଞ ଆୟୋଜନର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଯଜ୍ଞ ମାର୍ଗଦର୍ଶକ ଭାବେ ଶ୍ରୀ ରାଧା ମାଧବ ସେବା ଶ୍ରମ ମୁଖ୍ୟ ବ୍ରହ୍ମଚାରୀ ଆଦିତ୍ୟ ଦାସ ଓ ଆଚାର୍ଯ୍ୟ ସର୍ବେଶ୍ୱର ମହାପାତ୍ର ଯୋଗଦେଇ ଯଜ୍ଞ ଉପକାରିତା ଉପରେ ଆଲୋକପାତ କରିଥିଲେ। ନଭେମ୍ବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଯଜ୍ଞ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଯଜ୍ଞ ପରିଚାଳନା ପାଇଁ ବିଭିନ୍ନ ସବ କମିଟି ଗଠନ କରାଯାଇଥିଲା। ରଘୁବୀର ଦାସ, ପୟୋଧର ମହାକୁଡ଼, ପ୍ରଶାନ୍ତ ସେଠି, ଧନମାଳୀ ଦେହୁରୀ, ମୟସେନ ରଣା, ଶ୍ରୀପତି ମହାକୁଡ଼, ମନୋଜ ମହାକୁଡ଼, ଶିବ କର୍ମୀ, ଅକ୍ଷୟ ମହାକୁଡ଼, ମହେଶ ପ୍ରସାଦ ଅଗ୍ରୱାଲ, ରମେଶ ପ୍ରସାଦ ସାହୁ, ଶାନ୍ତନୁ ଚାନ୍ଦ, ଦାଶରଥି ମହାକୁଡ଼, ଦୁଷ୍ମନ୍ତ କୁମାର ପୃଷ୍ଟି, ବିଦେଶୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## କୃଷକ ଉତ୍ପାଦନ କମ୍ପାନୀର ପଞ୍ଚମ ବାର୍ଷିକ ସାଧାରଣ ସଭା

**ଶଗଡ଼ା, ୨୫।୯ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବାନ୍ଧଗୋରାସ୍ଥିତ ବାବା ଧବଳେଶ୍ୱର କଲ୍ୟାଣ ମଣ୍ଡପରେ ମାତୃଶକ୍ତି କୃଷକ ଉତ୍ପାଦନ କମ୍ପାନୀର ପଞ୍ଚମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ବୌଦ୍ଧ ଉଦ୍ୟାନ କୃଷି ବିଭାଗର ଉପ ନିର୍ଦ୍ଦେଶକ ଯୋଗେନ୍ଦ୍ରନାଥ ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ ଭେଙ୍କଟ ରମଣ ରାଓ, ଉପ ମତ୍ସ୍ୟ ଅଧିକାରୀ ଅଭିଳାଷ ପଣ୍ଡା, ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ରର ମୟୂରୀ ସିଂ ସରଦାର, ପ୍ରାଣୀଧନ ନିରୀକ୍ଷକ ଯାଜ୍ଞସିନି ପ୍ରଧାନ, ଓଡ଼ିଶା ଜୀବିକା ମିଶନର କଣ୍ଟାମାଳ ବ୍ଲକ ସଂଯୋଜିକା ରାଧାରାଣୀ ନାଏକ, କମ୍ପାନୀର ଡାଇରେକ୍ଟର ଚନ୍ଦ୍ରକାନ୍ତି ଚାଉଳିଆ, ଦୁହିତା ମନହିରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରୋଗ୍ରାମ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ଖଟୁଆ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ସଭା ପରିଚାଳନା କରିଥିଲେ। କମ୍ପାନୀ ସଭାପତି ଚନ୍ଦ୍ରକାନ୍ତି ଚାଉଳିଆ କମ୍ପାନୀ ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିବା ବେଳେ ହିସାବ ରକ୍ଷକ ତୋଫାନ ମେହେର ବାର୍ଷିକ ଆୟ ବ୍ୟୟର ବିବରଣୀ ପଠନ କରିଥିଲେ। ଶୁଭ୍ରାଂଶୁ ସାହୁ, ଅନିଲ ବେହେରା, ସୌମ୍ୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ତୋଫାନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଚତୁର୍ଥ ଦିନରେ ଜିପିଏଲ୍‌ଏଫ କର୍ମୀଙ୍କ ଧାରଣା




**ଧର୍ମଗଡ଼, ୨୫।୯ (ସମିସ):** ସରକାରଙ୍କ ବିଭିନ୍ନ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବାରେ ମିଶନଶକ୍ତି ଓ ଓଡ଼ିଶା ଜୀବିକା ମିଶନର ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।ସରକାର ଏମାନଙ୍କୁ ଅଣଦେଖା କରୁଥିବାରୁ ରାଜ୍ୟ ସଂଘର ଆହ୍ୱାନକ୍ରମେ ପୂର୍ବପରି ସ୍ଥାୟୀ ଦରମା ପ୍ରଦାନ, ସ୍ଥାୟୀ ନିଯୁକ୍ତି, ଆକାଉଣ୍ଟ ପେ, ୬ ମାସର ବକେୟା ରାଶି ପ୍ରଦାନ, ପରଫର୍ମାନ୍ସ ବୋନସ ବନ୍ଦ କରିବା, କାର୍ଯ୍ୟ ଅନୁଯାଇ ବର୍ଦ୍ଧିତ ପାରିଶ୍ରମିକ, ରେଭେନ୍ୟୁ ଭିଲେଜ ରେ ଗୋଟିଏ ସିଏଲଏଫ ଉଚ୍ଛେଦ ଭଳି ୭ ଦଫା ଦାବି ନେଇ କାର୍ଯ୍ୟରତ ସମସ୍ତ ଏମ୍‌ବିକେ, ବ୍ୟାଙ୍କ ମିତ୍ର, କୃଷି ମିତ୍ର ଓ ସିଆରପିମାନେ ଆଜକୁ ଚାରି ଦିନ ହେଲା ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି।ସରକାର ଯଦି ଦାବି ଗୁଡିକ ପୂରଣ ନ କରନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ଲକ କାର୍ଯ୍ୟାଳୟ, ମିଶନ ଶକ୍ତି କାର୍ଯ୍ୟାଳୟ, ଓଏଲଏମ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଜାରି ରହିବ ବୋଲି ସଂଘର ସଭାନେତ୍ରୀ ସୁଶ୍ରୀ ସଙ୍ଗୀତା ମହାହୁତି ପ୍ରକାଶ କରିଛନ୍ତି। ଧର୍ମଗଡ଼ ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ସଭାପତି ଡାକେ ଲହଜଳ, ବରିଷ୍ଠ ବିଜେଡି ନେତା ଭବାନୀ ଶଙ୍କର ବଣିଆ, ନାରୀନେତ୍ରୀ କଲ୍ୟାଣୀ ନାଏକ, ମମତା ଗୋପାଳ, ସନ୍ତୋଷ ପାଢ଼ୀ, ଲବଣି ରାଉତ ଯାଦବ, କ୍ଷେତ୍ରମୋହନ ଶତନାମୀ, ରାଜା ହାତୀ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ପୂର୍ବ ବିଜେଡି ସରକାର ଥିଲା ସମୟରେ ମିଶନଶକ୍ତି ବିଭାଗ ଖୋଲି ମହିଳାଙ୍କୁ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ତଥା ରୋଜଗାର କ୍ଷମ କରିଥିଲେ। କିନ୍ତୁ ସରକାର ପରିବର୍ତ୍ତନ ହେବା ପରେ ବର୍ତ୍ତମାନର ବିଜେପି ସରକାର ବିଭିନ୍ନ ସମୟରେ ଏମାନଙ୍କୁ ଅଣଦେଖା କରି ଆସୁଛନ୍ତି ବୋଲି ବିଜୁ ଜନତା ବ୍ଲକ ସଭାପତି ଶ୍ରୀ ଲହଜଳ କହିଛନ୍ତି।

# ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ୩ଟି ଗେଟ୍ ଖୋଲିଲା

**ନୂଆପଡ଼ା, ୨୫।୯ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଗୁରୁବାର ନୂଆପଡ଼ା ଜିଲ୍ଲା ଲୋୟରଇନ୍ଦ୍ର ଜଳ ସେଚନ ପ୍ରକଳ୍ପର ୩ ଗୋଟି ଗେଟ ଖୋଲା ଯାଇଛି।ଜଳ ସେଚନ ପ୍ରକଳ୍ପର ୩, ୬ ଓ ୮ ନମ୍ବର ଗେଟ ଖୋଲା ଯାଇଛି।ଜଳ ପ୍ରକଳ୍ପକୁ ୪୫୦ ଘନ ମିଟର ପାଣି ପ୍ରବେଶ କରୁ ଥିବା ବେଳେ ୪୭୪.୨୬ ଘନ ମିଟର ପାଣି ନିଷ୍କାସନ ହେଉଛି।ଏବେ ଜଳ ଭଣ୍ଡାରରେ ୨୬୪.୫ ମିଟର ପାଣି ରହିଛି।ଆବଶ୍ୟକ ହେଲେ ଅଧିକ ଗେଟ ଖୋଲା ଯିବ ବୋଲି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ ସୂଚନା ଦେଇଛନ୍ତି।



# କନ୍ତେଶିରର ଇଷ୍ଟଦେବୀଙ୍କ ଦଶହରା ସମ୍ପନ୍ନ



**କେସିଙ୍ଗା, ୨୫।୯ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କନ୍ତେଶିର ଗ୍ରାମର ଇଷ୍ଟଦେବୀ ମାଁ କଳାପାହାଡ଼, ମାଁ ମାଣିକେଶ୍ୱରୀ, ମାଁ ବସ୍ତେନ୍ ଦେବୀ, ମାଁ ବ୍ରହ୍ମାଜେମା, ମାଁ ଡଙ୍ଗର ଦେବୀ, ମାଁ ଭୀମା ଦେବୀ, ମାଁ ପାଟଦେଉ ଦେବୀ, ମାଁ ଲିମ ପଡେନ ଦେବୀ, ମାଁ ମାଉଳି ଦେବୀ, ମାଁ ବାବୁରା ଦେବୀଙ୍କ ଦଶହରା ମହାଆଡ଼ମ୍ବରରେ ପାଳିତ ହେଉଛି। ଗ୍ରାମର ଗୌନ୍ତିଆ ପରିବାର ପୂଜା ସଂଘର ସଭାପତି, ସମ୍ପାଦକ ପୁଝାରୀ, ଦିଆରୀ, ଗଣା ଝାଙ୍କର, ଛତ୍ରିଆ, ଡାହୁକ, ବାହୁକ, ଥନାପତି ଏବଂ ଗ୍ରାମବାସୀ ମିଳିମିଶି ଦଶହରା ଆୟୋଜନ କରିଥିଲେ।ଗ୍ରାମର ଇଷ୍ଟଦେବୀ ମାଁ କଳାପାହାଡ଼ଙ୍କ ଯାତ୍ରା ସକାଳୁ ଆରମ୍ଭ ହୋଇ ମାଁ ବିଭିନ୍ନ ଯାଚକଙ୍କ ଯାଚନା ଶୁଣିଥିଲେ। ଫଳକ ଯାଚକମାନେ ମାଁଙ୍କୁ ବୋଦା ଓ ଅନେକ ଜିନିଷ ଅର୍ପଣ କରିଥିଲେ।ଦଶହରାର ଦ୍ୱିତୀୟ ପ୍ରହରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଘୁମୁରା, ଢୋଲ ମହୁରୀ ନିଶାନ, ଅନୁଷ୍ଠିତ ହୋଇଥିଲା। ବୀର ବାଦ୍ୟ ଘୁମୁରା ପରିବେଷଣ କରିଥିଲେ ତୁଷ ରାଜ ମାଝୀ ଏବଂ ସୀମିତ ମାଝୀ।କାର୍ଯ୍ୟକ୍ରମରେ ଟଙ୍କ ମାଝୀ, ଯଦୁ ମାଝୀ, ଦୂର୍ବାଦଳ ମାଝୀ, ତପନ ମାଝୀ, ଜୀତେନ୍ଦ୍ର ମାଝୀ, ଦୟାନିଧି ମାଝୀ, ମଣ୍ଟୁ ମାଝୀ, ସହଦେବ ମାଝୀ, ହେମନ୍ତ ମାଝୀ, ଟିକେ ମାଝୀ, ସୋମନାଥ ମାଝୀ, ହେମାଦାଗର ମାଝୀ, ବୃନ୍ଦାମାଝି ପ୍ରମୁଖ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପନ୍ନ କରିଥିଲେ।

## ରାଞ୍ଚିରୋଡ୍-ମଙ୍ଗଳପଡ଼ା ରାସ୍ତା ଶୋଚନୀୟ

# ଯାତାୟାତ ବାଧାପ୍ରାପ୍ତ; ମରାମତି ଦାବି

**କୁତ୍ରା, ୨୫।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କୁତ୍ରା ଗ୍ରାମପଞ୍ଚାୟତର ରାଞ୍ଚିରୋଡ୍ ଛକରୁ ମଙ୍ଗଳପଡ଼ାକୁ ଯାଇଥିବା ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିବାବେଳେ ଯାତାୟାତ ବାଧାପ୍ରାପ୍ତ ହେଉଛି। ତେଣୁ ଏହି ରାସ୍ତାକୁ ପିଚୁରାସ୍ତାରେ ପରିଣତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ରାଜ୍ୟରାଜପଥ-୧୦ରେ ଥିବା ରାଞ୍ଚିରୋଡ୍ ଛକଠାରୁ ମଙ୍ଗଳପଡ଼ାକୁ ଯାଇଥିବା ପାଖାପାଖି ୨କିଲୋମିଟର ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ରାସ୍ତାଟି ଗୋମାରଡିହି, ତୁନମୁରା, ଗୀର୍ଜାପଡ଼ା, ମାଲୁପଡ଼ା, କୁତ୍ରା, ସିଆଲଯୋର, ବାଇଲମା ଗ୍ରାମକୁ ଯିବା ରାସ୍ତାକୁ ସଂଯୋଗ କରିଛି। ଏହି ରାସ୍ତାରେ ମଙ୍ଗଳପଡ଼ା ଓ ଆଖପାଖର ଗ୍ରାମବାସୀ ସଦରମହକୁମା କୁତ୍ରା ଓ ରାଞ୍ଚିରୋଡକୁ ଯିବା ଆସିବା କରୁଥିବାବେଳେ ଛୋଟ ଛୋଟ ପିଲାମାନେ ସ୍କୁଲକୁ ଯାତାୟାତ କରିଥାନ୍ତି। ବର୍ଷା ଦିନରେ ରାସ୍ତାଟି କାଦୁଅପୂର୍ଣ୍ଣ ହୋଇପଡୁଥିବାରୁ ଜନସାଧାରଣଙ୍କୁ ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡ଼ିଥାଏ। ରାଞ୍ଚିରୋଡ୍ ଓ ମଙ୍ଗଳପଡ଼ା ମଧ୍ୟ ଭାଗରେ ଏକ ନାଳ ରହିଥିବା ବେଳେ ଉକ୍ତ ନାଳ ଉପରେ ପୋଲଟିଏ ନଥିବାରୁ ସାମାନ୍ୟ ବର୍ଷାରେ ଲୋକଙ୍କ ଯାତାୟାତ ବନ୍ଦ ହୋଇଯାଇଥାଏ। ବର୍ଷା ଦିନେ ସ୍କୁଲ, କଲେଜ, ଡାକ୍ତରଖାନା ଯିବା ପାଇଁ ଛାତ୍ରଛାତ୍ରୀଙ୍କୁ ଓ ଗ୍ରାମବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଣୁ ଉକ୍ତ ରାସ୍ତା ଉପରେ ଏକ ପୋଲ ନିର୍ମାଣ ସହିତ ରାସ୍ତାଟିକୁ ପିଚୁରାସ୍ତାରେ ପରିଣତ କରିବା ପାଇଁ ମଙ୍ଗଳପଡ଼ାର ଗ୍ରାମବାସୀ ଦାବି କରିଛନ୍ତି।



# ସ୍ତ୍ରୀର ଅଶ୍ଳୀଳ ଭିଡ଼ିଓ ଭାଇରାଲ କରି ସ୍ୱାମୀ ଗିରଫ

**ତୁରେକେଲା, ୨୫।୯ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅଞ୍ଚଳରେ ସ୍ତ୍ରୀର ଅଶ୍ଳୀଳ ଭିଡ଼ିଓ ଭାଇରାଲ କରି ସ୍ୱାମୀ ଗିରଫ ହୋଇଛି। ଅଭିଯୁକ୍ତ ହେଉଛି ତୁରେକେଲା ଥାନା ଅଧୀନ ଗୁର୍ଜିଭଟା ଗାଁର ଜିତେନ୍ଦ୍ର ତାଣ୍ଡି (୩୧)। କିଛି ବର୍ଷ ତଳେ ଜଣେ ଯୁବତୀଙ୍କୁ ସେ ବିବାହ କରିଥଲା; ହେଲେ ଉଭୟ ମନମାଳିନ୍ୟ ହେତୁ ଭିନ୍ନ ଭିନ୍ନ କରୁଛନ୍ତି। ଜିତେନ୍ଦ୍ର ଇଷ୍ଟାଗ୍ରାମରେ ସ୍ତ୍ରୀଙ୍କୁ ଅଶ୍ଳୀଳ ଭିଡ଼ିଓ ପଠାଇବା ସହ ଭାଇରାଲ କରିବାକୁ ଅନେକ ସମୟରେ ଧମକ ଦେଇ ଆସୁଥିଲେ। ଶେଷରେ ସେ ସ୍ତ୍ରୀର ଅଶ୍ଳୀଳ ଭିଡ଼ିଓ ଭାଇରାଲ କରିବାକୁ ପଛାଇ ନାହାନ୍ତି। ଏନେଇ ମହିଳା ଜଣକ ତୁରେକେଲା ଥାନା ଦ୍ୱାରସ୍ଥ ହୋଇଥିଲେ। ତୁରେକେଲା ପୁଲିସ ଏକ ମାମଲା ରୁଜୁ କରି ଭିଡ଼ିଓ ଭାଇରାଲ କରିଥିବା ଜିତେନ୍ଦ୍ରକୁ ଗିରଫ କରିଥିବା ଥାନା ଅଧିକାରୀ ରାକେଶ ବେହେରା ପ୍ରକାଶ କରିଛନ୍ତି।



# ବ୍ଲକ୍ ପ୍ରଶାସନ ପକ୍ଷରୁ 'ସ୍ୱଚ୍ଛ ଉତ୍ସବ'

**ଥୁଆମୂଳରାମପୁର, ୨୫।୯ (ସମିସ):** ଗୁରୁବାର କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ 'ସ୍ୱଚ୍ଛ ଉତ୍ସବ'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ମିଶନ ଶକ୍ତି ବିପିସି ତଥା ଭାରପ୍ରାପ୍ତ ବିପିଏମ୍ ପ୍ରତାପ ନାଏକ, ପଞ୍ଚାୟତ ସମିତିର ଅନ୍ୟାନ୍ୟ କର୍ମଚାରୀ ଓ ବିଜେପିର କର୍ମକର୍ତ୍ତାଙ୍କ ମଧ୍ୟରେ ମଣ୍ଡଳ ସଭାପତି ଦୟାନିଧି ଭୋଇ, ଆଲୋକ ନାଏକ, ବାମନୁ ନାଏକ, ରାଧାକୃଷ୍ଣ ନାଏକ, ସତ୍ରୁଘନ ଗହୀର, ବାଜରା ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ବିଶ୍ୱନାଥପୁରରେ ବିଶ୍ୱ ଫାର୍ମାସିଷ୍ଟ ଦିବସ

# ଫାର୍ମାସିଷ୍ଟଙ୍କୁ ସାମ୍ବାଦିକ ସମୂହ ପକ୍ଷରୁ ସମ୍ବର୍ଦ୍ଧନା

**ଲାଞ୍ଜିଗଡ଼, ୨୫।୯ (ସମିସ):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଫାର୍ମାସିଷ୍ଟ କେ. ନେତ୍ରାନନ୍ଦ ସୁବୁଦ୍ଧି, ଟୁନା ପାଣିଗ୍ରାହୀ ଓ ରବୀନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଚେତନତା ଶୋଭାଯାତ୍ରା ପରିକ୍ରମା କରିଥିଲା। ଏହା ପରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭବାନୀଶଙ୍କର ଲେଙ୍କା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ଼.ସୁମୀରନ ରାଉତ, ଡ଼. ସେଶାଙ୍କ ମାଣିକ, ଲାଞ୍ଜିଗଡ଼ ବ୍ଲକ ପୂର୍ବତନ ଏବିଇଓ ଲକ୍ଷ୍ମୀ ପ୍ରିୟା ମୁଦୁଲି, ପିଏଚଇଓ ଦିବାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ଲାଞ୍ଜିଗଡ଼ ବ୍ଲକର ଲାଞ୍ଜିଗଡ଼, ଲାଞ୍ଜିଗଡ଼ରୋଡ଼ ଏବଂ ବିଶ୍ୱନାଥପୁର ଅଞ୍ଚଳରେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହିତ ରୋଗୀ ଓ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ଯୋଗସୂତ୍ରର ମାଧ୍ୟମ ସାଜିଥିବା ତିନିଜଣ ଫାର୍ମାସିଷ୍ଟ ଶ୍ରୀ ସୁବୁଦ୍ଧି, ଶ୍ରୀ ପାଣିଗ୍ରାହୀ ଓ ଶ୍ରୀ ସାହୁଙ୍କୁ ଲାଞ୍ଜିଗଡ଼ ସାମ୍ବାଦିକ ସମୂହ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଲାଞ୍ଜିଗଡ଼ ପ୍ରେସ କ୍ଲବର ଉପସଭାପତି କ୍ଷମାନିଧି ମହାଖୁଡ଼, ପିଇଡବ୍ଲ୍ୟୁ ମିଡିଆ ଏସୋସିଏସନର କାର୍ଯ୍ୟକାରୀ ସଭାପତି ସନ୍ତୋଷ ତୁଳ, ସାଧାରଣ ସମ୍ପାଦକ ଗୋପାଳଦାସ ମହାନନ୍ଦ, କୋଷାଧ୍ୟକ୍ଷ ନୀଳେଶ କୁମାର ନାଗ ପ୍ରମୁଖ ଉପସ୍ଥିତ ରହି ତିନି ଫର୍ମାସିଷ୍ଟଙ୍କୁ ଉତ୍ତରୀୟ ସହିତ ସମ୍ବର୍ଦ୍ଧିତ କରିଥିଲେ।ଏହି କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ଜଗବନ୍ଧୁ ଶବର, ଫାର୍ମାସିଷ୍ଟ ନରେଶ ମାଝୀ, ଏମ୍‌ଏଚୟୁ ଫାର୍ମାସିଷ୍ଟ ପ୍ରଗତି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ନିରଞ୍ଜନ ପ୍ରଧାନଙ୍କ ସ୍ମୃତିସଭା



**ଭବାନୀପାଟଣା, ୨୫।୯ (ସମିସ):** ସ୍ଥାନୀୟ ଅମଲା ଭବନରେ ନିରଞ୍ଜନ ପ୍ରଧାନ (ବିଦ୍ରୋହୀ)ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଭାରତ ଭୂଷଣ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ପ୍ରଫେସର ବିଜୟ ବହିଦାର ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଦ୍ରୋହୀଙ୍କ ଆନ୍ଦୋଳନାତ୍ମକ ଜୀବନର ସ୍ମୃତିଚାରଣ କରିଥିଲେ।ଦେଶର ବିଭିନ୍ନ ଟ୍ରେଡ଼ ୟୁନିଅନ ଦ୍ୱାରା ହେଉଥିବା ବିଦ୍ରୋହ ସମ୍ପର୍କରେ ସୂଚନାଦେଇ ନିରଞ୍ଜନ ବିଦ୍ରୋହୀଙ୍କ ଅବଦାନ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ଚାଷୀନେତା ଲିଙ୍ଗରାଜ ପ୍ରଧାନ, ଲିଙ୍ଗରାଜ ଆଜାଦ, ରଜତ ପ୍ରଧାନ, ଅନୱର ଭାରତୀ, ସତ୍ୟ ମାହାର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସଞ୍ଜୟ ସୁନାନୀ, ସୁରେଶ ସଂଗ୍ରାମ, ଅଗଷ୍ଟ ନାୟକ, ସନ୍ତୋଷ ମୁଣ୍ଡ ପ୍ରମୂଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ସିଦ୍ଧାର୍ଥ ନାୟକ ମଞ୍ଚ ପରିଚାଳନା କରିଥିଲେ। ନିରଞ୍ଜନ ସ୍ମୃତି ସମ୍ମାନ ଭାବେ କୃଷି କ୍ଷେତ୍ରରେ ଜୁନାଗଡ଼ ଅଞ୍ଚଳର ଲକ୍ଷ୍ମଣ ରଣବୀର, ସମାଜ ସେବା କ୍ଷେତ୍ରରେ ଭାବଗ୍ରାହୀ ନାୟକ, ପରିବେଶ ସୁରକ୍ଷା କ୍ଷେତ୍ରରେ ରାୟଗଡ଼ା ଜିଲ୍ଲା କଲ୍ୟାଣୀସିଂପୁର କୃଷ୍ଣ ସିକକାଙ୍କୁ ସମ୍ମାନିତ କରାଯାଇଥିଲା। ନିରଞ୍ଜନ ସ୍ମୃତି କମିଟି ଆବାହକ ଇନ୍ଦ୍ରଜିତ୍ ମହାଖୁଡ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ


# ଫାଇନାଲରେ ଆୟୋଜକ ଭେଳା ଓ କୋମନା

**କୋମନା, ୨୫।୯ (ସମିସ)**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଭେଳାସ୍ଥିତ ଡ଼. କାଟଜୁ ହାଇସ୍କୁଲ ଖେଳ ପଡ଼ିଆରେ ଭେଳା ଫୁଟବଲ ଆସୋସିଏସନ ପକ୍ଷରୁ ଆୟୋଜିତ ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଦିବସରେ ଭେଳାଦଳ ଜନ୍ଦ୍ରାମୁଣ୍ଡାକୁ୨-୦ ଗୋଲରେ ହରାଇ ଫାଇନଲରେ ପ୍ରବେଶ କରିଥିବା ବେଳେ କୋମନା ଦଳ କୁରେଶ୍ୱର ଦଳକୁ ପେନାଲଟି ସୁଟରେ ୪-୩ ଗୋଲରେ ହରାଇ ଫାଇନଲରେ ପ୍ରବେଶ କରିଛି। ଆୟୋଜକ କମିଟି ସଭାପତି ହେତୁରାମ ଶବରଙ୍କ ନେତୃତ୍ୱରେ ଚାଲିଥିବା ପଞ୍ଚାୟତସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଦିବସରେ ଯୁବ ସାମ୍ବାଦିକ ନଟ ଆଡବଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ତୁକାରାମ କମ୍ପାନ, ନେତା ଦଣ୍ଡସେନା, ପୂର୍ବତନ ସମିତି ସଭ୍ୟ ଅମ୍ବରନାଥ ଯୋଷୀ ପ୍ରମୁଖ ଯୋଗ ଦେଇଥିଲେ।ଉଦ୍‌ଘାଟନୀ ମ୍ୟାଚ୍‌କୁ ରେଫରି ଭାବେ ବନ ସାହୁ, ଦିନେସ ନାଏକ, ରାହୁଲ ଶବର ପରିଚାଳନା କରିଥିଲେ। କମିଟି ସଦସ୍ୟ ପିଙ୍କୁ ଶବର, ଉଦିତ ମାଝୀ, ତ୍ରିନାଥ କୁମ୍ଭାର, ଲିଟୁ ସେଠୀ, ରାଜେଶ ଯାଦବ, କାଲୁ ଶବର, ଟିଙ୍କୁ ଶବର, ଯୋଗେନ୍ଦ୍ର ମାଝୀ, ଲୋକନାଥ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ରହିଛି।



# ସଙ୍କଟରେ ହିମାଳୟ କ୍ଷେତ୍ର



**ଗୋଟିଏ ବର୍ଷରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରାକୃତିକ ବିପର୍ଯ୍ୟୟ**
**ପ୍ରାଣ ହରାଇଲେଣି ୭୨୬, ଶତାଧିକ ନିଖୋଜ**
**ହଜାର ହଜାର କୋଟିର କ୍ଷତି**

ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): ହିମାଳୟ କ୍ଷେତ୍ରରେ ଅର୍ଥାତ ପାଦ ଦେଶରେ ଥିବା ରାଜ୍ୟଗୁଡିକର ଅସ୍ତିତ୍ୱ ଏବେ ସଙ୍କଟରେ ପଡ଼ିଛି ବୋଲି ସୁପ୍ରିମକୋର୍ଟ ହୃଦୟଙ୍ଗମ କରିଛନ୍ତି। ଏହି ରାଜ୍ୟଗୁଡିକରେ ପରିବେଶ ଜନିତ ସଂନ୍ତୁଳନ ନେଇ କୋର୍ଟ ବାରମ୍ବାର ଚିନ୍ତା ପ୍ରକଟ କରି ଆସିଛନ୍ତି। ହିମାଳୟ କ୍ଷେତ୍ରରେ ୧୩ଟି ରାଜ୍ୟ ଅବସ୍ଥାନ କରୁଛି। ଏଗୁଡିକ ହେଲା ଜମ୍ମୁ-କଶ୍ମୀର, ଲାଦାଖ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ, ତ୍ରିପୁରା, ଆସାମ ଓ ପଶ୍ଚିମବଙ୍ଗର କିଛି ଅଂଶ। ଏହି ରାଜ୍ୟଗୁଡିକର ମୋଟ୍ ସୀମା ୨୫୦୦ କିଲୋମିଟର। ଏହାକୁ ଭାରତର 'ଜଳ ମୀନାର' ବୋଲି କୁହାଯାଇଥାଏ। କାରଣ ଏହି ରାଜ୍ୟ ତଥା ହିମାଳୟ କ୍ଷେତ୍ରରୁ ବଡ଼ ବଡ଼ ନଦୀଗୁଡିକ ବାହାରିଥାଏ। ଚଳିତ ବର୍ଷ ଏହି କ୍ଷେତ୍ରରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରାକୃତିକ ବିପଦ ଆସିଛି। ଖାସ୍ କରି ଉତ୍ତରାଖଣ୍ଡ, ହିମାଚଳ, ଜମ୍ମୁ-କଶ୍ମୀରରେ ବହୁତ କ୍ଷୟକ୍ଷତି ହେବା ସହ ଧନଜୀବନ ହାନି ହୋଇଛି। ମୋଟ ଉପରେ ଏହି ଅଞ୍ଚଳରେ ଚଳିତବର୍ଷ ଏପର୍ଯ୍ୟନ୍ତ ୭୨୬ଜଣ ମୃତ୍ୟୁବରଣ କରିଛନ୍ତି। ବିଭିନ୍ନ ପାକୃତିକ ବିପର୍ଯ୍ୟୟ ପାଇଁ ସୁପ୍ରିମକୋର୍ଟ ଖାସ୍ କରି ହିମାଚଳ ପ୍ରଦେଶର ସରକାରଙ୍କୁ କେତୋଟି ପ୍ରଶ୍ନ ପଚାରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଓ ସଞ୍ଜୀବ ମେହେଟାଙ୍କ ବେଞ୍ଚ କହିଛନ୍ତି ଯେ, ଏଥର ମୌସୁମୀରେ ହିମାଚଳରେ ପ୍ରବଳ ବର୍ଷା ଓ ଭୂସ୍ଖଳନ କାରଣରୁ ଶହଶହ ଲୋକଙ୍କର ଜୀବନ ଯାଇଛି ଓ ହଜାର ହଜାର ଲୋକଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ହିମାଚଳର ପରିବେଶ ବହୁତ ନକରାତ୍ମକ ଭାବେ ପ୍ରଭାବିତ ହୋଇଛି ବୋଲି ଏହି ବିପର୍ଯ୍ୟୟରୁ ପ୍ରମାଣିତ ହୋଇଛି।

ସମ୍ପୂର୍ଣ୍ଣ ହିମାଳୟ କ୍ଷେତ୍ର ଗମ୍ଭୀର ସଙ୍କଟରେ ରହିଛି। ଲଗାତର ଭାବେ ହେଉଥିବା ଭୂସ୍ଖଳନ, ଘର ଭୁଶୁଡିବା, ସଡ଼କ ଦବିବା ଭଳି ଘଟଣା ପାଇଁ ପ୍ରକୃତିକୁ ନୁହଁ ବରଂ ମଣିଷକୁ ଦାୟୀ କରାଯାଇଛି। ବିଶେଷଜ୍ଞଙ୍କ ରିପୋର୍ଟର ଦ୍ୱାହି ଦେଇ କୋର୍ଟ ହିମାଚଳର ବିପର୍ଯ୍ୟୟ ପାଇଁ ଜଳବିଦ୍ୟୁତ ପ୍ରକଳ୍ପ, ଫୋରଲେନ୍ ସଡ଼କ, ଜଙ୍ଗଲ କାଟିବା ଓ ବହୁତଳ ବିଶିଷ୍ଟ କୋଠା ଯଥା ହୋଟେଲ, ଗେଷ୍ଟ ହାଉସ୍ ଓ ଶିଳ୍ପପ୍ରତିଷ୍ଠାନ ନିର୍ମାଣକୁ ଦାୟୀ କରିଛନ୍ତି। ଏହି କାରଣଗୁଡିକ ନେଇ କୋର୍ଟ ରାଜ୍ୟ ସରକାରଙ୍କୁ ବିଭିନ୍ନ ପରିସଂଖ୍ୟାନ ଭିତ୍ତିକ ପ୍ରଶ୍ନ ପଚାରିଛନ୍ତି। ଅକ୍ଟୋବର ୨୮ ପର୍ଯ୍ୟନ୍ତ ସରକାରଙ୍କୁ ଏ ନେଇ ଉତ୍ତର ଦେବାକୁ କୁହାଯାଇଛି। ହିମାଚଳରେ ଏବେ ୧୭ ହଜାର ୧୨୦ ଭୂସ୍ଖଳନ ପ୍ରବଣ କ୍ଷେତ୍ର ରହିଛି। ଏଥିମଧ୍ୟରୁ ୬୭୫ଟି କ୍ଷେତ୍ର ଜନବସତି ନିକଟରେ ରହିଛି। ହିମାଚଳର ଚମ୍ବା, ମଣ୍ଡି, କାଂଗ୍ରା, ଲାହଉଲ ଓ ସ୍ପିଟି, ଉନା, କୁଲ୍ଲୁ, ଶିମଳା, ସୋଲାନ, ବିଳାଶପୁର, ସରମରପୁର ଓ କିନ୍ନାଉରର ବହୁ ଅଞ୍ଚଳ ହାଇରିସ୍କ ଜୋନ୍ ଅର୍ଥାତ ବିପଜ୍ଜନକ ବିବେଚିତ ହେଉଛି।

ତେବେ ପର୍ଯ୍ୟଟନ ହେଉଛି ହିମାଚଳର ଆୟର ସବୁଠାରୁ ବଡ଼ ଉତ୍ସ ବୋଲି କୋର୍ଟ ସ୍ୱୀକାର କରିଛନ୍ତି। କିନ୍ତୁ ଅନିୟନ୍ତ୍ରିତ ପର୍ଯ୍ୟଟନ ଓ ବିକାଶ କାରଣରୁ ବିପର୍ଯ୍ୟୟ ସୃଷ୍ଟି ହେଉଛି ବୋଲି ଆମକୁ ଗ୍ରହଣ କରିବାକୁ ହେବ। ରାଜ୍ୟର ପର୍ଯ୍ୟଟନ ଓ ପର୍ଯ୍ୟାବରଣ ମଧ୍ୟରେ ସନ୍ତୁଳନ ରହିବା ଆବଶ୍ୟକ। ପୂର୍ବରୁ ମଧ୍ୟ କୋର୍ଟ ଏ ନେଇ ଚେତାବନୀ ଦେଇଥିଲେ ଓ ହିମାଚଳ ଦେଶର ମାନଚିତ୍ରରୁ ଗାଏବ ହୋଇଯିବ ବୋଲି କହିଥିଲେ। ତେଣୁ ବେଳ ଥାଉଥାଉ ଗଠନମୂଳକ ପଦକ୍ଷେପ ନିଆଯିବା ଉପରେ କୋର୍ଟ ଗୁରୁତ୍ୱ ଦେଇଛନ୍ତି।

## ଲଦାଖ ହିଂସା ପଛରେ ୱାଙ୍ଗଚୁକଙ୍କ ହାତ

ଲେହ, ୨୫।୯(ଏଜେନ୍ସି): ଲଦାଖରେ ଗୁରୁବାର ହୋଇଥିବା ହିଂସାତ୍ମକ ଆନ୍ଦୋଳନ ଏବେ ନୂଆ ମୋଡ଼ ନେଇଛି। ଏହି ହିଂସାରେ ଜଳବାୟୁ କର୍ମୀ ତଥା ଶିକ୍ଷା ସଂସ୍କାରକ ସୋନମ ୱାଙ୍ଗଚୁକଙ୍କ ହାତ ରହିଛି ବୋଲି କେନ୍ଦ୍ର କହିଛନ୍ତି। ହିଂସା ପାଇଁ ସେ ଛାତ୍ରମାନଙ୍କ ଭିଡକୁ ଉସୁକାଇଥିଲେ ବୋଲି ଅଭିଯୋଗ ହୋଇଛି। ଏହି ହିଂସାରେ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୭୦ ଜଣ ଆହତ ହୋଇଥିଲେ। କିନ୍ତୁ ୱାଙ୍ଗଚୁକ୍ ଏହାକୁ ଖଣ୍ଡନ କରିଛନ୍ତି। ମୋତେ ବଳିର ବୋଦା ବନା ଯାଇଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ମଧ୍ୟ ୱାଙ୍ଗଚୁକଙ୍କ ଷ୍ଟୁଡେଣ୍ଟସ ଏଜୁକେଶନାଲ ଆଣ୍ଡ କଲଚରାଲ ମୁଭମେଣ୍ଟ ଅଫ୍ ଲଦାଖ (ଏସ୍ଇସିଏମ୍ଓଏଲ୍)ର ଏଫ୍ସିଆରଏ ଲାଇସେନ୍ସକୁ ରଦ୍ଦ କରିଛନ୍ତି। ଏହି ଲାଇସେନ୍ସ ମାଧ୍ୟମରେ ତାଙ୍କ ଏନ୍‌ଜିଓକୁ ପାଣ୍ଠି ଆସୁଥିଲା। ୱାଙ୍ଗଚୁକ୍ ଏଫ୍ସିଆରଏ ନିୟମର ଉଲ୍ଲଂଘନ କରିଛନ୍ତି ବୋଲି କେନ୍ଦ୍ର କହିଛି। ଏନ୍‌ଜିଓର ବ୍ୟାଙ୍କ ଆକାଉଣ୍ଟରୁ ଫଣ୍ଡ ଟ୍ରାନ୍ସଫର ହୋଇଛି ଓ ଏହା ଫେମା ନିୟମର ଉଲ୍ଲଂଘନ କରୁଛି ବୋଲି କୁହାଯାଇଛି। ତେଣୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସୋନମଙ୍କ ଏହି ଏନ୍‌ଜିଓକୁ ନୋଟିସ ପଠାଇଛି।

## ମୋ ବିରୋଧରେ ୩ଟି ଷଡ଼ଯନ୍ତ୍ର ହୋଇଛି: ଟ୍ରମ୍ପ

ନ୍ୟୁୟର୍କ, ୨୫।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଜାତିସଂଘ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ଜାତିସଂଘ ମହାସଭାର ୮୦ତମ ସଂସ୍କରଣ ଅବସରରେ ତାଙ୍କ ବିରୋଧରେ ୩ଟି ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେଣୁ ଜାତିସଂଘକୁ ଲଜ୍ଜା ଲାଗିବା ଆବଶ୍ୟକ ବୋଲି ସେ କହିଛନ୍ତି। ଗୋଟିଏ, ଦୁଇଟି ନୁହଁ ମୋ ସହିତ ୩ଟି ସନ୍ଦିଗ୍ଧ ଘଟଣା ହୋଇଛି ବୋଲି ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ସେ ଏହି ୩ଟି ଘଟଣା ଉପରେ ଆଲୋକପାତ କରିଛନ୍ତି। ୩ଟି ଘଟଣା ହେଲା ସେ ଭାଷଣ ଦେବା ଅବସରରେ ଟେଲି ପ୍ରିଣ୍ଟର ବନ୍ଦ ହେବା, ଟେଲି ପ୍ରିଣ୍ଟର ଖରାପ ହେବା ଓ ଭାଷଣ ପରେ ହଲ୍‌ରେ ସାଉଣ୍ଡ ସିଷ୍ଟମ ଖରାପ ହେବା। ଏହାଦ୍ୱାରା ଅନ୍ୟ ନେତାମାନଙ୍କୁ ଟ୍ରମ୍ପଙ୍କ କଥା ଶୁଣିବା ପାଇଁ ଟ୍ରାନ୍ସଲେଟର ଇୟରପିସ୍‌ର ସାହାରା ନେବାକୁ ପଡ଼ିଥିଲା। ଆକ୍ସେଲେଟର ପରେ ଟେଲିପ୍ରିଣ୍ଟର ଖରାପ ହେବା ଘଟଣାକୁ ଦୁର୍ଭାଗ୍ୟଜନକ କହିଥିଲେ ଟ୍ରମ୍ପ। ଏହା ସତ୍ତ୍ୱେ ଟ୍ରମ୍ପ ୫୭ ମିନିଟ୍ ଭାଷଣ ଦେଇଥିଲେ।



## ଯୌନ ଅପରାଧୀଙ୍କୁ ହତ୍ୟା କଲେ ଆମେରିକାନ ଭାରତୀୟ

ଲସ୍‌ଏଞ୍ଜେଲ୍ସ, ୨୫।୯(ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟରେ ରହୁଥିବା ବରୁଣ ସୁରେଶ ନାମକ ଜଣେ ଭାରତୀୟ ଜଣେ ବୟସ୍କ ଯୌନ ଅପରାଧୀଙ୍କୁ ଛୁରୀ ଭୁଷି ହତ୍ୟା କରିଛନ୍ତି। ସେ ଜାଣିଶୁଣି ହତ୍ୟା କରିଛନ୍ତି ବୋଲି ପୁଲିସ କହିଛି। ସେପ୍ଟେମ୍ବର ୧୮ରେ ବରୁଣ ଓ ୭୧ ବର୍ଷୀୟ ଡେଭିଡ ବ୍ରିମରଙ୍କ ମଧ୍ୟରେ ଝଗଡ଼ା ହେବାର ସୂଚନା ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ସେତେବେଳେ ଡେଭିଡ୍ ତଳେ ପଡ଼ିଯାଇଥିଲା ଓ ତାଙ୍କ ଦେହରେ ଛୁରି ମାଡର କେତୋଟି ଚିହ୍ନ ଦେଖିବାକୁ ମିଳିଥିଲା। ପୁଲିସ ଓ ମେଡିକାଲ ଟିମ୍ ତାଙ୍କୁ ବଞ୍ଚାଇବାକୁ ପ୍ରୟାସ କରିଥିଲେ ମଧ୍ୟ ସେ ମୃତ୍ୟୁବରଣ କରିଥିଲେ। ଘଟଣାସ୍ଥଳରୁ ଛୁରି ଜବତ କରାଯିବା ପରେ ବରୁଣଙ୍କୁ ତୁରନ୍ତ ଗିରଫ କରାଯାଇଥିଲା। ୧୯୯୫ରେ ବ୍ରିମର ଜଣେ ନାବାଳକଙ୍କ ଯୌନ ଶୋଷଣ କରିଥିଲେ ଓ ଏଥିପାଇଁ ସେ ୭ ବର୍ଷ ଜେଲ ଦଣ୍ଡ ଭୋଗିଥିଲେ। ବରୁଣ କାଲିଫର୍ଣ୍ଣିଆର ଏକ ୱେବସାଇଟ୍‌ରେ ଯୌନ ଅପରାଧୀଙ୍କ ତାଲିକାରେ ବ୍ରିମରଙ୍କୁ ଦେଖି ତାଙ୍କୁ ଟାର୍ଗେଟ କରିଥିଲେ। ଛୋଟ ପିଲାଙ୍କୁ ଯୌନ ଶୋଷଣ କରୁଥିବାରୁ ଏଭଳି ଲୋକଙ୍କର ବଞ୍ଚିବାର ଅଧିକାର ନାହିଁ ବୋଲି ବରୁଣ ପୁଲିସକୁ କହିଥିଲେ। ହତ୍ୟା କରିଥିଲେ ମଧ୍ୟ ବରୁଣ ଆଦୌ ଅନୁତପ୍ତ ନୁହଁ ବୋଲି କହିଛି।

## କର୍ଣ୍ଣେଲ ପୁରୋହିତଙ୍କ ପଦୋନ୍ନତି

ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): ୨୦୦୮ରେ ବହୁ ଚର୍ଚ୍ଚିତ ମାଲେଗାଁଓ ବୋମା ବିସ୍ଫୋରଣ ମାମଲାରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ଜେଲରୁ ମୁକୁଳିବା ପରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରସାଦ ଶ୍ରୀକାନ୍ତ ପୁରୋହିତଙ୍କୁ କଲୋନେଲ ପଦକୁ ପ୍ରମୋଶନ ମିଳିଛି। ସେନାବାହିନୀରେ ଏହି ପ୍ରମୋଶନ ପାଇଁ ତାଙ୍କୁ ଦୀର୍ଘ ୧୭ ବର୍ଷ ପ୍ରତୀକ୍ଷା ପରେ ମିଳିଛି। ୨୦୨୫ ଜୁଲାଇ ୩୧ରେ ମୁମ୍ବଇର ଏକ ସ୍ୱତନ୍ତ୍ର କୋର୍ଟ କର୍ଣ୍ଣେଲ ପୁରୋହିତଙ୍କ ସମେତ ସବୁ ଅଭିଯୁକ୍ତଙ୍କୁ ଖଲାସ କରିଥିଲେ। ଏହି ବିସ୍ଫୋରଣରେ ୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। କୋର୍ଟ ତାଙ୍କୁ ଖଲାସ କରିବା ପରେ ସେନା ପୁରୋହିତଙ୍କ କ୍ୟାରିୟରରେ ଗତ ୧୬ ବର୍ଷ ଲାଗୁ କରାଯାଇଥିବା ଡିସିପ୍ଲିନ୍‌ଡ ଆଣ୍ଡ ଭିଜିଲାନ୍ସ (ଡିଭି) ପ୍ରତିବନ୍ଧ ହଟାଯାଇଛି। ଫଳରେ ତାଙ୍କର ପ୍ରମୋସନ ଓ ବାକି ଥିବା ଅନ୍ୟ ପ୍ରକ୍ରିୟାଗୁଡିକୁ ଆରମ୍ଭ କରାଯାଇଛି। ବିସ୍ଫୋରଣ ମାମଲାରେ ଅଭିଯୁକ୍ତ ଭାବେ ଗିରଫ କରାଯିବା ପରେ ତାଙ୍କ ଉପରେ ଡିଭି ପ୍ରତିବନ୍ଧ ଲାଗୁ କରାଯାଇଥିଲା। ତାଙ୍କୁ ପ୍ରମୋସନ ମିଳିବା ପରେ କେନ୍ଦ୍ରମନ୍ତ୍ରୀ ତଥା ବିହାରର ବେଗୁସରାଇ ଲୋକସଭା ସଦସ୍ୟ ଗିରିରାଜ ସିଂ ସାମାଜିକ ଗଣମାଧ୍ୟମ ଏକ୍ସରେ ଅଭିନନ୍ଦନ ଜଣାଇଛନ୍ତି। କୋର୍ଟଙ୍କ ଦ୍ୱାରା ନିର୍ଦ୍ଦୋଷ ସାବ୍ୟସ୍ତ ହେବା ପରେ ମୁଁ ଦେଶକୁ ବହୁତ ଭଲ ପାଏ। ନିଜ ଯବାନଙ୍କୁ ସହଯୋଗ କରୁଥିବା ଭାରତୀୟ ସେନାକୁ କୃତଜ୍ଞତା ଜଣାଉଛି ବୋଲି ପୁରୋହିତ କହିଥିଲେ।



### ବିଧବା ଓ ନିସନ୍ତାନ ମହିଳାଙ୍କ ସମ୍ପତ୍ତି ମାମଲା

## ମାତାପିତା ନୁହେଁ; ଶାଶୂଘର ଦାବିଦାର: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): ବିଧବା ଓ ନିଃସନ୍ତାନ ମହିଳାଙ୍କ ସମ୍ପତ୍ତି ଉପରେ ଅଧିକାର ନେଇ ସୁପ୍ରିମକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ହିନ୍ଦୁ ସମାଜରେ କନ୍ୟାଦାନ ପରମ୍ପରା ରହିଛି। ପରମ୍ପରା ଅନୁଯାୟୀ ଯେତେବେଳେ ଜଣେ ହିନ୍ଦୁ ମହିଳା ବିବାହ କରିଥାନ୍ତି, ସେତେବେଳେ ତାଙ୍କ ଗୋତ୍ର ଅର୍ଥାତ କୂଳ ବା ବଂଶ ବଦଳିଯାଇଥାଏ। ଏଭଳି କ୍ଷେତ୍ରରେ ବିଧବା କିମ୍ବା ନିଃସନ୍ତାନ ମହିଳାଙ୍କ ମୃତ୍ୟୁ ହେଲେ ତାଙ୍କ ସମ୍ପତ୍ତି ଉପରେ ମାତାପିତା ନୁହେଁ, ତାଙ୍କ ସ୍ୱାମୀ ଅର୍ଥାତ ଶାଶୂଘର ଘରର ଲୋକଙ୍କ ଅଧିକାର ରହିବ। ମହିଳା କୌଣସି ଇଚ୍ଛାପତ୍ର ଛାଡ଼ିନଥିଲେ ଏହି ନିୟମ ଲାଗୁହେବ। ହଜାର ହଜାର ବର୍ଷ ଧରି ଚାଲି ଆସିଥିବା ଏହି ପରମ୍ପରାରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି କୋର୍ଟ। ମାମଲାର ବିଚାର କରୁଥିବା ସୁପ୍ରିମକୋର୍ଟଙ୍କର ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ବିଭି ନାଗରତ୍ନା କହିଛନ୍ତି ଯେ ହିନ୍ଦୁ ସମାଜର ଏକ ସଂରଚନା ରହିଛି, ଆପଣ ତାହାକୁ ତଳେ ପକାଇପାରିବେ ନାହିଁ। ହଜାର ହଜାର ବର୍ଷଧରି ଚାଲିଆସୁଥିବା ଏହି ପରମ୍ପରାରେ ବାଧା ସୃଷ୍ଟି କରିବାକୁ ଆମେ ଚାହୁଁନାହୁଁ। ମହିଳାମାନଙ୍କୁ ଅଧିକାର ଆବଶ୍ୟକ। କିନ୍ତୁ ମହିଳାଙ୍କ ଅଧିକାର ଓ ସାମାଜିକ ପରମ୍ପରା ଓ ସଂରଚନା ମଧ୍ୟରେ ସନ୍ତୁଳନ ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି।

ଏଭଳି ପରମ୍ପରାକୁ ଚାଲେଞ୍ଜ କରି ଆଗତ କେତେକ ପିଟିସନ ଉପରେ ଶୁଣାଣି କରୁଛନ୍ତି ଜଷ୍ଟିସ ନାଗରତ୍ନା ଏବଂ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ। ଗୋଟିଏ ପିଟିସନ ଅନୁଯାୟୀ କୋଭିଡ ସମୟରେ ଏକ ନିଃସନ୍ତାନ ଦଂପତିଙ୍କର ମୃତ୍ୟୁ ଘଟିଥିଲା। ସେମାନଙ୍କ ସଂପତ୍ତି ଦଖଲ କରିବା ଲାଗି ଉଭୟ ପୁରୁଷ ଓ ମହିଳାଙ୍କର ମା' ଦାବି କରୁଛନ୍ତି। ପୁରୁଷଙ୍କ ମା' ପରଂପରା ଅନୁଯାୟୀ ଉଭୟ ତାଙ୍କ ପୁଅ ଓ ବୋହୂର ସମସ୍ତ ସଂପତ୍ତି ନେବାକୁ ଦାବି କରୁଥିବା ବେଳେ ଝିଅର ମା' ତାଙ୍କ ଝିଅ ନାମରେ ଥିବା ସଂପତ୍ତି ନେବାକୁ ଦାବି କରୁଛନ୍ତି। ମାମଲାର ଶୁଣାଣି ବେଳେ ମାନ୍ୟବର ବେଞ୍ଚ କହିଲେ ଯେ ଜଣେ ମହିଳା ବିବାହ କରିବା ପରେ ତାଙ୍କର ସମସ୍ତ ଦାୟିତ୍ୱ ତାଙ୍କ ସ୍ୱାମୀ ଓ ଶ୍ୱଶୂର ଘର ଉପରେ ନ୍ୟସ୍ତ ହୋଇଯାଏ। ଜଣେ ମହିଳା ଭରଣପୋଷଣ ପାଇଁ କେବେ ନିଜ ଭାଇ ବିରୋଧରେ ପିଟିସନ କରିଛି କି? ଯଦି ନାହିଁ, ତାହାହେଲେ ତାର ସଂପତ୍ତି ଉପରେ ମହିଳାଙ୍କ ବାପା ଘର ଲୋକ କାହିଁକି ଦାବି କରିବେ? ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବରରେ ହେବ।

## ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ସରକୋଜିଙ୍କୁ ୫ ବର୍ଷ ଜେଲ୍

ପ୍ୟାରିସ୍, ୨୫।୯(ଏଜେନ୍ସି): ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ନିକୋଲାସ ସରକୋଜି ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ୨୦୦୭ରେ ରାଷ୍ଟ୍ରପତି ନିର୍ବାଚନ ଅଭିଯାନରେ ସେ ସେତେବେଳର ଲିବିୟା ଏକଛତ୍ରବାଦୀ ଶାସକ ମୁଆମ୍ମାର ଗଦ୍ଦାଫିଂଠାରୁ ବିପୁଳ ପରିମାଣର ଅର୍ଥ ତଥା ପାଣ୍ଠି ନେଇଥିବାର ଅଭିଯୋଗ ହୋଇଥିଲା। ରାଜଧାନୀ ପ୍ୟାରିସର ଏକ କ୍ରିମିନାଲ କୋର୍ଟ ତାଙ୍କୁ ଏହି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛି। ତେବେ କୋର୍ଟ ତାଙ୍କୁ ଦୁର୍ନୀତି ଓ ଅବୈଧ ପାଣ୍ଠି ସଂଗ୍ରହ ପାଇଁ ଅନ୍ୟ ଦୁଇଟି ମାମଲାରେ ନିର୍ଦ୍ଦୋଷ ବୋଲି କହିଛନ୍ତି। ନିକୋଲାସ କିନ୍ତୁ ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ଏହି ଦଣ୍ଡ ବିରୋଧରେ ଅପିଲ କରିବାକୁ ପ୍ରସ୍ତୁତି କରୁଛନ୍ତି ବୋଲି କହିଛନ୍ତି। ୨୦୦୫ରେ ନିକୋଲାସ ଓ ତାଙ୍କ ସହଯୋଗୀ ୨୦୦୭ ରାଷ୍ଟ୍ରପତି ନିର୍ବାଚନ ପାଇଁ ବେଆଇନଭାବେ ଗଦ୍ଦାଫିଙ୍କଠାରୁ ଅର୍ଥ ନେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ବଦଳରେ ଗଦ୍ଦାଫି ନୋକାଲାସ୍‌ଙ୍କଠାରୁ କୂଟନୈତିକ ଓ ବ୍ୟବସାୟୀକ ସାହଯ୍ୟ ଲୋଡିଥିଲେ ଓ ହାସଲ ମଧ୍ୟ କରିଥିଲେ। ଗଦ୍ଦାଫି ତାଙ୍କ ଶାସନ କାଳରେ ମାନବଅଧିକାର ଉଲ୍ଲଂଘନ ଓ ଆତାଙ୍କବାଦ ପାଇଁ କୁଖ୍ୟାତ ଥିଲେ। ତେଣୁ ତାଙ୍କୁ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ସାହଯ୍ୟ କରିବା ନିକୋଲାସଙ୍କ ପାଇଁ ଏବେ ମହଙ୍ଗା ସାବ୍ୟସ୍ତ ହୋଇଛି ବୋଲି କୁହାଯାଉଛି। ୭୦ ବର୍ଷୀୟ ନିକୋଲାସ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଫ୍ରାନ୍ସର ରାଷ୍ଟ୍ରପତି ଭାବେ ଦାୟିତ୍ୱରେ ଥିଲେ।



## ଚୈତନ୍ୟାନନ୍ଦଙ୍କ ଭାଣ୍ଡାମୀର ପର୍ଦ୍ଦାଫାସ୍ କଲା ବାୟୁସେନା ଅଧିକାରୀଙ୍କ ଇ-ମେଲ୍

ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): ଦିଲ୍ଲୀର ବସନ୍ତକୁଞ୍ଜସ୍ଥିତ ଏକ ଘରୋଇ ମ୍ୟାନେଜମେଣ୍ଟ ସଂସ୍ଥାର ଅଧ୍ୟକ୍ଷ ତଥା ଆତ୍ମଘୋଷିତ ବାବା ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ ଡଃ ପାର୍ଥ ସାରଥୀଙ୍କ ଯୌନ ଶୋଷଣ ଜନିତ ଭାଣ୍ଡାମୀ ସାମ୍ନାକୁ ଆସିଛି। କର୍ଣ୍ଣାଟକ ଶ୍ରୀଙ୍ଗେରିସ୍ଥିତ ଶ୍ରୀ ସାରଦା ପିଠ ସହିତ ଜଡ଼ିତ ଥିବା ଏହି ସଂସ୍ଥାରେ ପଢୁଥିବା ୧୭ ଜଣ ଛାତ୍ରୀ ଏହି ବାବାଙ୍କ ବରୋଧରେ ଯୌନ ଶୋଷଣର ଗମ୍ଭୀର ଅଭିଯୋଗ ଆଣିଥିଲେ। ପୁଲିସ ଏ ନେଇ ମାମଲା ରୁଜୁ କରିଥିଲେ ମଧ୍ୟ ବାବା ଫେରାର ଅଛନ୍ତି। ବାବାଙ୍କ ଏହି ଚର୍ଚ୍ଚିତ କାଣ୍ଡ ଭାରତୀୟ ବାୟୁସେନାର ଜଣେ ଅଧିକାରୀଙ୍କ ଇ-ମେଲ୍‌ରୁ ହିଁ ସାମ୍ନାକୁ ଆସିଥିଲା। ଶାରଦା ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟର ଜଣେ ପୂର୍ବତନ ଛାତ୍ରୀ ଜୁଲାଇ ୨୮ରେ ଏହି ସଂସ୍ଥାକୁ ପତ୍ର ଲେଖି ବାବାଙ୍କ କାର୍ଯ୍ୟକଳାପକୁ ପର୍ଦ୍ଦାଫାସ କରିଥିଲେ। ଏହାର କିଛି ଦିନପରେ ଭାରତୀୟ ବାୟୁସେନାର ଜଣେ ଗ୍ରୁପ୍ କ୍ୟାପଟେନ୍ ଇ-ମେଲ ପଠାଇ ଏ ବିଷୟରେ ଉଲ୍ଲେଖ କରିଥିଲେ। କେତେଜଣ ଛାତ୍ରୀ ବାବାଙ୍କ ମନଇଚ୍ଛା ବ୍ୟବହାର ଓ ଉତ୍ପୀଡନ ନେଇ ଅଭିଯୋଗ କରିଥିଲେ ଓ ରାତିରେ ବାବା ହ୍ୱାଟ୍ସଆପ୍‌ରେ ଆପତ୍ତିଜନକ ମେସେଜ ପଠାଇଥିଲେ ବୋଲି ଅଧିକାରୀ ଜଣକ ଉଲ୍ଲେଖ କରିଛନ୍ତି। ଏହି ଇ-ମେଲ ପାଇବା ପରେ ସଂସ୍ଥାର ଗଭର୍ଣ୍ଣିଂ କାଉନସିଲ୍ ଅଗଷ୍ଟ ୩ରେ ୩୦ରୁ ଅଧିକ ଛାତ୍ରୀଙ୍କ ସହିତ ଆଭାସୀ ବୈଠକ କରିଥିଲେ। ଏଥିରେ କେତେଜଣ ଛାତ୍ରୀ ବାବାଙ୍କ ବରୋଧରେ ଯୌନ ଉତ୍ପୀଡ଼ନ, ଅଭଦ୍ର ଭାଷା, ଅବାଞ୍ଛିତ ଶାରୀରିକ ସ୍ପର୍ଶ ନେଇ ଅଭିଯୋଗ କରିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି ଜଣେ ଡିନ୍‌ଙ୍କ ସମେତ ସଂସ୍ଥାରେ ୩ ମହିଳା କର୍ମଚାରୀ ସବୁ ଜାଣି ମଧ୍ୟ ବାବାଙ୍କୁ ସହଯୋଗ କରିଥିଲେ।

## ପୋଷ୍ଟାଲ ବାଲାଟ ଗଣତି ପରେ ଇଭିଏମ୍‌ର ଚୂଡ଼ାନ୍ତ ଗଣତି

ପାଟନା, ୨୫।୯ (ଏଜେନ୍ସି): ନିର୍ବାଚନ କମିଶନ ବିହାର ବିଧାନସଭା ନିର୍ବାଚନରେ ଭୋଟ ଗଣତି ନେଇ ନୂଆ ପ୍ରଣାଳୀ ଲାଗୁ କରିବ। ନୂଆ ନିୟମ ଅନୁସାରେ ଯଦି ପୋଷ୍ଟାଲ ବାଲାଟ୍ ଗଣିତିରେ ବିଳମ୍ବ ହୁଏ, ତେବେ ଇଭିଏମ୍ କାଉଣ୍ଟିଂକୁ ରୋକି ଦିଆଯିବ। ଏଥିସହ ବାଲାଟ ଅଧିକ ହେଲେ କାଉଣ୍ଟିଂ ଟେବଲ ସଂଖ୍ୟାରେ ବୃଦ୍ଧି କରାଯିବ ବୋଲି କମିଶନ କହିଛନ୍ତି। କାଉଣ୍ଟିଂ ଦିନ ଭୋଟ ଗଣତି ସକାଳ ୮ଟାରେ ଆରମ୍ଭ ହୋଇଥାଏ। କିନ୍ତୁ ଇଭିଏମ୍ କାଉଣ୍ଟିଂ ୮.୩୦ରେ ଆରମ୍ଭ ହୋଇଥାଏ। କେତୋଟି ସେଣ୍ଟରରେ ମେସିନରେ କାଉଣ୍ଟିଂ ଶେଷ ହୋଇଥିଲେ ମଧ୍ୟ ବାଲାଟ ଗଣତି ପାଇଁ ସମୟ ଲାଗୁଥିଲା। କିନ୍ତୁ ଏବେ ଗଣତି ପ୍ରକ୍ରିୟା ଭିନ୍ନ ହେବ। ବାଲାଟ ଗଣତି ବାକି ଥିଲେ ଇଭିଏମ୍‌ର ଅନ୍ତିମ ରାଉଣ୍ଡ ବା ସେକେଣ୍ଡ ଲାଷ୍ଟ ରାଉଣ୍ଡ ଗଣତିକୁ ରୋକା ଯିବ। ଗୁରୁବାର କମିଶନ ପ୍ରେସ ବିଜ୍ଞପ୍ତି ଜାରି କରି ଏ ନେଇ ସୂଚନା ଦେଇଛନ୍ତି। ଏହି ନୂଆ ନିୟମ ବିହାର ବିଧାନସଭା ନର୍ବାଚନରେ ପ୍ରଥମେ ଲାଗୁ କରାଯିବ।

## ଆଜି ଅବସର ନେବ ମିଗ୍-୨୧ ବିମାନ



ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): ଦୀର୍ଘ ୬୨ ବର୍ଷ ହେବ ଦେଶକୁ ରକ୍ଷା କରିଆସୁଥିବା ଲଢୁଆ ବିମାନ ମିଗ୍-୨୧ ଶୁକ୍ରବାର ଅବସର ନେବ। ଫଳରେ ଭାରତୀୟ ବାୟୁସେନା ପାଇଁ ଏକ ଯୁଗର ଅବସାନ ହେବ। ଚଣ୍ଡିଗଡ଼ ବାୟୁସେନା ଷ୍ଟେସନରେ ମିଗ୍-୨୧ର ଅନ୍ତିମ ବିଦାୟୀ ସମାରୋହର ଆୟୋଜନ ହେବ। ଏହି ବିଦାୟୀ ସମାରୋହ ପାଇଁ ଚଣ୍ଡିଗଡ଼ରେ ଡ୍ରେସ ରିହରସାଲ ହୋଇଛି। ଏଥିରେ ମିଗ୍-୨୧ ସମେତ ଜାଗୁଆର, ସୂର୍ଯ୍ୟକିରଣ ଏରୋବେଟିକ୍ ଟିମ୍ ଆକାଶରେ ସୁନ୍ଦର ଉଡାଣ ଭରିଥିଲେ। ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂ ମିଗ୍-୨୧ ଉଡାଇ ତା'ର ଦକ୍ଷତା ପ୍ରଦର୍ଶନ କରିଥିଲେ। ଗୁରବାର ସେ ଏହି ଉଡାଣ ଭରିଥିଲେ ଓ ଶୁକ୍ରବାର ମଧ୍ୟ ସେ ମିଗ୍-୨୧ ଉଡାଇବେ। ଭାରତୀୟ ବାୟୁସେନାର ସପ୍ତମ ମହିଳା ଫାଇଟର ପାଇଲଟ୍ ସ୍କ୍ୱାଡ୍ରନ ଲିଡର ପ୍ରିୟା ଶର୍ମା ଶୁକ୍ରବାର ଶେଷଥର ପାଇଁ ମିଗ୍-୨୧କୁ ଆକାଶରେ ଉଡାଇବେ। ଏହି ବିମାନ ଧ୍ୱନୀର ଗତି (ସେକେଣ୍ଡ ପ୍ରତି ୩୩୨ ମିଟର)ଠାରୁ ଆହୁରି ଅଧିକ ବେଗ୍‌ରେ ଗତି କରିଥାଏ। ୧୯୬୦ ଦଶକରେ ମିଗ୍-୨୧ର ଆରମ୍ଭ ହୋଇଥିଲା। ସେତେବେଳର ସୋଭିଏତ ସଂଘ (ରୁଷିଆ) ରେ ଏହି ବିମାନର ଡିଜାଇନ୍ ହୋଇଥିଲା। ୧୯୬୩ ଏପ୍ରିଲ୍‌ରେ ୬ଟି ମିଗ୍-୨୧ ବିମାନ ପ୍ରଥମ ପର୍ଯ୍ୟାୟରେ ମୁମ୍ବଇରୁ ଚଣ୍ଡିଗଡ଼କୁ ଅଣାଯାଇଥିଲା। ଭାରତର ପ୍ରଥମ ସୁପରସୋନିକ୍ ଫାଇଟର ବିମାନ ମିଗ୍-୨୧ ୧୯୬୫, ୧୯୭୧ ଓ ୧୯୯୯ରେ ପାକିସ୍ତାନ ବିରୋଧରେ କାରଗିଲ ଯୁଦ୍ଧରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ସାରା ଦୁନିଆକୁ ନିଜର ଦକ୍ଷତା ପ୍ରତିପାଦନ କରିଥିଲା। ତେବେ ବିଭିନ୍ନ କାରଣରୁ ୪୦୦ରୁ ଊର୍ଦ୍ଧ୍ୱ ମିଗ୍-୨୧ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ଓ ଏଥିରେ ୨୦ ପାଇଲଟ ମୃତ୍ୟୁବରଣ କରିଥିଲେ। ଖାସ୍ ଏଥିପାଇଁ ଏହାକୁ ଫ୍ଲାଇଙ୍ଗ କଫିନ ଓ ୱିଡୋ ମେକରର ଆଖ୍ୟା ଦିଆଯାଇଥିଲା। ୨୦୨୧ରେ ଏହି ବିମାନ ୭ଥର କ୍ରାଶ ହୋଇଛି। ଏହାର ବିଦାୟୀ ସମାରୋହକୁ ଆକର୍ଷଣୀୟ ଓ ସ୍ମରଣୀୟ କରିବାକୁ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି। ସମାରୋହରେ ଏହି ବିମାନକୁ ପାଣିର ତୋପରେ ସଲାମୀ ଦିଆଯିବ। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉପସ୍ଥିତ ରହିବେ।

## ପାକିସ୍ତାନ ସ୍କୁଲ ପାଠ୍ୟକ୍ରମରେ 'ଅପରେସନ୍ ସିନ୍ଦୂର'

ଇସ୍‌ଲାମାବାଦ୍, ୨୫।୯(ଏଜେନ୍ସି): ପାକିସ୍ତାନ ନିଜ ସ୍କୁଲ ପାଠ୍ୟକ୍ରମରେ ଭାରତ ସହିତ ହୋଇଥିବା ୪ ଦିନର ଯୁଦ୍ଧକୁ ସାମିଲ କରିଛି। ଏଥିରେ ବିଭିନ୍ନ ପ୍ରକାର ତଥ୍ୟକୁ କଦର୍ଥ କରାଯାଇ ଉପସ୍ଥାପନ କରାଯାଇଛି। ଭାରତ ବିନା କୌଣସି କାରଣରେ ୨୦୨୫ ମେ ୭ରେ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା ବୋଲି ବହିରେ ଦର୍ଶାଯାଇଛି। ଭାରତ କଶ୍ମୀର ପହଲଗାମରେ ହୋଇଥିବା ଆକ୍ରମଣ ପାଇଁ ପାକିସ୍ତାନକୁ ମିଛରେ ଦାୟୀ କରିଛି। ଭାରତ ଯୁଦ୍ଧ ଆରମ୍ଭ କରିଥିଲା ବୋଲି ବହିରେ ଉଲ୍ଲେଖ କରାଯାଇଛି। କିନ୍ତୁ ଜବାବରେ ପାକିସ୍ତାନ ସେନା ଭାରତର ୪ଟି ରାଫେଲ ବିମାନକୁ ମାରି ଖସାଇଥିଲା ଓ କେତୋଟି ଏୟାର ବେସ୍‌କୁ ଧ୍ୱଂସ କରିଥିଲା ବୋଲି ବହିରେ ଉଲ୍ଲେଖ କରାଯାଇଛି। ତେବେ କେଉଁ ଶ୍ରେଣୀର ପାଠ୍ୟକ୍ରମରେ ଏହାକୁ ସାମିଲ କରାଯାଇଛି ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। କିନ୍ତୁ ପାଠ୍ୟକ୍ରମରେ ସାମିଲ କରିଥିବା ସବୁ ତଥ୍ୟ ମିଥ୍ୟା ବୋଲି ଜଣାପଡ଼ିଛି। ଉଲ୍ଲେଖଥାଉ କି, ପହଲଗାମ୍‌ରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଏଥିରେ ଭାରତ ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିଥିଲା ଓ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ। ୪ ଦିନର ସଂଘର୍ଷ ପରେ ପାକିସ୍ତାନ ଡିଜିଏମ୍ଓଙ୍କ ଅନୁରୋଧ କ୍ରମେ ଅସ୍ତ୍ରବିରତି ଘୋଷିତ ହୋଇଥିଲା। ଅବଶ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅପରେସନ ସିନ୍ଦୂର ଶେଷ ହୋଇନାହିଁ ବରଂ ସ୍ଥଗିତ ରଖାଯାଇଛି ବୋଲି ସେତେବେଳେ କହିଥିଲେ।



## ଭାରତ ଆମକୁ ତାଲିବାନ ଓ ଆଇଏସ୍ ନଜରରେ ଦେଖୁଛି: ୟୁନୁସ୍


ୱାଶିଂଟନ, ୨୫।୯ (ଏଜେନ୍ସି): ବାଂଲାଦେଶ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ଭାରତ ସହିତ ଥିବା ସମ୍ପର୍କ ନେଇ ମୁହଁ ଖୋଲିଛନ୍ତି। ଦୁଇ ଦେଶ ମଧ୍ୟରେ ଏବେ ସମସ୍ୟା ରହିଛି ବୋଲି ସେ ସ୍ୱୀକାର କରିଛନ୍ତି। ଭାରତକୁ ଆମ ଛାତ୍ରମାନଙ୍କ କାର୍ଯ୍ୟ ପସନ୍ଦ ଆସୁନାହିଁ ଓ ଆମକୁ ତାଲିବାନ ଓ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ନଜରରେ ଦେଖାଯାଉଛି। ପୁଣି ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଭାରତ ଶରଣ ଦେଇଛି। ଫଳରେ ବାଂଲାଦେଶ ବହୁ ସମସ୍ୟାର ସମ୍ମୁଖୀନ ହେଉଛି ବୋଲି ସେ କହିଛନ୍ତି। ହସିନାଙ୍କ କାରଣରୁ ବାଂଲାଦେଶରେ ବହୁ ଯୁବକ ହତ୍ୟାର ଶିକାର ହୋଇଛନ୍ତି। ଏହି କାରଣ ଯୋଗୁଁ ଭାରତ ଓ ବାଂଲାଦେଶ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କ ୨୦୨୪ ଅଗଷ୍ଟରୁ ଖରାପ ହେବା ଆରମ୍ଭ ହୋଇଥିଲା। ଯେତେବେଳେ ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତ ଚାଲି ଯାଇଥିଲେ। ଚାକିରି କୋଟା ନେଇ ଭେଦଭାବ ସୃଷ୍ଟି ହେବାରୁ ଛାତ୍ରମାନେ ବିରୋଧ ପ୍ରଦର୍ଶନ କରିଥିଲେ। ଏହି କାରଣ ଯୋଗୁଁ ବାଂଲାଦେଶରେ ସରକାର ପତନ ହୋଇଥିଲା। ଭାରତ ବାଂଲାଦେଶ ବିରୋଧରେ ଫେକ୍ ନ୍ୟୁଜ୍ ଅର୍ଥାତ ମିଥ୍ୟା ଖବର ପ୍ରଚାର ଓ ପ୍ରସାର କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ସାର୍କ (ଏସଏଏଆରସି) କେବଳ ଗୋଟିଏ ଦେଶର ରାଜନୀତି ନୁହଁ।

### ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ବାଦ୍ ପଡ଼ିଲେ ନାୟର, ପଡିକାଲ ସାମିଲ

ଦୁବାଇ,୨୫।୯ (ଏଜେନ୍ସି):





ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ମାଟିରେ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଯାଉଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଭାରତର ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଶୁବମନ ଗିଲ୍‌ଙ୍କୁ ଏହି ଦଳର ଅଧିନାୟକ ଓ ରବୀନ୍ଦ୍ର ଜାଡେଜାଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି। ଏହି ସିରିଜ୍ ପୂର୍ବରୁ ଇଂଲଣ୍ଡରେ ଖେଳିଥିବା ଭାରତୀୟ ଟେଷ୍ଟ ଦଳରୁ କରୁନ ନାୟର ଓ ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରିଜର୍ଭ ଖେଳାଳିଭାବେ ରହିଥିବା ଅଭିମନ୍ୟୁ ଈଶ୍ୱରନଙ୍କୁ ଏହି ଦଳରୁ ବାଦ୍ ଦିଆଯାଇଛି। ନାୟରଙ୍କ ସ୍ଥାନରେ ତାଙ୍କ ରାଜ୍ୟର ସାଥିଖେଳାଳି ଦେବଦତ୍ତ ପଡ଼ିକାଲଙ୍କୁ ଏବଂ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯାଇଛି। ତାମିଲନାଡୁର ଦୁଇ ଖେଳାଳି ସାଇ ସୁଦର୍ଶନ ଓ ୱିକେଟ ରକ୍ଷକ ନାରାୟଣ ଜଗଦୀଶନଙ୍କୁ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଆହତ ହୋଇଥିବା ଦଳର ନଂ-୧ ୱିକେଟରକ୍ଷକ ଋଷଭ ପନ୍ତ ଫିଟ୍ ହୋଇ ନ ଥିବାରୁ ତାଙ୍କୁ ଦଳରେ ସାମିଲ କରାଯାଇନାହିଁ। ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ପୁଣିଥରେ ଭାରତୀୟ ଦଳର ନଂ-୧ ୱିକେଟରକ୍ଷକ ଭାବେ ଚୟନ କରାଯାଇଛି। ଫାଷ୍ଟ ବୋଲର ଆକାଶ ଦୀପ୍ ମଧ ଟେଷ୍ଟ ଦଳରେ ସ୍ଥାନ ପାଇନାହାନ୍ତି। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଓ ଦ୍ୱିତୀୟ ମ୍ୟାଚ୍ ନୂଆଦିଲ୍ଲୀରେ ଅକ୍ଟୋବର ୧୦ରୁ ଖେଳାଯିବ।

ଏ ସମ୍ପର୍କରେ ବିସିସିଆଇ ସିନିଅର ଚୟନ କମିଟିର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହନ୍ତି ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ କରୁନ ନାୟରଙ୍କଠାରୁ ଆମେ କିଛି ସ୍ଥିର ଖେଳ ଓ ସଫଳତା ଆଶା କରୁଥିଲୁ। ସେ କିନ୍ତୁ ଗୋଟିଏ ଅର୍ଦ୍ଧଶତକ କରିପାରିଥିଲେ। ଏହି ସ୍ଥାନରେ ଜଣେ ଭଲ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଦଳରେ ନେବାକୁ ଚାହିଁଥିଲୁ। ଭାରତ ପକ୍ଷରୁ ଖେଳିଥିବା ଦେବଦତ୍ତ ପଡ଼ିକାଲଙ୍କୁ ସୁଯୋଗ ଦେବାକୁ ଆମେ ନିଷ୍ପତ୍ତି ନେଇଛୁ। ଆମେ ସମସ୍ତଙ୍କୁ ୧୫ରୁ ୨୦ ଟେଷ୍ଟ ଖେଳିବାକୁ ସୁଯୋଗ ଦେବାକୁ ଯୋଜନା କରୁଥିଲୁ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହା ସମ୍ଭବ ହେଉନାହିଁ। ଦୁବାଇରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ଘୋଷଣା କରିବା ଅବସରରେ ଅଜିତ ଅଗରକର ଏହା କହିଛନ୍ତି।

**ଘୋଷିତ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରବୀନ୍ଦ୍ର ଜାଡେଜା (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପଡ଼ିକାଲ, ଧ୍ରୁବ ଜୁରେଲ, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, କୁଲଦୀପ ଯାଦବ ଓ ନାରାୟଣ ଜଗଦୀଶନ।

**ୱେଷ୍ଟଇଣ୍ଡିଜ୍ ଦଳ:** ରୋଷ୍ଟୋନ ଚେଜ୍ (ଅଧିନାୟକ), ବ୍ରାଣ୍ଡନ କିଙ୍ଗ୍, ଆଲିକ୍ ଆଥାନାଜେ, ଟାଗେଁନାରିନ ଚନ୍ଦରପଲ, କେଭଲନ ଆଣ୍ଡରସନ, ଜନ୍ କ୍ୟାମ୍ପବେଲ, ସାଇ ହୋପ୍, ଟେଭଲିନ ଇମ୍‌ଲାଚ୍, ଜଷ୍ଟିନ ଗ୍ରିଭ୍‌ସ, ଶମର ଯୋଶେଫ, ଆଲଜରୀ ଯୋଶେଫ, ଜେଡେନ ସିଲ୍ସ, ଆଣ୍ଡରସନ ଫିଲିପ୍, ଜୋମେଲ ୱାରିକାନ୍, ଖାରୀ ପିଏରେ।

ସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୦୨ରୁ ୦୬।୧୦ | ପ୍ରଥମ ଟେଷ୍ଟ | ଅହମ୍ମଦାବାଦ |
| ୧୦ରୁ ୧୪।୧୦ | ଦ୍ୱିତୀୟ ଟେଷ୍ଟ | ନୂଆଦିଲ୍ଲୀ |

### ଏସିଆ କପ୍: ପାକ୍-ବାଂଲା ସୁପର-୪ ମୁକାବିଲା

## ଦୁବାଇରେ ବୋଲରଙ୍କ ପ୍ରାଧାନ୍ୟ



ଆଜିର ମ୍ୟାଚ୍
ଭାରତ-ଶ୍ରୀଲଙ୍କା
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

ଦୁବାଇ,୨୫।୯ (ଏଜେନ୍ସି): ଏଠାରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଏସିଆ କପ୍ ସୁପର-୪ ମୁକାବିଲାରେ ପାକିସ୍ତାନ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୩୫ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ମହମ୍ମଦ୍ ହାରିସ୍ ସର୍ବାଧିକ ୩୧, ମହମ୍ମଦ୍ ନୱାଜ ୨୫, ସଲମାନ ଅଲି ଆଘା ଓ ସାହିନ ଆଫ୍ରିଦୀ ୧୯ ରନ୍ ଲେଖାଏଁ କରିଥିଲେ। ଜବାବରେ ୧୩୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୯ ଓଭର ଖେଳ ଶେଷସୁଦ୍ଧା ୪ ୱିକେଟ ବିନିମୟରେ ୪୯ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ନୁରୁଲ ହାସନ ୧୨ ଓ ଶମିମ ହୋସେନ୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଆଉଟ ହୋଇଥିବା ପ୍ରଥମ ଦୁଇ ବ୍ୟାଟର ପରଭେଜ ହୋସେନ ଏମନ (୦) ଓ ତୋହିଦ୍ ହୃଦୟ (୫) ଅନାବଶ୍ୟକ ସଟ୍ ଖେଳି ସାହିନ ଆଫ୍ରିଦୀଙ୍କ ଶିକାର ବନିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଦଳର ଶ୍ରେଷ୍ଠ ବ୍ୟାଟର ତଥା ଓପନର ସୈଫ୍ ହାସନ ୧୮ ରନ୍ କରି ହାରିସ୍ ରୌଫ୍‌ଙ୍କ ଦ୍ୱାରା ଆଉଟ ହେବା ପରେ ପାକିସ୍ତାନ ମ୍ୟାଚ୍ ଜିତିଲାଭଳି ସିଲେବ୍ରେସନ କରିଥିଲା। ଏହି ମ୍ୟାଚ୍‌ରେ ବିଜୟୀ ଦଳ ଭାରତ ସହ ଆସନ୍ତା ରବିବାର ଫାଇନାଲ ଖେଳିବ। ସେହିପରି ଆସନ୍ତାକାଲି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସୁପର-୪ ପର୍ଯ୍ୟାୟର ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ।

ଗୁରୁବାର ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତି ପାକିସ୍ତାନକୁ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ପାକିସ୍ତାନ ପ୍ରଥମ ଓଭରରେ ୱିକେଟ ହରାଇ ବିପର୍ଯ୍ୟୟର ସୂତ୍ରପାତ କରିଥିଲା। ଏହି ଧାରା ଦଳ ବଜାୟ ରଖିବାରୁ ୧୧ଓଭର ସୁଦ୍ଧା ମାତ୍ର ୪୯ ରନ୍‌ରେ ଅଧା ଖେଳାଳିଙ୍କୁ ହରାଇଥିଲା। ଶେଷ ଭାଗରେ ମହମ୍ମଦ୍ ହାରିସ୍ ୨୩ ବଲ୍‌ରୁ ୩୧ ଓ ମହମ୍ମଦ୍ ନୱାଜ ୧୫ ବଲ୍‌ରୁ ୨୫ ରନ୍ କରିବା ଫଳରେ ଦଳ ଶହେ ରନ୍ ଅତିକ୍ରମ କରିଥିଲା। ଫହୀମ ଅଶ୍ରଫ ୯ ବଲ୍‌ରେ ୧୪ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଅଧିନାୟକ ସଲମାନ ଅଲି ଆଘା ଓ ସାହିନ ଆଫ୍ରିଦୀ ୧୯ ରନ୍‌ର ଯୋଗଦାନ ଦେଇଥିଲେ। ପାକସ୍ତାନ ପ୍ରଥମ ୧୦ ଓଭରରେ ୪ ୱିକେଟ ହରାଇ ୪୬ ଓ ଶେଷ ୧୦ ଓଭରରେ ୪ ୱିକେଟ ହରାଇ ୮୯ ରନ୍ କରିଥିଲା। ବାଂଲାର ପେସର ତସ୍କିନ ଅହମ୍ମଦ୍ ସର୍ବାଧିକ ୩ଟି, ଦୁଇ ସ୍ପିନର ମାହେଦୀ ହାସନ ଓ ରିଶାଦ ହୋସେନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ସର୍ବାଧିକ ୧୨ଟି କ୍ୟାଚ୍ ଛାଡ଼ିଛି ଭାରତ


ଦୁବାଇ, ୨୫।୯ (ଏଜେନ୍ସି): ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ କ୍ୟାଚ୍ ଛାଡ଼ିବାରେ ରେକର୍ଡ କରିଛି। ଗ୍ରୁପ୍‌ରୁ ସୁପର୍-୪ ପର୍ଯ୍ୟାୟ ପର୍ଯ୍ୟନ୍ତ ଭାରତୀୟ ଖେଳାଳିମାନେ ମୋଟ୍ ୫ଟି ମ୍ୟାଚ୍ ଖେଳି ୧୨ଟି କ୍ୟାଚ୍ ଡ୍ରପ୍ କରିଛନ୍ତି। ସେହିଭଳି ହଂକଂ ଦଳ ୩ଟି ମ୍ୟାଚରେ ୧୧ କ୍ୟାଚ୍ ଛାଡ଼ି ତାଲିକାର ୨ୟ ସ୍ଥାନରେ ରହିଛି। ବାଂଲାଦେଶ ୮ଟି, ଶ୍ରୀଲଙ୍କା ୬ଟି, ଆଫଗାନିସ୍ତାନ ୪ଟି, ଓମାନ ୪ଟି, ପାକିସ୍ତାନ ୩ଟି ଓ ଆୟୋଜକ ୟୁଏଇ ୨ଟି କ୍ୟାଚ୍ ଛାଡ଼ି ଏହି ତାଲିକାରେ ପଛକୁ ପଛ ରହିଛନ୍ତି।

## ଲିସା କେଟ୍‌ଲୀ ଏମ୍‌ଆଇ ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ

ମୁମ୍ବଇ,୨୫।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସିନିଅର ମହିଳା ଦଳର ପୂର୍ବତନ ହେଡ୍ କୋଚ୍ ଲିସା କେଟ୍‌ଲୀ ୨୦୨୬ ସିଜନ ମହିଳା ପ୍ରିମିୟର ଲିଗ୍ ପାଇଁ ମୁମ୍ବଇ ଇଣ୍ଡିଆନ୍ସ ମହିଳା ଦଳର ହେଡ୍ କୋଚ୍ ନିଯୁକ୍ତ ହୋଇଛନ୍ତି। ସେ ମୁମ୍ବଇକୁ ଦୁଇଥର ଚାମ୍ପିଅନ କରାଇଥିବା ହେଡ୍ କୋଚ୍ ଚାର୍ଲୋଟି ଏଡ୍‌ୱାର୍ଡ୍ସଙ୍କ ସ୍ଥାନରେ ନିଯୁକ୍ତି ପାଇନ୍ତି। ଚାର୍ଲୋଟିଙ୍କୁ ଇଂଲଣ୍ଡ ସିନିଅର ମହିଳା ଦଳର ହେଡ୍ କୋଚ୍ ଭାବେ ଦାୟିତ୍ୱ ମିଳିଛି। ୫୪ ବର୍ଷିୟା କେଟ୍‌ଲୀ ଅଷ୍ଟ୍ରେଲିଆ ପକ୍ଷରୁ ୯୧ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ୧୯୯୭ ଓ ୨୦୦୫ରେ ଅଷ୍ଟ୍ରେଲିଆ ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ସେ ଏହି ଦଳର ସଦସ୍ୟ ରହିଥିଲେ। ଅଷ୍ଟ୍ରେଲିଆ ଓ ଇଂଲଣ୍ଡରେ ଖେଳାଯାଉଥିବା ସୀମିତ ଓଭର ଲିଗ୍ କ୍ରିକେଟରେ ସେ ଜଣେ ସଫଳ କୋଚ୍ ଭାବେ ପ୍ରତିଷ୍ଠା ଲାଭ କରିଛନ୍ତି।

## ଇରାନି କପ୍‌ରେ ଆକାଶଦୀପ, ଈଶ୍ୱରନ୍ ସାମିଲ

ମୁମ୍ବଇ,୨୫।୯ (ଏଜେନ୍ସି): ଚଳିତ ସିଜନର ଭାରତର ଦ୍ୱିତୀୟ ଘରୋଇ କ୍ରିକେଟ ମୁକାବିଲା ଇରାନି କପ୍ ନାଗପୁରରେ ବିଦର୍ଭ ଓ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଖେଳାଯିବ। ଏହି ମୁକାବିଲା ଅକ୍ଟୋବର ୧ରେ ଆରମ୍ଭ ହେବାକୁ ଥିବା ରଣଜୀ ଚାମ୍ପିଅନ ବିଦର୍ଭ ଦଳର ନେତୃତ୍ୱ ଅକ୍ଷୟ ୱାଡକରଙ୍କୁ ଦିଆଯାଇଛି। ସେହିପରି ମଧ୍ୟପ୍ରଦେଶର ରଜତ ପାଟିଦାର ଅବଶିଷ୍ଟ ଭାରତ ଏକାଦଶର ନେତୃତ୍ୱ ନେବେ। ମହାରାଷ୍ଟ୍ରର ଋତୁରାଜ ଗାଏକ୍‌ୱାଡଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଖେଳିଥିବା ଆକାଶ ଦୀପ ଓ ଅଂଶୁଲ କାମ୍ବୋଜଙ୍କୁ ମଧ୍ୟ ଏହି ଦଳରେ ନିଆଯାଇଛି।



**ଘୋଷିତ ଦଳ:** ରଜତ ପାଟିଦାର (ଅଧିନାୟକ), ଋତୁରାଜ ଗାଏକ୍‌ୱାଡ୍ (ଉପଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଯଶ ଧୂଲ, ସେଖ ରଶିଦ୍, ଇଶାନ କିସାନ ଓ ଆର୍ଯ୍ୟନ ଜୁୟାଲ (ୱିକେଟରକ୍ଷକ), ତନୁଶ କୋଟିଆନ୍, ମାନବ ସୂତାର, ସାରାଂଶ ଜୈନ୍, ଗୁରନୁର ବ୍ରାର, ଖଲୀଲ ଅହମ୍ମଦ୍, ଆକାଶ ଦୀପ୍ ଓ ଅଂଶୁଲ କାମ୍ବୋଜ୍।

### ମହିଳା ଦିନିକିଆ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍

## ଭାରତ ବିପକ୍ଷରେ ନାଟାଲୀଙ୍କ ଦମ୍‌ଦାର ଶତକ

ବେଙ୍ଗାଲୁରୁ, ୨୫।୯ (ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପ୍ ପୂର୍ବରୁ ଗୁରୁବାରଠାରୁ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହୋଇଛି। ଏଠାରେ ଘରୋଇ ଭାରତ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ଇଂଲଣ୍ଡ ୫୦ ଓଭରରେ ୯ ୱିକେଟ୍ ହରାଇ ୩୪୦ ରନର ବିଶାଳ ସ୍କୋର କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପାଇଁ ଅଭିଜ୍ଞ ଖେଳାଳି ନାଟାଲୀ ସ୍କିଭର-ବ୍ରଣ୍ଟ ସର୍ବାଧିକ ୧୨୦ ରନ କରି ରିଟାୟାର୍ଡ ହର୍ଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇମା ଲାମ୍ବ ୮୪, ହେଥର ନାଇଟ୍ ୩୭, ଆମି ଜୋନ୍ସ ୩୯ ରନ କରିଥିଲେ। ଭାରତ ପକ୍ଷରୁ ସଫଳ ବୋଲର ଭାବେ କ୍ରାନ୍ତି ଗୌଡ଼ା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଭାରତ ଶେଷ ଖବର ସୁଦ୍ଧା ୧୭ ଓଭରରେ ୨ଟି ୱିକେଟ୍ ହରାଇ ୯୨ ରନ ସଂଗ୍ରହ କରିଛି। ହର୍ଲିନ ଦେଓଲ ୫, ଉମା ଛେତ୍ରୀ ୪୫ ରନ କରି ଆଉଟ୍ ହୋଇଥିଲେ। ବିଶ୍ୱକପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚରେ ସେପ୍ଟେମ୍ବର ୩୦ରେ ଗୌହାଟୀରେ ଖେଳିବ।

### ଅଷ୍ଟ୍ରେଲିଆ-ଏ’ ବିପକ୍ଷ ଦିନିକିଆ ସିରିଜ୍

## ଆୟର ଭାରତ-ଏ’ ଅଧିନାୟକ

ମୁମ୍ବଇ,୨୫।୯ (ଏଜେନ୍ସି): ଉତ୍ତରପ୍ରଦେଶର କାନପୁରରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୫ ତାରିଖଯାଏ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଶ୍ରେୟସ ଆୟରଙ୍କୁ ଭାରତ-ଏ’ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏହା ସହ ତାଙ୍କୁ ଇରାନି କପ୍ ଦଳରୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷରେ ଦିନିକ୍ରି ସିରିଜ୍ ଲାଗି ଅଧିନାୟକ ମନୋନୀତ ହୋଇଥିବା ରଜତ ପାଟିଦାରଙ୍କୁ ଏବେ ଇରାନି କପ୍ ଲାଗି ଅବଶିଷ୍ଟ ଭାରତୀୟ ଏକାଦଶର ନେତୃତ୍ୱ ପ୍ରଦାନ କରାଯାଇଛି। ପ୍ରଥମ ଦିନିକିଆ ଲାଗି ଘୋଷିତ ଦଳରୁ ୪ଜଣ ଖେଳାଳିଙ୍କୁ ବାଦ୍ ଦିଆଯାଇ ଏସିଆ କପ୍ ଖେଳୁଥିବା ଅଭିଷେକ ଶର୍ମା, ତିଳକ ବର୍ମା, ହର୍ଷିତ ରାଣା, ଅର୍ଶଦୀପ ସିଂହଙ୍କୁ ଦ୍ୱିତୀୟ ଓ ତୃତୀୟ ଦିନିକିଆ ଲାଗି ଦଳରେ ସାମିଲ କରାଯିବ।



**ପ୍ରଥମ ଦିନିକିଆ ଲାଗି ଦଳ :** ଶ୍ରେୟସ ଆୟର, ପ୍ରଭସିମନରନ ସିଂହ (ୱିକେଟରକ୍ଷକ), ରିୟାନ ପରାଗ, ଆୟୁଷ ବଦୋନି, ସୂର୍ଯ୍ୟାଂଶ ଶେଦ୍‌ଜେ, ବିପରାଜ ନିଗମ, ନିଶାନ୍ତ ସାନ୍ଧୁ, ଗୁରଜାନପ୍ରୀତ୍ ସିଂହ, ଯୁଦ୍ଧବୀର ସିଂହ, ରବି ବିଷ୍ଣୋଇ, ଅଭିଷେକ ପୋରେଲ (ୱିକେଟରକ୍ଷକ), ପ୍ରୀୟାଂଶ ଆର୍ଯ୍ୟ ଓ ସିମରଜିତ ସିଂହ।

**ଦ୍ୱିତୀୟ ଓ ତୃତୀୟ ଦିନିକିଆ ଲାଗି ଦଳ :** ଶ୍ରେୟସ ଆୟର, ତିଳକ ବର୍ମା (ଉପଅଧିନାୟକ), ଅଭିଷେକ ଶର୍ମା, ପ୍ରଭସିମନରନ ସିଂହ (ୱିକେଟରକ୍ଷକ), ରିୟାନ ପରାଗ, ଆୟୁଷ ବଦୋନି, ସୂର୍ଯ୍ୟାଂଶ ଶେଦ୍‌ଜେ, ବିପରାଜ ନିଗମ, ନିଶାନ୍ତ ସାନ୍ଧୁ, ଗୁରଜାନପ୍ରୀତ୍ ସିଂହ, ଯୁଦ୍ଧବୀର ସିଂହ, ରବି ବିଷ୍ଣୋଇ, ଅଭିଷେକ ପୋରେଲ (ୱିକେଟରକ୍ଷକ), ହର୍ଷିତ ରାଣା ଓ ଅର୍ଶଦୀପ ସିଂହ।

## ପୂର୍ବାଞ୍ଚଳ ଆଥଲେଟିକ୍ସରେ ଓଡ଼ିଶାକୁ ୨୧ ସ୍ୱର୍ଣ୍ଣ

କଟକ,୨୫।୯ (ସମିସ): ଝାଡଖଣ୍ଡର ରାଞ୍ଚିରେ ଚାଲିଥିବା ୩୬ତମ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ ଚାମ୍ପିଅନସିପ୍ ଶେଷ ହୋଇଛି। ଏଥିରେ ଓଡ଼ିଶାକୁ ବୃହତ୍ତ ସଫଳତା ମିଳିଛି। ଓଡ଼ିଆ ଆଥଲେଟମାନେ ୨୧ଟି ସ୍ୱର୍ଣ୍ଣ ସହ ମୋଟ ୪୯ ପଦକ ଜିତିଛନ୍ତି। ଏଥିରେ ୧୬ଟି ରୌପ୍ୟ ଏବଂ ୧୨ଟି କାଂସ୍ୟ ପଦକ ରହିଛି। ଚାମ୍ପିଅନସିପ୍‌ରେ ଆୟୋଜକ ଝାଡଖଣ୍ଡ(୧୭୨ ପଏଣ୍ଟ) ଦଳଗତ ଚାମ୍ପିଅନ ହୋଇଥିବା ବେଳେ ବିହାର(୧୬୮ ପଏଣ୍ଟ) ଦ୍ୱିତୀୟ ଏବଂ ଓଡ଼ିଶା (୧୬୫ ପଏଣ୍ଟ) ତୃତୀୟ ସ୍ଥାନରେ ରହିଛି। ୧୬ବର୍ଷରୁ କମ୍ ବାଳିକା ବର୍ଗରେ ଓଡ଼ିଶା ଚାମ୍ପିଅନ ହୋଇଥିବା ବେଳେ ୧୪ବର୍ଷରୁ କମ୍ ଏବଂ ୨୦ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶା ରନର୍ସଅପ ହୋଇଛି। ଏତଦବ୍ୟତୀତ ୨୦ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶାର ଆସ୍ତିକ ପ୍ରଧାନଙ୍କୁ ଶ୍ରେଷ୍ଠ ଆଥଲେଟ ଘୋଷଣା କରାଯାଇଛି।

### ସୁପର୍ କପ୍

## ଗୋଟିଏ ଗ୍ରୁପ୍‌ରେ ମୋହନ ବାଗାନ, ଇଷ୍ଟବେଙ୍ଗଲ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଅକ୍ଟୋବର ୨୫ରୁ ସୁପର୍ କପ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଆଇଏଫ୍‌ଏଫ୍‌ର ଏହି ସିଜନ ଓପନିଂ ଟୁର୍ଣ୍ଣାମେଣ୍ଟ ଲାଗି ଗୁରୁବାର ଡ୍ର’ ଘୋଷଣା ହୋଇଛି। ଆଇଏସ୍‌ଏଲ୍ ଚାମ୍ପିଅନ ମୋହନ ବାଗାନ ସୁପର୍ ଜାଏଣ୍ଟ୍‌ସ ଓ ୨୦୨୪ ସୁପର୍ କପ୍ ଚାମ୍ପିଅନ ଇଷ୍ଟ ବେଙ୍ଗଲ ସମାନ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଡ୍ର’ରେ ଉଭୟ ଦଳ ଗ୍ରୁପ୍-ଏ’ରେ ରହିଛନ୍ତି। ଏହି ଗ୍ରୁପ୍‌ରେ ଆଇଏସ୍‌ଏଲ୍‌ର ଅନ୍ୟତମ ଦଳ ଚେନ୍ନାଇନ ଏଫ୍‌ସି ଓ ଆଇ-ଲିଗ୍ ଦଳ ରିଅଲ୍ କାଶ୍ମୀର ସ୍ଥାନ ପାଇଛି। ଆଇଏସ୍‌ଏଲ୍‌ରୁ ୧୨ ଓ ଆଇ-ଲିଗ୍‌ରୁ ୪ଟି ଦଳ ଦଳ ଏଥର ସୁପର୍ କପ୍‌ରେ ଅଂଶଗ୍ରହଣ କରିବେ। ମୋଟ୍ ୧୬ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ସୁପର୍ କପ୍‌ର ଡିଫେଣ୍ଡିଂ ଚାମ୍ପିଅନ ଏଫ୍‌ସି ଗୋଆ ଗ୍ରୁପ୍-ବି’ରେ ରହିଛି।

**ଗ୍ରୁପ୍ ତାଲିକା**

ଗ୍ରୁପ୍-ଏ: ମୋହନ ବାଗାନ ଏସ୍‌ଜି, ଇଷ୍ଟ ବେଙ୍ଗଲ, ଚେନ୍ନାଇନ ଏଫ୍‌ସି ଓ ରିଅଲ କାଶ୍ମୀର

ଗ୍ରୁପ୍-ବି: ଏଫ୍‌ସି ଗୋଆ, ଜାମସେଦପୁର ଏଫ୍‌ସି, ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଓ ଇଣ୍ଟର କାଶୀ

ଗ୍ରୁପ୍-ସି: ବେଙ୍ଗାଲୁରୁ ଏଫ୍‌ସି, ମହମ୍ମଡାନ ସ୍ପୋର୍ଟିଂ, ପଞ୍ଜାବ ଏଫ୍‌ସି ଓ ଗୋକୁଲମ କେରଳ

ଗ୍ରୁପ୍-ଡି: ମୁମ୍ବାଇ ସିଟି ଏଫ୍‌ସି, କେରଳା ବ୍ଲାଷ୍ଟର୍ସ, ହାଇଦରାବାଦ୍ ଏଫ୍‌ସି ଓ ରାଜସ୍ଥାନ ୟୁନାଇଡଟେଡ୍ ଏଫ୍‌ସି

### ଓପିଟିଏଲ୍ ୨୦୨୫

## ଫାଇନାଲରେ ସମ୍ବଲପୁର ୱାରିୟର୍ସ

କଟକ,୨୫।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବର୍ଷାରେ ଧୋଇଯିବା ପରେ ପଏଣ୍ଟ ଆଧାରରେ ସମ୍ବଲପୁର ୱାରିୟର୍ସଙ୍କୁ ଫାଇନାଲରେ ସୁଯୋଗ ମିଳିଛି। ଆଜି ଅପରାହ୍ନରେ ବାରବାଟୀ ଷ୍ଟାଡିୟମରେ ଭୁବନେଶ୍ୱର ଟାଇଗର୍ସ ବିପକ୍ଷ ଏହି ମ୍ୟାଚ୍ ବର୍ଷା ଯୋଗୁଁ ଅଧାରୁ ବନ୍ଦ ରହିଥିଲା, ମାତ୍ର ଓଦା ଆଉଟଫିଲ୍ଡ ଯୋଗୁଁ ଖେଳ ପୁର୍ନବାର ଆରମ୍ଭ ହୋଇ ପାରିନଥିଲା। ଖେଳ ସ୍ଥଗିତ ରହିବା ବେଳକୁ ପ୍ରଥମେ ବ୍ୟାଟିଂ କରୁଥିବା ଟାଇଗର୍ସ ୧୪ ଓଭରରେ ୪ ୱିକେଟ ବିନିମୟରେ ୮୩ ରନ ସଂଗ୍ରହ କରିଥିଲା। ତେବେ ଟୁର୍ଣ୍ଣାମେଣ୍ଟର ରାଉଣ୍ଡରବିନ୍ ଲିଗ୍‌ରେ ୱାରିୟର୍ସ ୧୪ ପଏଣ୍ଟ ସହ ଟେବଲର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଟାଇଗର୍ସ ୧୨ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଥିଲା। ଲିଗ୍ ପର୍ଯ୍ୟାୟରେ ଅଧିକ ୨ ପଏଣ୍ଟ ୱାରିୟର୍ସଙ୍କୁ ଫାଇନାଲରେ ପହଞ୍ଚାଇଛି। କଟକ ପାନ୍ଥର୍ସ ଏବଂ ପୁରୀ ଟାଇଟନ୍ସ ବିପକ୍ଷ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ପୁରୀ ଟାଇଟନ୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ ପାନ୍ଥର୍ସ ଶେଷ ଖବର ସୁଦ୍ଧା ୧୬ ଓଭରରେ ୫ ୱିକେଟ୍ ହରାଇ ୧୫୧ ରନ୍ ସ୍କୋର କରିଛି। ଦଳ ପକ୍ଷରୁ ଅଭିଜ୍ଞ ଖେଳାଳି ବିପ୍ଳବ ସାମନ୍ତରାୟ୨୮ ବଲ୍‌ରେ ୫ ଛକ୍କା ସହାୟତାରେ ୪୮ ରନ୍ କରିଛନ୍ତି।

### କଳିଙ୍ଗରେ ଏସିଆନ୍ ଟିଟି ଟିମ୍ ଚାମ୍ପିଅନସିପ୍ ୧୧ରୁ

## ଭାଗନେବେ ୨୨ ଦେଶର ଖେଳାଳି

ଭୁବନେଶ୍ୱର, ୨୫।୯ (ସମିସ): ପ୍ରଥମଥର ଲାଗି ଓଡ଼ିଶାରେ ଏସିଆନ୍ ଟେବଲ୍ ଟେନିସ (ଟିଟି) ଟିମ୍ ଚାମ୍ପିଅନସିପ୍ ଆୟୋଜିତ ହେବାକୁଯାଉଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୧୧ରୁ ଏହି ସମ୍ମାନଜନକ ପ୍ରତିଯୋଗିତାର ର ୨୮ତମ ସଂସ୍କରଣ ଆରମ୍ଭ ହେବ। ପାଞ୍ଚଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୨ ଦେଶର ପାଖାପାଖି ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଟିଟି ମହାସଂଘର ସାଧାରଣ ସମ୍ପାଦକ କମଳେଶ ମେହେଟା ସୂଚନା ଦେଇଛନ୍ତି। ଆୟୋଜକ ଭାରତ ବ୍ୟତୀତ ଜାପାନ, ଚାଇନା, କୋରିଆ, ଉତ୍ତରକୋରିଆ, ଚାଇନିଜ ତାଇପେଇ, ହଂକଂ, ସିଙ୍ଗାପୁର, ମାକାଉ, ବାଂଲାଦେଶ, ଇରାନ, କାଜାଖସ୍ଥାନ, କିର୍ଗିଜସ୍ତାନ, ମାଲେସିଆ, ମାଳଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କାତାର, ଶ୍ରୀଲଙ୍କା, ଥାଇଲାଣ୍ଡ ଓ ଉଜବେକିସ୍ତାନ ଦଳ ଭାଗନେବ। ଏଥିରେ ଉଭୟ ବାଳକ ଓ ବାଳିକା ଟିମ୍ ଇଭେଣ୍ଟରେ ମ୍ୟାଚ୍ ଖେଳାଯିବ।



ଏହି ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ୨୦୨୬ରେ ଲଣ୍ଡନରେ ଖେଳାଯିବାକୁ ଥିବା ବିଶ୍ୱ ଟିଟି ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନ କରିବ ବୋଲି ଜଣାପଡ଼ିଛି। ସେହିଭଳି ଏହି ଟୁର୍ଣ୍ଣାମେଣ୍ଟ ସମୟରେ କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୧୦ରୁ ୪୦ତମ ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପ୍ ଓ ୧୧ରୁ ଆଇଟିଏଫ୍ ମାଷ୍ଟର୍ସ-୧୦୦ ଟେନିସ ଚାମ୍ପିଅନସିପ୍ ଖେଳାଯିବ। ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆୟୋଜକ କମିଟିର ନିର୍ଦ୍ଦେଶକ ଏନ୍. ଗଣେଶନ, ସମ୍ପାଦକ ରବୀନ୍ଦ୍ର ପରିଡ଼ା, କ୍ରୀଡ଼ା ନିର୍ଦ୍ଦେଶକ ଡ. ବିଜୟ ଯେହୁଲା ପ୍ରମୁଖ ଉପସ୍ଥିତ ରହିଥିଲେ।

### ଓଡ଼ିଶା ପ୍ରୋ ଟି-୨୦ ଲିଗ୍

## ରାଜେଶ ଓ ଡାନିସ୍‌ଙ୍କୁ ଚେତନଙ୍କ ପ୍ରଶଂସା

କଟକ,୨୫।୯ (ସମିସ):



ଓଡ଼ିଶା ପ୍ରୋ ଟି-୨୦ ଲିଗ(ଓପିଟିଏଲ) ଘରୋଇ ଖେଳାଳିମାନଙ୍କ ନିମନ୍ତେ ଏକ ବଡ ପ୍ଲାଟଫର୍ମ। ଏଥିରେ ଭାଗ ନେଇଥିବା ଖେଳାଳିମାନେ ନିଜ ପ୍ରଦର୍ଶନ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ। ସମସ୍ତ ଦଳରେ କେତେକ ବ୍ୟାଟର ଓ ବୋଲର ରହିଛନ୍ତି, ଯାହାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ପରିଲକ୍ଷିତ ହୋଇଛି। ବ୍ୟକ୍ତିଗତ ଭାବେ କହିବାକୁ ଗଲେ ରାଜେଶ ମହାନ୍ତି ଓ ମହମ୍ମଦ ଡାନିସ୍‌ଙ୍କ ଖେଳ ପସନ୍ଦ ଆସିଛି ବୋଲି ଓପିଟିଏଲରେ ଭାଷ୍ୟକାର ଦାୟିତ୍ୱ ତୁଲାଉଥିବା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଚେତନ ଶର୍ମା କହିଛନ୍ତି। ପୁରୀ ଟାଇଟନ୍ସ ଦଳରୁ ଦୁଇ ପେସ୍ ବୋଲର ରାଜେଶ ଓ ଡାନିସ ପ୍ରତିନିଧିତ୍ୱ କରୁଛନ୍ତି।

ଘରୋଇ କ୍ରିକେଟରୁ ଜାତୀୟ ଦଳର ଯାତ୍ରା ବାବଦରେ ଚେତନ କହିଛନ୍ତି ଯେ, ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ଏଭଳି ପଦକ୍ଷେପ ନିହାତି ରୂପେ ପ୍ରଶଂସନୀୟ। ଗତବର୍ଷ ଦିଲ୍ଲୀ ପ୍ରିମିୟର ଲିଗ୍‌ରୁ ୬ଜଣ ଖେଳାଳି ରାଜ୍ୟ ଦଳରେ ସ୍ଥାନ ପାଇଥିଲେ। ଏମାନଙ୍କୁ ଆଇପିଏଲରେ ମଧ୍ୟ ସୁଯୋଗ ମିଳିଥିଲା। ଓପିଟିଏଲରେ ଖେଳୁଥିବା ୬ଟି ଯାକ ଦଳରୁ କିଛି ଖେଳାଳି ଅତିକମ୍‌ରେ ରାଜ୍ୟ ଦଳରେ ନିହାତି ରୂପେ ସ୍ଥାନ ପାଇବାର ହକ୍‌ଦାର ଅଟନ୍ତି। ଏହି ପରିପ୍ରେକ୍ଷୀରେ ୧୯୮୭ ବିଶ୍ୱକପ୍‌ରେ ନିଜ ହ୍ୟାଟ୍ରିକ ୱିକେଟ ସଫଳତାକୁ ମନେ ପକାଇ ସେ କହିଥିଲେ ଯେ, ପ୍ରତ୍ୟେକ ଖେଳାଳିର ସ୍ୱପ୍ନ ଥାଏ ଥରେ ଜାତୀୟ ଦଳର ଜର୍ସି ପିନ୍ଧିବାକୁ। ସେ ସୁଯୋଗ ପାଇବା ପରେ ଭଲ ଖେଳି ଦେଶର ନାମ ଉଜ୍ଜଳ କରିବାକୁ ଲକ୍ଷ୍ୟ ରଖିଥାଏ। ବିଶ୍ୱକପ୍‌ର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ମୋତେ ସେଭଳି ସୁଯୋଗ ମିଳିଥିଲା। କ୍ରିକେଟ ଦୁନିଆରେ ହ୍ୟାଟ୍ରିକ କଥା ଆଲୋଚନାକୁ ଆସିଲେ ଚେତନ ଶର୍ମାଙ୍କୁ ସମସ୍ତେ ମନେ ପକାଇବେ ବୋଲି ସେ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS